

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୭୭ ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୧୧,୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.177 Bhubaneswar, Tuesday, March 11, 2025


## ଓଡ଼ିଶା ହେବ ଦେଶର ପ୍ରମୁଖ ଆଇଟି ହବ୍

ଭୁବନେଶ୍ୱର, ୧୦/୩: ଓଡ଼ିଶା ଆଗାମୀ ଦିନରେ ହେବ ଦେଶର ପ୍ରମୁଖ ଆଇଟି ହବ୍ । ଆସନ୍ତା ୨ ବର୍ଷରେ ଆଇଟି କ୍ଷେତ୍ରରେ ସୃଷ୍ଟି ହେବ ୫୦ ହଜାର ନିଯୁକ୍ତି । ଏଥିପାଇଁ ରାଜ୍ୟ ସରକାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ରାଜ୍ୟ ସରକାର ଆଇଟି କ୍ଷେତ୍ରରେ ଅଧିକ ସଂଖ୍ୟାରେ ଅପେକ୍ଷାରେ ରହିଛି । ସିଙ୍ଗାପୁର କିମ୍ବା ମାଲେସିଆରୁ ସମୁଦ୍ର ତଳେ ଆସିବ ନେଟ୍ । ପୁରୀରେ ହେବ ଡାଟା ସେଣ୍ଟର । ଆଇଟି କଂପାନୀରେ ଓଡ଼ିଶାର ଯୁବକଯୁବତୀଙ୍କ ନିଯୁକ୍ତି ପାଇଁ ମାସିକ ୨୫ ହଜାର ପ୍ରୋତ୍ସାହନ ରାଶି ଦେବେ ସରକାର । ନିବେଶକଙ୍କ ପାଇଁ ମୂଳ

### ସୃଷ୍ଟି ହେବ ୫୦ ହଜାର ନିଯୁକ୍ତି

ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରିବାକୁ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି । ଆସିବାକୁ ଥିବା ନୂଆ ଆଇଟି ପଲିସିରେ କଂପାନୀଙ୍କୁ ବିଜୁଳି, ଅଫିସ ଭଡ଼ା ସହ ମୂଳ ପୁଞ୍ଜିରେ ବି ରିହାତି ଦିଆଯିବ । ଏହି ପଲିସି ଏବେ ଡ୍ରାଫ୍ଟ ଆକାରରେ ଥିବା ବେଳେ କେବଳ କ୍ୟାବିନେଟ୍ ମୋହର ପୁଞ୍ଜିରେ ରିହାତି ସହ ୩୫ ଲକ୍ଷ ଯାଏଁ ବିଦ୍ୟୁତ ବିଲ୍ ବି ଛାଡ଼ ହେବ। ନୂଆ ସରକାର ଆଣୁଛନ୍ତି ନୂଆ ଆଇଟି ପଲିସି। ରାଜ୍ୟରେ IT ଏବଂ ITES କଂପାନୀ ପାଇଁ ୧୦୦ କୋଟି ଯାଏଁ ନିବେଶରେ ମୂଳ ପୁଞ୍ଜିରେ ୩୦ ପ୍ରତିଶତ ଯାଏଁ ରିହାତି ଦେବେ ସରକାର। ଅର୍ଥାତ ନିବେଶକଟିଏ




୩୦ କୋଟି ଯାଏଁ ରିହାତି ପାଇପାରିବେ। ସେହିପରି ୧୦୦ରୁ ୨୦୦ କୋଟି ଯାଏଁ ୨୫ ପ୍ରତିଶତ ଏବଂ ୨୦୦ କୋଟିରୁ ଅଧିକ ନିବେଶରେ ୨୦ ପ୍ରତିଶତ ରିହାତି ଦେବେ ରାଜ୍ୟ ସରକାର। ଜମି ବାବଦକୁ ବି ରହିଛି ରିହାତି ସୁବିଧା। ଏମିତି କି ସରକାରୀ ବିଲ୍ଡିଂ ଷ୍ଟାର୍ଟ ଅପ୍ ତଥା ଭଡ଼ାରେ ଅଫିସ ଚାହୁଁଥିବା ଆଇଟି କମ୍ପାନୀକୁ ଅଫିସ ଭଡା ବାବଦକୁ ରହିଛି ରିହାତି। ୩ରୁ ୫ ବର୍ଷ ଯାଏଁ ୫୦ ପ୍ରତିଶତ ଭଡ଼ା ବହନ କରିବେ ସରକାର। ସେହିପରି ୩୫ ଲକ୍ଷ ଯାଏଁ ୩୦ ପ୍ରତିଶତ ବିଜୁଳି ବିଲ୍ ବି ଛାଡ ହେବ। ପ୍ରଥମ ପାଞ୍ଚ ବର୍ଷ ପାଇଁ ବାର୍ଷିକ ୧୨ ଲକ୍ଷ ଯାଏଁ ଇଣ୍ଟରନେଟ ଫି ବି ଦେବେ ସରକାର। ମନ୍ତ୍ରୀ କହିଛନ୍ତି ପୂର୍ବ ସରକାରଙ୍କ ପଲିସି ଧୂଆଁବାଣ ଥିଲା, ଆମେ ପ୍ରତିଶ୍ରୁତି ପୂରଣ କରିବୁ। ଏବେ ଏକ ଡ୍ରାଫ୍ଟ କରି ମତାମତ ନେଉଛନ୍ତି ସରକାର। ଖୁବ୍ ଶୀଘ୍ର କ୍ୟାବିନେଟ୍ ମୋହର ବାଜିବା ପରେ ଆସିବ ମୋହନ ସରକାରଙ୍କ ନୂଆ ଆଇଟି ପଲିସି। ଅନ୍ୟପଟେ ଆଇଟି କ୍ଷେତ୍ର ପାଇଁ ବି ବଜେଟରେ ହୋଇଛି ସ୍ୱତନ୍ତ୍ର ବ୍ୟୟବରାଦ। ରାଜ୍ୟରେ ୮ଟି ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ରହିଥିବା ବେଳେ ଆଉ ୮ଟି STPI ପ୍ରତିଷ୍ଠା କରାଯିବ। ଏଥି ପାଇଁ ଶହେ କୋଟି ଖର୍ଚ୍ଚ କରିବେ ସରକାର। କେନ୍ଦୁଝର ଏବଂ କୋରାପୁଟରେ ହେବ ଡାଟା ସେଣ୍ଟର। ନୂଆ ଆଇଟି ପଲିସି ନେଇ ରାଜ୍ୟ ଏବଂ ରାଜ୍ୟ ବାହାରର ଆଇଟି ବିଶେଷଜ୍ଞ ଏବଂ ନିବେଶକଙ୍କ ମତାମତ ନେଉଛନ୍ତି ସରକାର। ବାହାରେ ଓଡ଼ିଶା ସଫ୍ଟୱେୟାରର ଚାହିଦା ବଢୁଥିବା ବେଳେ ଆସନ୍ତା ୨ ବର୍ଷରେ ଆଇଟି କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହାସହିତ ଆସନ୍ତା ୨ରୁ ୩ ବର୍ଷ ଭିତରେ ଓଡିଶାକୁ ଆଇଟି ହବ୍ କରିବାକୁ ସରକାରଙ୍କ ଯୋଜନା ରହିଛି।

## ରଥଯାତ୍ରାକୁ ମିଳିବ ୟୁନେସ୍କୋ ମାନ୍ୟତା



ପୁରୀ,୧୦/୩: ରଥଯାତ୍ରାକୁ ୟୁନେସ୍କୋ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଆଶା ପୁଣି ଜାଗିଛି। ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଅମୂର୍ତ୍ତ (ଇନ୍‌ଟାଞ୍ଜିବଲ୍) ସାଂସ୍କୃତିକ ଐତିହ୍ୟ ମାନ୍ୟତା ନେଇ ଶ୍ରୀମନ୍ଦିର ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ଏ ନେଇ ନାମାଙ୍କନପତ୍ର ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି। ଖୁବ୍ ?ଶୀଘ୍ର ଏହା ଦାଖଲ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବିଶ୍ୱପ୍ରସିଦ୍ଧ ଏହି ମହାର୍ଘ ଯାତ୍ରାର ମହାନତା ଉପଲବ୍ଧି କରି କର୍ତ୍ତୃପକ୍ଷ ଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ଆଶା ବ୍ୟକ୍ତ କରାଯାଇଛି। ରଥଯାତ୍ରାକୁ ୟୁନେସ୍କୋ ମୋହର ମିଳିବା ଆଶାରେ ୨୦୨୨ ନଭେମ୍ବରରେ ମଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନ୍ତତଃ ୨୦୨୩ ରଥଯାତ୍ରା ପୂର୍ବରୁ ଏହି ମାନ୍ୟତା ମିଳିବା ନେଇ ଆଶା ରହିଥିଲା। ମାତ୍ର ପ୍ରକ୍ରିୟା ବିଳମ୍ବ ହେବାରୁ ଏଥିରେ ସଫଳତା ମିଳିପାରି ନଥିଲା। ଏହି ମାନ୍ୟତା ମିଳିବା ଲକ୍ଷ୍ୟ ନେଇ ଏକ କମିଟି ଗଠନ ହେବା ସହ ଏ ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ପ୍ରସ୍ତୁତ କରିବାକୁ ସେତେବେଳେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା।  ରଥଯାତ୍ରା ବିଶ୍ୱପ୍ରସିଦ୍ଧ ହୋଇଥିଲେ ମଧ ୟୁନେସ୍କୋ ପକ୍ଷରୁ ମାନ୍ୟତା ଦିଆଯିବା ଫଳରେ ଅନ୍ତର୍ଜାତୀୟସ୍ତରରେ ରଥଯାତ୍ରାର ଆହୁରି ପରିବ୍ୟାପ୍ତ ଓ ପ୍ରସିଦ୍ଧି ବଢ଼ିବ। ସେଇ ଦୃଷ୍ଟିରୁ ୨୦୨୨ ଅକ୍ଟୋବର ମାସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ବର୍ଷ ନଭେମ୍ବର ୪ ତାରିଖରେ ଶ୍ରୀମନ୍ଦିର ପ୍ରଶାସନକୁ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ଚିଠି ଦେଇଥିଲେ। ଚିଠି ମୁତାବକ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ସେଥିରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ୨ ଜଣ ମଠାଧୀଶ ରହିଥିଲେ। ଏକ ଘରୋଇ ଏଜେନ୍ସି ଏ କ୍ଷେତ୍ରରେ ସେତୁ ଭଳି କାମ କରିଥିଲା। କିନ୍ତୁ ଏହା ପରେ ପ୍ରକ୍ରିୟା ଧିମା ପଡ଼ିଗଲା। ରିପୋର୍ଟ ୨୦୨୩ ମସିହାରୁ ପ୍ରସ୍ତୁତ ସରିଥିଲା। ଉକ୍ତ ବର୍ଷ ଫେବ୍ରୁଆରି ମାସରେ ମ୍ୟାନେଜିଂ କମିଟି ସଦସ୍ୟଙ୍କୁ ପ୍ରସ୍ତୁତ ହୋଇଥିବା ରିପୋର୍ଟ ତର୍ଜମା କରିବାକୁ ଦିଆଯାଇଥିଲା। ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟିର ୫ ଜଣ ସେବାୟତ ସଦସ୍ୟ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସଂଶୋଧନ କରିଥିଲେ। ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କୁ ମଧ ଏହି ରିପୋର୍ଟ ପଠାଯାଇଥିଲା। ମାର୍ଚ୍ଚ ମାସ ଶେଷ ସୁଦ୍ଧା ରିପୋର୍ଟ ଦିଆଯାଇଥିଲା। ତେବେ ବିଳମ୍ବ ଯୋଗୁ ଉକ୍ତ ବର୍ଷ ଏହି ମାନ୍ୟତା ପାଇବା ନେଇ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ହୋଇପାରିନଥିଲା। ୨୦୨୪ରେ ମଧ ଏହି ଲକ୍ଷ୍ୟ ସାଧନ ହୋଇପାରିଲା ନାହିଁ। ତେବେ ଚଳିତ ବର୍ଷ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ପାଢ଼ୀଙ୍କ ଉଦ୍ୟମ କ୍ରମେ ଅନ୍ତତଃ ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଏହି ମାନ୍ୟତା ମିଳିଯିବା ନେଇ ଆଶା ଜାଗ୍ରତ ହୋଇଛି।

## ଖରାଦିନ ଆରମ୍ଭରୁ ଚିନ୍ତା ବଢାଇଲାଣି ଜଙ୍ଗଲ ନିଆଁ

ଭୁବନେଶ୍ୱର, ୧୦/୩: ଖରାଦିନ ଆରମ୍ଭରୁ ଚିନ୍ତା ବଢାଇଲାଣି ଜଙ୍ଗଲ ନିଆଁ । ମୟୂରଭଞ୍ଜରୁ ସୁନ୍ଦରଗଡ଼, ନୂଆପଡ଼ାରୁ ଅନୁଗୁଳ । ସବୁଠି ଜଙ୍ଗଲ ଜଳିବା ସହିତ ହେକ୍ଟର ହେକ୍ଟର ଜଙ୍ଗଲ ନଷ୍ଟ ହେଲାଣି । ଆଜି ଗୋଟିଏ ଦିନରେ ରାଜ୍ୟର ୨୭୫ ପଏଣ୍ଟରେ ନିଆଁ ଲାଗିଛି। ପିସିସିଏଫ୍ କହିଛନ୍ତି, ଅଧିକାଂଶ ନିଆଁ ମନୁଷ୍ୟକୃତ ଏବଂ ବନ ବିଭାଗର ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଜଙ୍ଗଲ ନିଆଁକୁ ରୋକାଯାଇ ପାରିଛି। ବୋଲ ମାନୁନି ବନାଗ୍ନି। ଚାହୁଁ ଚାହୁଁ ପବନ ବେଗରେ ମାଡ଼ି ଚାଲିଛି ଜଙ୍ଗଲ ନିଆଁ। ବୌଦ୍ଧ ବନଖଣ୍ଡ ଜାମୁଖୋଲ ଜଙ୍ଗଲରେ ଦେଖିବାକୁ ମିଳିଛି ଭୟଙ୍କର ଦୃଶ୍ୟ। ଜଙ୍ଗଲରୁ ବ୍ୟାପୁଥିବା ନିଆଁ ଭୟଙ୍କର ରୂପ ଧରି ଏବେ ଗାଁ ଆଡ଼କୁ ମୁହାଁଇଲାଣି। ଖାଲି ବୌଦ୍ଧ ନୁହେଁ, ସୁନ୍ଦରଗଡ଼ ବଣାଇରୁ ମୟୂରଭଞ୍ଜର ଉଦଳା, ନୂଆପଡ଼ା, ତାଳଚେର ଆଉ କୋରାପୁଟରୁ ଶିମିଳିପାଳ। ସବୁଠି ଖରା ଆରମ୍ଭରୁ ଜଳୁଛି ଜଙ୍ଗଲ। ଏପଟେ ନିଆଁ ଆୟତ୍ତ କରିବାକୁ କେଉଁଠି ବନ କର୍ମଚାରୀ ନାକେଦମ୍ ତ' ଆଉ କେଉଁଠି ଧୂଆଁରେ ଅସ୍ତବ୍ୟସ୍ତ ସ୍ଥାନୀୟ ବାସିନ୍ଦା। ରାଜ୍ୟ ସରକାରଙ୍କ ତଥ୍ୟ କହୁଛି, ଚଳିତ ବର୍ଷ ଆରମ୍ଭରୁ ମାର୍ଚ୍ଚ ୮ ତାରିଖ ମଧ୍ୟରେ ୯ ହଜାର ୩୦୦ ପଏଣ୍ଟରେ ନିଆଁ ଲାଗିଲାଣି। ଫଳରେ ନଷ୍ଟ ହେଲାଣି ୨ ହଜାର ୧୬୫ ହେକ୍ଟର ଜଙ୍ଗଲ। ଏପଟେ ଆଜି ଗୋଟିଏ ଦିନରେ ରାଜ୍ୟର ୨୫୭ ସ୍ଥାନରେ ଲାଗିଛି ନିଆଁ। ସେହିପରି ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟ କହୁଛି, ଗତ ସପ୍ତାହକ ଭିତରେ ରାଜ୍ୟର ୨ ହଜାର ୫୮୬ଟି ସ୍ଥାନରେ ଜଙ୍ଗଲ ନିଆଁ ଦେଖିବାକୁ ମିଳିଛି। ଯାହାକି ତେଲଙ୍ଗାନା ପରେ ଦେଶରେ ଦ୍ୱିତୀୟ ସର୍ବାଧିକ। ସେ ଭିତରେ ରହିଛି ୩୩୩ଟି ବଡ଼ ଧରଣର ବନାଗ୍ନି। ଅପରପକ୍ଷେ ପିସିସିଏଫ୍ କହିଛନ୍ତି, ଏବେ ରାଜ୍ୟର ପ୍ରାୟ ସବୁ ଜଙ୍ଗଲରେ ନିଆଁ ଲାଗିଛି। ତେବେ ପରିସ୍ଥିତିକୁ ମୁକାବିଲା ପାଇଁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନେଇଛି ବନ ବିଭାଗ। ପୁରୁଣା ଫାୟାର ଲାଇନ ମରାମତି ସହ ୧୫ ହଜାର କିଲୋମିଟର ନୂଆ ଫାୟାର ଲାଇନ ସୃଷ୍ଟି କରାଯାଇଛି। ୩୩୪ ଫାୟାର ଫାଇଟିଂ ସ୍କ୍ୱାର୍ଡ ନିୟୋଜିତ ହୋଇଛନ୍ତି। ସେପଟେ ଜଙ୍ଗଲ ନିଆଁ ସମ୍ପର୍କରେ ତୁରନ୍ତ ଖବର ପାଇ ନିଆଁ ଲିଭାଇବାକୁ ଏବେ ଶିମିଳିପାଳରେ ଏଆଇ କ୍ୟାମେରା ଖଞ୍ଜାଯାଇଛି। ଆଗାମୀ ଦିନରେ ରାଜ୍ୟର ଅନ୍ୟ ଜଙ୍ଗଲରେ ମଧ ଏଆଇ କ୍ୟାମେରା ବ୍ୟବସ୍ଥା ହେଉଛି। ସେପଟେ ପରିବେଶବିତ୍‌ଙ୍କ ଉଦ୍‌ବେଗ ଯେ, ଲୋକଙ୍କ ଅସାବଧାନତାରୁ ହିଁ ଜଙ୍ଗଲରେ ନିଆଁ ଲାଗୁଛି। ଏଥିପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ଜନ ସଚେତନାତା ଜରୁରୀ ରହିଛି । ତେବେ ଉଦ୍‌ବେଗ ବିଷୟ, ଗ୍ରୀଷ୍ମ ଆରମ୍ଭରୁ ଯଦି ଜଙ୍ଗଲ ନିଆଁର ଏଭଳି ପ୍ରକୋପ ଦେଖାଦେଲାଣି, ତେବେ ଆଗକୁ ସ୍ଥିତି କଣ ହେବ ? ତାକୁ ନେଇ ଚିନ୍ତାରେ ବନ ବିଭାଗ ଓ ପରିବେଶବିତ୍।

## ଜାନୁଆରି ଥିଲା ଅପରାଧ ମାସ

### ୨୦୨୪ରେ ୧୨୫୮ ହତ୍ୟା ଓ ୩୫୬ ଡକାୟତି ମାମଲା ରୁଜୁ ହୋଇଛି

ଭୁବନେଶ୍ୱର,୧୦/୩: ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତର ରଖିଛନ୍ତି। ସେ କହିଛନ୍ତି, ଜାନୁଆରି ଥିଲା ଅପରାଧର ମାସ। ଏହି ମାସରେ ୧୧୧ଟି ହତ୍ୟା, ୨୦ ଡକାୟତି, ୧୦୫୦୯ ଚୋରି, ୧୦୧ ଦଙ୍ଗା, ୧୯୪ ସାଇବର ଅପରାଧ, ୬୫୫ ଅସଦାଚରଣ, ୭୯ ଯୌନ ନିର୍ଯାତନା, ସର୍ବସାଧାରଣରେ ୧୪୯ ମହିଳାଙ୍କୁ ଅସଦାଚରଣ, ୧୧ ଅଶ୍ଳୀଳ ଭିଡିଓ ଉତ୍ତୋଳନ ଓ ୩୧ ଜଣ ମହିଳାଙ୍କୁ ହଇରାଣ କରିବା ମାମଲା ରୁଜୁ ହୋଇଛି।  ୨୦୨୪ରେ ୧୨୫୮ ହତ୍ୟା, ୩୫୬ ଡକାୟତି, ୧୭୮୦୫ ଚୋରି, ୧୪୭୧ ଦଙ୍ଗା, ୨୫୦୧ ସାଇବର ଅପରାଧ, ୭୨୯୯ ଅସଦାଚରଣ, ୧୦୮୨ ଯୌନ ନିର୍ଯାତନା, ୧୮୩୯ ସର୍ବସାଧାରଣରେ ମହିଳାଙ୍କୁ ଅସଦାଚରଣ, ୧୧୧ ଅଶ୍ଳୀଳ ଭିଡିଓ ଉତ୍ତୋଳନ ଓ ୩୬୫ଟି ମହିଳାଙ୍କୁ ହଇରାଣ କରିବା ମାମଲା ରୁଜୁ ହୋଇଛି। ବିଧାୟକ ରମେଶ ବେହେରାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି ।ସେହିପରି ୨୦୨୪ରେ ୧୨୫୮ ହତ୍ୟା, ୩୫୬ ଡକାୟତି, ୧୭୮୦୫ ଚୋରି, ୧୪୭୧ ଦଙ୍ଗା, ୨୫୦୧ ସାଇବର ଅପରାଧ, ୭୨୯୯ ଅସଦାଚରଣ, ୧୦୮୨ ଯୌନ ନିର୍ଯାତନା, ୧୮୩୯ ସର୍ବସାଧାରଣରେ ମହିଳାଙ୍କୁ ଅସଦାଚରଣ, ୧୧୧ ଅଶ୍ଳୀଳ ଭିଡିଓ ଉତ୍ତୋଳନ ଓ ୩୬୫ଟି ମହିଳାଙ୍କୁ ହଇରାଣ କରିବା ମାମଲା ରୁଜୁ ହୋଇଛି। ବିଧାୟକ ରମେଶ ବେହେରାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି।

## ‘ସୁଭଦ୍ରା’ରେ ପାତରଅନ୍ତର; କାହାକୁ ଦୁଇ କିସ୍ତି, କାହା ହାତ ଖାଲି

ଭୁବନେଶ୍ୱର, ୧୦/୩: ସରକାର ‘ସୁଭଦ୍ରା’ ସହାୟତାକୁ ବିପ୍ଳବ ବୋଲି ବଖାଣୁଛନ୍ତି। କୋଟିଏରୁ ଅଧିକ ମହିଳା ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଇଥିବା କଥା କହି ନିଜେ ନିଜ ପିଠି ଥାପୁଡ଼ାଉଛନ୍ତି । ମାତ୍ର ଏଯାଏ ହଜାର ହଜାର ଆଶାୟୀ ଗୋଟିଏ କିସ୍ତି ରାଶି ବି ପାଇ ନାହାନ୍ତି। ସେମାନେ କେବେ ସହାୟତା ରାଶି ପାଇବେ ତାହା ସେ କଥା ନିଜେ ବି ଜାଣନ୍ତି ନାହିଁ। ସେମାନଙ୍କ ବ୍ୟାଙ୍କ ଖାତାକୁ କେବେ ଟଙ୍କା ଆସିବ, ମିଳିବ ନା ମିଳିବ ନାହିଁ, ସହାୟତା ମିଳିବାରେ କେଉଁଠି ସମସ୍ୟା ରହିଲା ଏପରି ଅନେକ ଅସମାହିତ ପ୍ରଶ୍ନ ସେମାନଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି। କିଏ ଟୋଲ ଫ୍ରି ନମ୍ବରରେ ଫୋନ୍ କରି ଉତ୍ତର ଖୋଜୁଛି ତ ଆଉ କିଏ ବ୍ୟାଙ୍କ, ଅଙ୍ଗନବାଡ଼ି ଦିଦିଙ୍କ ପାଖକୁ ଦୌଡ଼ୁଛନ୍ତି। କିନ୍ତୁ ସୁଭଦ୍ରା ଟଙ୍କା ତ ମିଳୁ ନାହିଁ, ମିଳୁଛି କେବଳ ହତାଶା। ସୁଭଦ୍ରା ଯୋଜନାରେ ରାଜ୍ୟର ସମସ୍ତ ମହିଳାମାନଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି ନିର୍ବାଚନ ସମୟରେ ବିଜେପି ଘୋଷଣା କରିଥିଲା। ପ୍ରଥମ କ୍ୟାବିନେଟ୍‌ରେ ସୁଭଦ୍ରା ସହାୟତା ସଂକଳ୍ପ ଗୃହୀତ ହେଲା। ମାତ୍ର ଦେଲାବେଳକୁ ବଦଳିଗଲା ନିଷ୍ପତ୍ତି। ରାଜ୍ୟର ୨.୨୫ କୋଟି ମହିଳାଙ୍କ ମଧ୍ୟରୁ ସମସ୍ତ ମହିଳାଙ୍କୁ ସୁଭଦ୍ରା ସହାୟତା ଦିଆଯିବ ବୋଲି କୁହାଗଲା। ୨ବର୍ଷରେ ୫୦ ହଜାର ପରିବର୍ତ୍ତେ ବର୍ଷକୁ ୨ଟି କିସ୍ତିରେ ୫ ହଜାର ଲେଖାଏଁ ୫ ବର୍ଷ ପର୍ଯ୍ୟନ୍ତ ଦିଆଯିବ ବୋଲି ସରକାର ଘୋଷଣା କଲେ। ପର୍ଯ୍ୟାୟ ପର୍ଯ୍ୟାୟ କରି ୫ଟି ପର୍ଯ୍ୟାୟରେ ପ୍ରଥମ କିସ୍ତି ୫ ହଜାର ଟଙ୍କା ଦିଆଗଲା। ଗତ ୮ ତାରିଖରେ ଦ୍ୱିତୀୟ କିସ୍ତି ବି ସରକାର ଦେଲେ। ଏହା ସତ୍ତ୍ୱେ ସୁଭଦ୍ରା ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହଜାର ହଜାର ମହିଳା ଏବେ ବି ଅର୍ଥରାଶି ପାଇ ନାହାନ୍ତି। ସୁଭଦ୍ରା ଯୋଜନାକୁ ନେଇ ସରକାରଙ୍କ ସହିତ ଆବେଦନକାରୀଙ୍କ ଯୋଗାଯୋଗର ଏକମାତ୍ର ମାଧ୍ୟମ ହେଉଛି




ସୁଭଦ୍ରା ହେଲ୍ପ ଲାଇନ୍ ନମ୍ବର; କିନ୍ତୁ ଏହି ସହାୟତା ନମ୍ବରରୁ ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଛି। କଲ୍ ସେଣ୍ଟର କର୍ମଚାରୀ ଅପେକ୍ଷା କର ଟଙ୍କା ଆସିବ ବୋଲି ଆଶ୍ୱାସନା ଦେଉଛନ୍ତି । ଏହ ସହ ବ୍ୟାଙ୍କ ଯାଇ ଅନୁସନ୍ଧାନ କର, ଆପଣଙ୍କ ଘରକୁ ଆମ ଟିମ୍ ଯିବ, ସ୍ଥାନୀୟ କର୍ତ୍ତୃପକ୍ଷ ଓ ଅଙ୍ଗନବାଡ଼ି ଦିଦିଙ୍କୁ ଯୋଗାଯୋଗ କର ବୋଲି ମଧ ଉତ୍ତର ଦେଉଛନ୍ତି। ସେହିପରି ଅନଲାଇନ୍ ?ରେ ଯାଞ୍ଚ କଲେ ଗୋଟିଏ ଧାଡ଼ିର ଉତ୍ତର ମିଳୁଛି, ‘ଅଣ୍ଡର ପ୍ରୋସେସ୍’। ଏହି ଅଣ୍ଡର ପ୍ରୋସେସ୍ କେବେ ଶେଷ ହେବ ତାହାର ଉତ୍ତର ମିଳୁନାହିଁ। ଆବେଦନକାରୀଙ୍କ କହିବା କଥା ହେଲା, ପ୍ରଥମେ ଆବେଦନ କରିବା ପାଇଁ ବେଶ୍ ଦହଗଞ୍ଜ ହେବାକୁ ପଡିଲା। ତା ପରେ ଡିବିଟି ପାଇଁ ଭୋକ ଉପବାସରେ ବ୍ୟାଙ୍କରେ ଦିନ କାଟିବାକୁ ପଡିଲା। ଯା ଭିତରେ ସାତ ମାସ ବିତିଗଲାଣି, କିନ୍ତୁ ୫ଟି ପର୍ଯ୍ୟାୟରେ ଆମ ପାଳି ପଡିଲା ନାହିଁ। ଆବେଦନ ଫର୍ମରେ ଉଲ୍ଲେଖ ଥିବା ସହାୟତା ନମ୍ବର ୧୪୬୭୮ରେ ଫୋନ୍ କଲେ ୪୮ ଘଣ୍ଟା ଅପେକ୍ଷା କର, ୭୨ ଘଣ୍ଟା ଅପେକ୍ଷା କର ବୋଲି ଉତ୍ତର ମିଳୁଛି। ଟଙ୍କା ପାଇନଥିବା ଆମ ଭଳି ଆବେଦନକାରୀ କେବଳ ହତାଶ ହେବା ଛଡ଼ା ଆଉ କିଛି ନାହିଁ। ଯଦି ଟଙ୍କା ନ ଦେବେ ତା ହେଲେ ସଫା ମନା କରି ଦିଅନ୍ତୁ, କିନ୍ତୁ ମିଳିବ ମିଳିବ ବୋଲି ଏପରି ଦହଗଞ୍ଜ କରନ୍ତୁ ନାହିଁ ବୋଲି ସେମାନେ କ୍ଷୋଭର ସହ କହିଛନ୍ତି।

## କେନ୍ଦ୍ରପଡ଼ାରେ ସର୍ବାଧିକ ବାଲାଂଦେଶୀ

ଭୁବନେଶ୍ୱର,୧୦/୩: ସାରା ରାଜ୍ୟରେ ୩,୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଦେଶାନ୍ତର କରାଯିବା ବିଚାରାଧୀନ ଅଛି ବୋଲି ସୋମବାର ଦିନ ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ବିଜେପି ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହି ଉତ୍ତର ଦେଇଛନ୍ତି। ମାନସ କୁମାର ଦତ୍ତ ଜାଣିବାକୁ ଚାହିଁଥିଲେ ଯେ ଓଡିଶା ସରକାର ଓଡିଶାରେ ଅବୈଧ ଭାବରେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଦେଶାନ୍ତର କରିବା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି। ଦତ୍ତଙ୍କ ପ୍ରଶ୍ନ ନେଇ ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଥିଲେ ଯେ, ଓଡ଼ିଶା ସରକାର ରାଜ୍ୟରେ ରହୁଥିବା ୩,୭୩୮ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରିଛନ୍ତି। ସେମାନଙ୍କର ସର୍ବାଧିକ ସଂଖ୍ୟା ଚାରୋଟି ଜିଲ୍ଲାରେଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ାରେ ସର୍ବାଧିକ ୧,୬୪୯ ଜଣଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଜଗତସିଂହପୁରରେ ୧,୧୧୨ ଜଣ, ମାଲକାନଗିରିରେ ୬୫୫ ଜଣ, ଏବଂ ନବରଙ୍ଗପୁରରେ ୧୦୬ ଜଣଙ୍କୁ ଚିହ୍ନଟ କରାଯାଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଗୃହକୁ ଏହା ମଧ ଜଣାଇଥିଲେ ଯେ, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୪୧ ଜଣ ବାଂଲାଦେଶୀ ନାଗରିକ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥିବା ଜଣାପଡ଼ିଛି। ସମସ୍ତ ଜିଲ୍ଲାପାଳ ଏବଂ ପୁଲିସ ଅଧୀକ୍ଷକ (ଏସପି)ଙ୍କୁ ସେମାନଙ୍କ କ୍ଷେତ୍ରରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବାଲି ମାଫିଆଙ୍କ ଛାତି ଧଡ଼ଧଡ଼

## ଛାନିଆ କଲାଣି ରେଡ୍, ବନ୍ଧା ହେଉଛନ୍ତି ଲଘୁ ଖଣିଜ ଲୁଟେରା, ସିଜ୍ ହେଉଛି ଗାଡ଼ି

ଭୁବନେଶ୍ୱର, ୧୦/୩: ସାବାଡ ହେବେ ବାଲି ମାଫିଆ । ବନ୍ଧା ହେବେ ଲଘୁ ଖଣିଜ ଲୁଟେରା। ବନ୍ଦ ହେବ ସମସ୍ତ ବେଆଇନ ବାଲିଘାଟ । ପୋଲିସ ଡିଜିଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ତମାମ ଚାଲିଛି ଧରପଗଡ । ଦୁଇଦିନ ଭିତରେ ୮୧ ମାମଲା ରୁଜୁ ହେଲାଣି । ଆଗକୁ ଆହୁରି ଜୋରଦାର ଚଢାଉ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଖଣି ମନ୍ତ୍ରୀ କହିଛନ୍ତି ଓଡ଼ିଶାର ସଂପଦକୁ ଲୁଟିବାକୁ ଦିଆଯିବନି । ରାଜ୍ୟ ସାରା ସବୁ ଆଡ଼େ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଦେଇ ବହିଯାଇଥିବା ସୁବର୍ଣ୍ଣରେଖା ନଦୀ ପଠାରୁ ବର୍ଷ ବର୍ଷ ଧରି ଚାଲିଛି ଚୋରାରେ ବାଲିଚାଲାଣ । ରାତି ଅଧରେ ବେଧଡ଼କ ଭାବେ ପଡୋଶୀ ପଶ୍ଚିମବଙ୍ଗକୁ ଯାଉଛି ଶହ ଶହ ଟ୍ରକ । ଆଉ ରାୟଗଡ଼ା ଜିଲ୍ଲାର ନାଗାବଳୀ ନଦୀ ଗର୍ଭକୁ ଚିରି ପାଣି ଭିତରୁ ବାଲି ଛାଣିଆଣୁଛନ୍ତି ମାଫିଆ । ଆନ୍ଧ୍ରପ୍ରଦେଶକୁ ବୋହିନେଉଛନ୍ତି କୋଟି କୋଟି ଟଙ୍କାର ବାଲି । ଖାଲି ଏ ଦୁଇଟି ନଦୀ ନୁହେଁ । ବୌଦ୍ଧରୁ ବାରିପଦା...କଟକରୁ କେନ୍ଦୁଝର ପର୍ଯ୍ୟନ୍ତ ଏମାନେ ସବୁଠି ଆକ୍ଟିଭ୍ ।ମାଫିଆଙ୍କୁ ସାବାଡ଼ କରିବାକୁ ଖୋଦ୍ ପୋଲିସ ଡିଜିଙ୍କ କଡ଼ା ନିର୍ଦ୍ଦେଶ ପରେ ଏବେ ଗ୍ରାଉଣ୍ଡରେ ଚାଲିଛି ଧରପଗଡ଼ । ପୋଲିସଠୁ ରାଜସ୍ୱ ବିଭାଗ ପର୍ଯ୍ୟନ୍ତ ସମସ୍ତେ ସତର୍କ ଆଉ ସଜାଗ ହୋଇଗଲେଣି । ଆଉ ଏ ସ୍ପେଶାଲ ଅପରେସନକୁ ମିଳିଛି ବଡ଼ ସଫଳତା । କେବଳ ଜଳେଶ୍ୱରରେ ଦୁଇଦିନରେ ୩୩ ଗାଡ଼ି ଜବତ କରିଛି ଜିଲ୍ଲା ପ୍ରଶାସନ। ସେହିଭଳି ବୌଦ୍ଧରେ ୭ଟି ବାଲିବୋଝେଇ ଟ୍ରାକ୍ଟର ଧରାପଡ଼ିଥିବାବେଳେ ଡ୍ରାଇଭର ବି ବନ୍ଧା ହୋଇଛନ୍ତି । ସୂଚନା ଅନୁସାରେ, ଗତକାଲି ସୁଦ୍ଧା ରାଜ୍ୟରେ ୮୧ଟି ମାମଲା ରୁଜୁ ହୋଇଥିବାବେଳେ ୧୧୭ଟି ଗାଡି ଜବତ କରି ୮୮ ଜଣଙ୍କୁ ଗିରଫ କରାଯାଇଛି । ଏବେ ବାଲି ମାଫିଆଙ୍କ ଛାତି ଧଡ଼ଧଡ଼ ହେଲାଣି । ସାଲେପୁରରେ ବାଲିଘାଟରେ ଚଢାଉବେଳେ ପୋଲିସକୁ ଦେଖି ନଦୀକୁ ଡେଇଁପଡ଼ିଥିଲା ଜଣେ ଚାଲାଣକାରୀ ।କେନ୍ଦୁଝର ଜିଲ୍ଲାରେ ବାଲି ମାଫିଆଙ୍କ ଉପରେ ଆକ୍ସନ ଆରମ୍ଭ ହୋଇଛି । ବାଲିଘାଟରେ ପ୍ରଶାସନ ଅଚାନକ ରେଡ୍ କରିଛି । ଜବତ ହୋଇଛି ଟ୍ରାକ୍ଟର, ହାଇୱା ଓ ଜେସିବି। କେନ୍ଦୁଝର ଜିଲ୍ଲାରେ ବୈତରଣୀ ଓ କୁଶେଇ ନଦୀର ବାଲିଘାଟରେ ଚଢ଼ାଉ କରି ଏସବୁ ଗାଡ଼ିକୁ ଜବତ କରିଛି ପ୍ରଶାସନ। ବେଆଇନ୍ ଭାବରେ ବାଲି ଚାଲାଣ ବେଳେ ୭ଟି ଟ୍ରାକ୍ଟର, ୨ଟି ହାଇୱା ଓ ଗୋଟିଏ ଜେସିବି ଜବତ ହୋଇଛି। ବୈତରଣୀ ଓ କୁଶେଇ ନଦୀରେ ୨୦ରୁ ଅଧିକ ବେଆଇନ ବାଲିଘାଟରୁ ଦୈନିକ ଶହ ଶହ ଟ୍ରାକ୍ଟର ଓ ହାଇୱାରେ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଥିଲା। ବାଲି ମାଫିଆଙ୍କ ନିୟନ୍ତ୍ରଣରେ ଏହି କାରବାର ଚାଲୁଥିବା ନେଇ ବାରମ୍ବାର ଅଭିଯୋଗ ଓ ଅସନ୍ତୋଷ ପରେ ଆକ୍ସନ ମୋଡକୁ ଆସିଛି କେନ୍ଦୁଝର ଜିଲ୍ଲା ପ୍ରଶାସନ। ଖଣିମନ୍ତ୍ରୀ ବିଭୂତି ଜେନା କହିଛନ୍ତି, ଚୋରା ବାଲି ଚାଲାଣ ଉପରେ ରୋକ୍ ଲଗାଇବାକୁ ସରକାର ସମ୍ପୂର୍ଣ୍ଣ ତତ୍ପର । ସବୁ ବିଭାଗ ସହ ସମନ୍ୱୟ ରଖି ଲୁଟ ରୋକିବାକୁ ପଦକ୍ଷେପ ନିଆଯାଉଛି । କେବଳ ଆର୍ଥିକ ଦଣ୍ଡ ଦେଲେ ଚାଲାଣକାରୀ ସାବାଡ ହେବେନି । ଏଥିପାଇଁ କଡା ଦଣ୍ଡବିଧାନ ଆଣିବାକୁ ସରକାର ପଦକ୍ଷେପ ନେଉଛନ୍ତି । OISF ଫୋର୍ସ ମଧ ନିୟୋଜିତ ହେବେ ।




ଓଡ଼ିଶାର ସମ୍ପତ୍ତିକୁ ଲୁଟ୍ ହେବାକୁ ଦିଆଯିବନି ବୋଲି କହିଛନ୍ତି ଖଣି ମନ୍ତ୍ରୀ । ପୋଲିସର ଧରପଗଡ ଦେଖି ଛାନିଆ ହେଲେଣି ମାଫିଆ । ବଢିଲାଣି ବେଆଇନ ବାଲିଘାଟ ପଛରେ ଥିବା ନେତାଙ୍କ ବ୍ଲଡ ପ୍ରେସର୍ ।

# ବିନା ଟିପିରେ ଲଘୁ ଖଣିଜ ପରିବହନ

## କେନ୍ଦୁଝର, ଯାଜପୁରରୁ ମାସକୁ ୨୦୦ କୋଟିର ଖଣିଜ ଚାଲାଣ, କାଗଜକଲମରେ ନିୟମ



ଯାଜପୁର,୧୦/୩: ଲଘୁ ଖଣିଜ ଦ୍ରବ୍ୟ ଲୁଟ୍‌କୁ ନେଇ ଏବେ ରାଜ୍ୟ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଏହି ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଗତ ଶୁକ୍ରବାର ଦିନ ସମସ୍ତ ଜିଲ୍ଲାପାଳ, ଏସ୍‌ପିଙ୍କ ସହିତ ଆଲୋଚନା କରି ଚଢ଼ଉକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଇ-ଟ୍ରାନ୍‌ଜିଟ୍ ପାସ୍ ବିନା କୌଣସି ଲଘୁ ଖଣିଜ ଦ୍ରବ୍ୟ ପରିବହନକୁ ଅନୁମତି ନ ଦେବା ପାଇଁ କହିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା ପରେ ଏବେ ଇ-ଟ୍ରାନ୍‌ଜିଟ୍ ପାସ୍ ବା ଟିପି କଥା ସାମନାକୁ ଆସିଛି। ରାଜ୍ୟରେ ଟିପି ବା ଟ୍ରାନ୍‌ଜିଟ୍ ପାସ୍ ବିନା କୌଣସି ଲଘୁ ଖଣିଜ ଦ୍ରବ୍ୟ ପରିବହନ ହୋଇପାରିବ ନାହିଁ। ବିନା ଟିପିରେ ପରିବହନ ହେଉଥିବା ଖଣିଜ ଦ୍ରବ୍ୟ ବେଆଇନ ବୋଲି ବିଚାର କରାଯିବ। ଏପରିକି ବିନା ଟିପିରେ କିଣାଯାଇ ବିଭିନ୍ନ ସରକାରୀ ପ୍ରକଳ୍ପରେ ବ୍ୟବହାର ହେଉଥିବା ଖଣିଜ ଦ୍ରବ୍ୟକୁ ମଧ୍ୟ ଚୋରି ଦ୍ରବ୍ୟ ଭାବେ ବିଚାର କରାଯିବ। ଟିପି ପାସ ଜମା କରିନଥିଲେ ସଂପୃକ୍ତ ଠିକାଦାର ବା ଏଜେନ୍‌ସିଙ୍କ ବିଲ୍ ପାସ୍ ହେବନାହିଁ। ଏଭଳି କଡ଼ା ନିୟମ ବହୁ ପୂର୍ବରୁ ରହିଛି। ଏହା ସତ୍ତ୍ୱେ ବିନା ଟିପିରେ ଯାଜପୁର-କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ଖାଦାନରୁ ମାସକୁ ପାଖାପାଖି ୨୦୦ କୋଟିରୁ ଅଧିକ ଟଙ୍କାର ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଛି। ଏହିସବୁ ଲଘୁ ଖଣିଜ ଦ୍ରବ୍ୟ ବିଭିନ୍ନ ପ୍ରକଳ୍ପରେ ବ୍ୟବହାର ହେଉଛି। ଟ୍ରାନ୍‌ଜିଟ୍ ପାସ କଡ଼ାକଡ଼ି ହେଲେ ସରକାରୀ ଅଧିକାରୀଙ୍କ ପକେଟ୍ ଖର୍ଚ୍ଚ କମିଯିବାର ଭୟ ଥିବାରୁ ବର୍ଷବର୍ଷ ଧରି ଏହି ନିୟମକୁ ଲାଗୁ କରିବାକୁ ଦିଆଯାଇନାହିଁ। ଫଳରେ ରାଜ୍ୟରେ କୁବେର ଅଧିକାରୀ, ବାବୁଙ୍କ ସଂଖ୍ୟା ବଢ଼ିଛି। ମାଫିଆ ବି ଶହଶହ କୋଟିର ମାଲିକ ହୋଇ ଲଘୁ ଖଣିଜ ଦ୍ରବ୍ୟ ଚୋରିକୁ ଦ୍ୱିଗୁଣ କରୁଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଥମେ ବିଭିନ୍ନ ପ୍ରକଳ୍ପରେ ବିନା ଟିପିରେ ବ୍ୟବହାର ହେଉଥିବା ଠିକାଦାର ଏଜେନ୍ସି ବିଲ୍ ବନ୍ଦ କରାଇଲେ ଏହି ଚୋରି ରୋକା ଯାଇପାରିବ। ଅନ୍ୟପକ୍ଷରେ ବିନା ଟ୍ରାନ୍‌ଜିଟ୍ ପାସ୍‌ରେ ଖଣିଜ ଦ୍ରବ୍ୟ ପରିବହନ କରାଯାଉଥିବାରୁ ଓଭରଲୋଡିଂ ପରିବହନ ହେଉଛି। ବିନା ଟ୍ରାନ୍‌ଜିଟ୍ ପାସ୍‌ରେ ଯାଜପୁର ଜିଲ୍ଲାର ଧର୍ମଶାଳା ଏବଂ କେନ୍ଦୁଝର ଜିଲ୍ଲାରୁ କଳାପଥର ଚାଲାଣ ହେଉଛି। ସମସ୍ତ କଳାପଥର ବିଭିନ୍ନ ସରକାରୀ ପ୍ରକଳ୍ପ, ରାଜପଥ, ରାଜ୍ୟ ରାଜପଥ, ଗାଁ ରାସ୍ତାରେ ବ୍ୟବହାର ହେଉଛି। ସରକାର ଗୋଟିଏ ପଟେ ସବୁ ନିୟମ କରୁଛନ୍ତି, ଅନ୍ୟପଟେ ମାଫିଆଙ୍କୁ ଲୁଟ୍ ପାଇଁ ଖୋଲା ଛାଡ଼ିଦେଉଛନ୍ତି। ବାଲି, ଗୋଡ଼ି, ମାଟି, ପଥର ଭଳି ଲଘୁ ଖଣିଜ ଦ୍ରବ୍ୟ ଲୁଟ୍‌ରୁ ଖଣି ବିଭାଗର ଅଧିକାରୀ, ତହସିଲଦାର, ତହସିଲ କର୍ମଚାରୀ, ରାଜସ୍ୱ ନିରୀକ୍ଷକ, ପୁଲିସ, ସ୍ଥାନୀୟ ରାଜନେତାମାନେ ଏହାର ଅଂଶ(ଭାଗ) ପାଉଛନ୍ତି। ଉପରୁ ତଳ ପର୍ଯ୍ୟନ୍ତ ଏହି ଲୁଟ୍‌ର ଭାଗ ସମସ୍ତଙ୍କ ପାଖରେ ପହଞ୍ଚୁଥିବାରୁ ନିୟମକୁ କାର୍ଯ୍ୟକାରୀ କରାଇ ଦିଆଯାଉନାହିଁ। କେନ୍ଦୁଝର, ଯାଜପୁର ଭଳି ଅନ୍ୟ ଜିଲ୍ଲାରେ ମଧ୍ୟ ସମାନ ସ୍ଥିତି। ଯାଜପୁର ଜିଲ୍ଲାର ଧର୍ମଶାଳାରୁ ମାସକୁ କେବଳ ୪୦ କୋଟିରୁ ଅଧିକ ଟଙ୍କାର କଳାପଥର ବିନା ଇ-ଟ୍ରାନ୍‌ଜିଟ୍‌ରେ ଚାଲାଣ କରାଯାଉଛି। ଏହି ଦ୍ରବ୍ୟ ଖୋଲାଖୋଲି ଭାବେ ସରକାରୀ ପ୍ରକଳ୍ପରେ ବ୍ୟବହାର ହେଉଛି। ଯାହାର ଲାଭ ସରକାରୀ ଅଧିକାରୀ ନେଉଛନ୍ତି। ବିନା ଟିପିରେ ସରକାରୀ ଅଧିକାରୀ, ଯନ୍ତ୍ରୀ କିଭଳି ଠିକାଦାରଙ୍କ ବିଲ୍ ପାସ୍ କରୁଛନ୍ତି, ତାକୁ ନେଇ ପ୍ରଶ୍ନ ଉଠିଛି। ଟିପି ନିୟମକୁ କଡ଼ାକଡ଼ି କରାଗଲେ ଅଧା ଚୋରି ବନ୍ଦ ହୋଇପାରନ୍ତା। ଅନ୍ୟପକ୍ଷରେ ବେଆଇନ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ିକୁ ଯାଞ୍ଚ କରିବା ଓ ଏହାକୁ ଜବତ କରିବାର କ୍ଷମତା ଡିଡିଏମ୍, ତହସିଲଦାର ଓ ସବ୍ ଇନ୍‌ସପେକ୍ଟରଙ୍କୁ ମଧ୍ୟ ଦିଆଯାଇଛି। ମାତ୍ର ବଟି ପାଇଁ ଖୋଲାଖୋଲି ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ିକୁ ଛାଡ଼ି ଦିଆଯାଉଛି। ସମସ୍ତଙ୍କ ଆଖି ସାମନାରେ ଏହି ଲୁଟ୍ ହେଉଛି।

## ବିଜେପିକୁ ଜୟନାରାୟଣ ଅଡୁଆ



ଭୁବନେଶ୍ୱର,୧୦/୩: 'ବନ୍ଦେ ଉତ୍କଳ ଜନନୀ'କୁ ବିରୋଧ କରି ବିଧାୟକ ଜୟନାରାୟଣ ମିଶ୍ର ଓଡ଼ିଶାରେ ମିଶିବା ଆମର ଐତିହାସିକ ଭୁଲ ବୋଲି ଦେଇଥିବା ମନ୍ତବ୍ୟ ସାରା ରାଜ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ଏବେ ରାଜ୍ୟ ବିଜେପି ଅଡୁଆରେ ପଡ଼ିଯାଇଛି। 'ଓଡ଼ିଆ ଅସ୍ମିତା'ର ନାରା ଦେଇ ଶାସନକୁ ଆସିଥିବା ନିଜ ଦଳ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛନ୍ତି ଜୟନାରାୟଣ। ଏହି ପ୍ରସଙ୍ଗରେ ବିଜେପି ଏବେ କି ଆଭିମୁଖ୍ୟ ନେବ, ତାହାର ବାଟ ପାଉନି। ଦଳୀୟ ନେତାମାନେ ମୁହଁରେ ତାଲା ପକାଇବାକୁ ଏକପ୍ରକାର ବାଧ୍ୟ ହୋଇଛନ୍ତି। ଜୟନାରାୟଣ ବିଭିନ୍ନ ପ୍ରସଙ୍ଗରେ ଭିନ୍ନ ମନ୍ତବ୍ୟ ଦେଇ ସବୁବେଳେ ଚର୍ଚ୍ଚାରେ ଥା'ନ୍ତି। ବିଜେପି ଶାସନକୁ ଆସିଲା ପରେ ଦଳର କାର୍ଯ୍ୟକଳାପକୁ ନେଇ ସେ ବିଭିନ୍ନ ସମୟରେ ଗଣମାଧ୍ୟମରେ ନିଜର ଅସନ୍ତୋଷ ଜାହିର କରିଛନ୍ତି। ତାଙ୍କର ମନ୍ତବ୍ୟ ପାଇଁ ଦଳ ଅଡୁଆରେ ପଡ଼େ ସତ। କିନ୍ତୁ ତାହା ଦଳୀୟ ବ୍ୟାପାର ହୋଇଥିବାରୁ ସାଧାରଣରେ ଏହା ବିଶେଷ ପ୍ରଭାବ ପକାଏ ନାହିଁ। ଏଥର ଜୟନାରାୟଣଙ୍କ ମନ୍ତବ୍ୟକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏମିତିରେ ବି ଜୟନାରାୟଣ ଜଣେ ସାଧାରଣ ନେତା ନୁହନ୍ତି। ପାଞ୍ଚ ପାଞ୍ଚ ଥର ବିଧାନସଭାକୁ ପ୍ରତିନିଧିତ୍ୱ କରିଛନ୍ତି। ପୁଣି ମେଣ୍ଟ ସରକାର ସମୟରେ ସରକାରୀ ଦଳର ଉପମୁଖ୍ୟ ସଚେତକ ରହିବା ସହ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଗତ ବିଧାନସଭାରେ ସେ ବିରୋଧୀ ଦଳ ନେତା ହୋଇଥିଲେ। ତେଣୁ ତାଙ୍କ ପରି ଜଣେ ବରିଷ୍ଠ ନେତା ଏପରି ମନ୍ତବ୍ୟ ଦେବାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହି ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ନିଜର ପ୍ରତିକ୍ରିୟା ଦେଇସାରିଛନ୍ତି। ଜୟନାରାୟଣ ମନ୍ତ୍ରୀ ହେବା ଲୋଭରେ ଏବଂ ନିଜର ସ୍ୱାର୍ଥ ହାସଲ ପାଇଁ ଏପରି ମନ୍ତବ୍ୟ ଦେଉଛନ୍ତି ବୋଲି ସେମାନେ ଆକ୍ଷେପ କରିଛନ୍ତି। କିନ୍ତୁ ସରକାର ଓ ସରକାରୀ ଦଳ ଅକଳରେ ପଡ଼ିଯାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଲୋକମାନେ ସରକାରଙ୍କୁ ଟାର୍ଗେଟ୍ କରୁଥିବା ଦେଖିବାକୁ ମିଳୁଛି। ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଜୋ ?ଦାର ଦାବି ହେଉଛି। କିନ୍ତୁ ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ବି ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କିଛି କୁହାଯାଇ ନାହିଁ। ସେମିତି ବିଜେପି ପକ୍ଷରୁ ମଧ୍ୟ ଏହାକୁ ବିରୋଧ କରାଯାଉନି କି ସମର୍ଥନ କରାଯାଉନି। ଦଳର କୌଣସି ବରିଷ୍ଠ ନେତା କିମ୍ବା ମୁଖପାତ୍ର ଗଣମାଧ୍ୟମକୁ କୌଣସି ବିବୃତି ଦେଉନାହାନ୍ତି। ଏଥର ନିର୍ବାଚନରେ 'ଓଡ଼ିଆ ଅସ୍ମିତା' ବିଜେପିର ମୁଖ୍ୟ ପ୍ରସଙ୍ଗ ରହିଥିଲା। କିନ୍ତୁ ନିଜ ଦଳର ବିଧାୟକ ବିଚ୍ଛିନ୍ନତାବାଦର ସ୍ୱର ଉଠାଇଥିବାରୁ ବିଜେପି ତୁରନ୍ତ ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ ବୋଲି ମତପ୍ରକାଶ ପାଉଛି। ଆସନ୍ତାକାଲି ବିଧାନସଭାରେ ବିରୋଧୀ ଦଳ ଏହି ପ୍ରସଙ୍ଗକୁ ଉଠାଇବାକୁ ଯୋଜନା କରୁଛନ୍ତି। ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ବିରୋଧୀ ଦଳ ଜବାବ ମାଗିବେ। ବିରୋଧୀଙ୍କୁ ସରକାର କିପରି ଜବାବ ଦେବେ ଏବଂ ଜୟନାରାୟଣ ଗୃହ ଭିତରେ କି ଆଭିମୁଖ୍ୟ ଦେଖାଇବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଓଡ଼ିଶା କାମରେ ଲାଗିପାରୁନି ବଂଶଧାରା ପାଣି

### ଆନ୍ଧ୍ରପ୍ରଦେଶ ପାଣି ନେଉଛି, ବାଲି ଲୁଟୁଛି



ରାୟଗଡ଼ା,୧୦/୩: ରାୟଗଡ଼ା ଜିଲ୍ଲାର ଜୀବନରେଖା ବଂଶଧାରା ନଦୀ। କିନ୍ତୁ ନଦୀର ସୁରକ୍ଷା ସହ ଜଳ ପରିଚାଳନାରେ ଓଡ଼ିଶା ବିଫଳ। ଅନ୍ୟପଟେ ବୋହି ଯାଉଥିବା ପାଣିକୁ ଉଚିତ ବିନିଯୋଗ କରୁଛି ଆନ୍ଧ୍ର। କେବଳ ପାଣି ବ୍ୟବହାର କରୁନି ଓଡ଼ିଶାରୁ ବାଲି ମଧ୍ୟ ଲୁଟିବାରେ ଲାଗିଛି। କିଛି ଦିନ ତଳେ ଖଣି, ଇସ୍ପାତ୍ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାୟଗଡ଼ା ଗସ୍ତରେ ଆସି ବଂଶଧାରା ନଦୀର ଅବସ୍ଥା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାପରେ କୌଣସି ପଦକ୍ଷେପ ନେଇନାହାନ୍ତି। ସେହିପରି ଜିଲ୍ଲାର ନିର୍ବାଚିତ ଜନପ୍ରତିନିଧି ବିଧାନସଭାରେ ପ୍ରଶ୍ନ ପଚାରି ନିଜ ଦାୟିତ୍ୱ ସାରି ଦେଉଛନ୍ତି। ସରକାର ବଂଶଧାରା ଜଳ ବ୍ୟବହାର ପାଇଁ ବାରମ୍ବାର ଯୋଜନା ପ୍ରସ୍ତୁତ କରିଥିଲେ ସୁଦ୍ଧା ତାହା ପ୍ରସ୍ତାବରେ ଅଟକି ଯାଉଛି। ତତ୍କାଳୀନ କେନ୍ଦ୍ର ଜଳସେଚନ ମନ୍ତ୍ରୀ କେ.ଏଲ୍. ରାଓଙ୍କ ମଧ୍ୟସ୍ଥତାରେ ୧୯୬୧ରେ ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ନୀଲମ ସଂଜୀବ ରେଡ୍ଡି ବୈଠକ କରିଥିଲେ। ବଂଶଧାରା ପାଣିକୁ ୫୦-୫୦ ପ୍ରତିଶତ ବ୍ୟବହାର କରିବାକୁ ଚୁକ୍ତି ହୋଇଥିଲା। ଏହାପରେ ଆନ୍ଧ୍ର ସରକାର ହୀରମଣ୍ଡଳମ ଠାରେ ଗୋଟା ବ୍ୟାରେଜ୍ ନିର୍ମାଣ ଆରମ୍ଭ କରି ୧୯୭୨ ମସିହାରେ ସଂପୂର୍ଣ୍ଣ କରିଥିଲେ। ଏହି ପ୍ରକଳ୍ପ ଯୋଗୁଁ ଲକ୍ଷାଧିକ ଏକର ଚାଷ ଜମି ବର୍ତ୍ତମାନ ଜଳସେଚିତ ହେଉଛି। ଅପରପକ୍ଷରେ ଓଡ଼ିଶା ସରକାର ଗୁଡ଼ାରୀ ବ୍ଲକର ଉପରମୁଣ୍ଡରେ ପାଣିଡଙ୍ଗର ବ୍ୟାରେଜ୍ ନିର୍ମାଣ କରିବାକୁ ସ୍ଥିର କରି ଏଯାଏଁ ଚୁପ୍ ରହିଛନ୍ତି। ସେହିପରି ୨୦୦୬ ମସିହାରେ ବଂଶଧାରା ନଦୀ ସହ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ ସଂଯୋଗୀକରଣ ଯୋଜନା ମଧ୍ୟ ଭିତ୍ତିପ୍ରସ୍ତରରେ ସୀମିତ। କେବଳ ଗୋଟା ବ୍ୟାରେଜ୍ ନୁହଁ, ଗୁଣପୁର ଠାରୁ ମାତ୍ର ୧୦କିମି ଦୂର ନେରେଡ଼ି ଠାରେ ଦ୍ୱିତୀୟ ବ୍ୟାରେଜ୍ ନିର୍ମାଣ କରିବାକୁ ଆନ୍ଧ୍ର ଆଗଭର ହୋଇଥିଲେ। ୧୯୮୦ ମସିହାରେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ଉପରେ ଏହି ପ୍ରକଳ୍ପ ନିମନ୍ତେ ଆନ୍ଧ୍ର ଚାପ ପକାଇଥିଲା। ତେବେ ଏହି ପ୍ରକଳ୍ପ ଯୋଗୁ ଗୁଣପୁର ଏବଂ କାଶୀନଗର ଅଞ୍ଚଳ ବୁଡ଼ିଯିବାର ସମ୍ଭାବନା ରହିଥିବାରୁ ଓଡ଼ିଶାରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରୟାସ ଯୋଗୁ ଆନ୍ଧ୍ରର ପ୍ରକଳ୍ପ ଆଗେଇ ପାରିନଥିଲା। ଓଡ଼ିଶା ପ୍ରକଳ୍ପ ନିର୍ମାଣରେ ପଛରେ ପଡ଼ିଥିବାରୁ ୨୦୦୩ ମସିହାରେ ତତ୍କାଳୀନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ୍ଡି ୯୫୦କୋଟି ଟଙ୍କା ବ୍ୟୟରେ ନେରେଡ଼ି ନିକଟସ୍ଥ କାଟ୍ରାଗାଡ଼ାରେ ନୂଆ ପ୍ରକଳ୍ପ ନିର୍ମାଣ ଆରମ୍ଭ କରି ୩ବର୍ଷରେ ୬୦ପ୍ରତିଶତ କାମ ସାରିଦେଲେ। ୨୦୦୬ ମସିହା ଫେବ୍ରୁଆରି ମାସରେ ଓଡ଼ିଶା ସରକାର ଏହି ପ୍ରକଳ୍ପକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କାଟ୍ରାଗାଡ଼ା ପ୍ରକଳ୍ପକୁ ବିଫଳ କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଂଶଧାରା-ଋଷିକୂଲ୍ୟା ନଦୀ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଯୋଜନା କରିଥିଲେ। ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାର ହଜାର ହଜାର ଚାଷ ଜମିକୁ ଜଳସେଚନ, ବନ୍ୟା ନିୟନ୍ତ୍ରଣ ସହ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ନିମନ୍ତେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ଏଥିପାଇଁ ୨୦୦୬ରେ ଗୁଡ଼ାରୀ ଠାରେ ବଂଶଧାରା-ଋଷିକୁଲ୍ୟା ନାଁରେ ଏକ ସର୍ଭେ ଅଫିସକୁ ତତ୍କାଳୀନ ଜଳସେଚନ ରାଷ୍ଟ୍ର ମନ୍ତ୍ରୀ ରବିନାରାୟଣ ନନ୍ଦ ଉଦ୍‌ଘାଟନ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ପ୍ରକଳ୍ପ ବାସ୍ତବ ରୂପ ନେଇପାରିନି। ଏହାରି ମଧ୍ୟରେ କେନ୍ଦ୍ରୀୟ ଟ୍ରିବ୍ୟୁନାଲ ଆନ୍ଧ୍ର ସରକାରଙ୍କୁ ଓଡ଼ିଶାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରି କାଟ୍ରାଗାଡ଼ା ପ୍ରକଳ୍ପ ସଂପୂର୍ଣ୍ଣ କରିବାକୁ ୨୦୨୧ ମସିହାରେ ଅନୁମତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବଂଶଧାରା ନଦୀର କ୍ୟାଚ୍‌ମେଣ୍ଟ ଏରିଆ ୧୦ହଜାର ୮୩୦ ବର୍ଗକିମି ହୋଇଥିବା ବେଳେ ଓଡ଼ିଶାରେ ୮୦୧୫ ବର୍ଗକିମି ଏବଂ ଆନ୍ଧ୍ରପ୍ରଦେଶରେ ୨୮୧୫ ବର୍ଗକିମି ରହିଛି। ବଂଶଧାରା ଓଡ଼ିଶାରୁ ଉତ୍ପତ୍ତି ହୋଇଥିଲେ ମଧ୍ୟ ଆନ୍ଧ୍ର ଭରପୂର ଫାଇଦା ପାଉଛି। ଓଡ଼ିଶା ସରକାର କେବେ ଚେତିବେ ଦେଖିବାକୁ ବାକି ରହିଲା।

## ୧୬୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

କେନ୍ଦୁଝରଗଡ,୧୦/୩: ଆନନ୍ଦପୁର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନନ୍ଦପୁର ମହାବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ ସମାରୋହ ମଞ୍ଚରୁ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ପ୍ରଦାନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ବିଜୁ ସେତୁ ଯୋଜନା ଅଧୀନରେ ୧୪.୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪ ଟି ସେତୁ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୧୭.୮୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪ଟି ରାସ୍ତା, ମୋଟ ୭.୯୨ କୋଟି ଟଙ୍କାରେ ଓଡ଼ପଡ଼ାସ୍ଥିତ ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ କର୍ମଚାରୀଙ୍କ ନବନିର୍ମିତ କ୍ୱାର୍ଟରକୁ ଉଦଘାଟନ କରିଛନ୍ତି ।ସେହିପରି ପ୍ରାୟ ୫୨ କୋଟି ଟଙ୍କାରେ ୩୪.୮୮ କିଲୋମିଟର ବିଶିଷ୍ଟ ନୂତନ ରାସ୍ତା ନିର୍ମାଣ, ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ବି.ଏନ ସଂସ୍କୃତ କଲେଜର ସ୍ମାର୍ଟ କ୍ଲାସରୁମ ଓ ପାଠାଗାର ଓ ୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୫୦ ଅନ୍ତେବାସୀ ରହିବା ଭଳି ଏକ ହଷ୍ଟେଲ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ପ୍ରଦାନ କରିଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ହଦଗଡ଼ ବନ୍ୟଜନ୍ତୁ ରେଞ୍ଜରେ ଏକ ସୁବିଧା କେନ୍ଦ୍ର ପ୍ରତିଷ୍ଠା, ପିଏମଶ୍ରୀ ନିୟମାବଳୀ ଅନୁଯାୟୀ ହଦଗଡ଼ ଜବାହାର ନବୋଦୟ ବିଦ୍ୟାଳୟର ଉନ୍ନତିକରଣ ଏବଂ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଓ ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ଖୁବ ଶୀଘ୍ର ସମାପ୍ତ କରି ଏହାର ସୁଫଳ ଜନସାଧାରଣଙ୍କୁ ଭେଟି ଦିଆଯିବ ବୋଲି ଘୋଷଣା କରିଥିଲେ ।



## ବର୍ଷାରେ ଡଙ୍ଗା, ଖରାଦିନେ ବାଉଁଶ ପୋଲ ଭରସା

### ୧୫ ଖଣ୍ଡ ଗ୍ରାମବାସୀଙ୍କ ଦୁଃଖ ଇନ୍ଦ୍ରାବତୀ ନଦୀ



କୋଷାଗୁମୁଡ଼ା/କୋଡ଼ିଙ୍ଗା,୧୦/୩: ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଦେଇ ପ୍ରବାହିତ ହୋଇଛି ଇନ୍ଦ୍ରାବତୀ ନଦୀ। ନଦୀର ବିପରୀତ ପାର୍ଶ୍ୱରେ ରହିଛି କୋରାପୁଟ ଜିଲ୍ଲାର କୋଟପାଡ଼ ସହର। ଉଭୟ ଜିଲ୍ଲାର ସୀମା ନିର୍ଧାରଣ କରୁଛି ଇନ୍ଦ୍ରାବତୀ ନଦୀ। ଦୁଇ ପଡ଼ୋଶୀ ବ୍ଲକ୍‌ବାସୀଙ୍କ ଭିତରେ ରହିଛି ପାରିବାରିକ ଓ ସାଂସ୍କୃତିକ ସମ୍ପର୍କ। ତେବେ ଦୁଇ ବ୍ଲକ୍ ମଧ୍ୟରେ ଅନ୍ତରାୟ ସାଜିଛି ଇନ୍ଦ୍ରାବତୀ ନଦୀ। ନଦୀକୂଳରେ ଥିବା କୋଷାଗୁମୁଡ଼ା ବ୍ଲକର କଣ୍ଟାସାରୁଗୁଡ଼ା ସମେତ ୧୫ ଖଣ୍ଡ ଗ୍ରାମବାସୀଙ୍କ ପାଇଁ ଏହି ନଦୀ ଦୁଃଖର କାରଣ ପାଲଟିଛି। ଦୈନନ୍ଦିନ ଜୀବନ ଜୀବିକା ପାଇଁ ଏଠାକାର ଲୋକ କୋଟପାଡ଼ ଓ ଛତିଶଗଡ଼ର ଜଗଦଲପୁର ଉପରେ ନିର୍ଭର କରୁଛନ୍ତି। ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ହୋଇନଥିବାରୁ ନଦୀ ପାର ପାଇଁ ଜୀବନକୁ ବାଜି ଲଗାଇବାକୁ ପଡୁଛି। ପୋଲ ନିର୍ମାଣ ହେଲେ ସବୁ ସମସ୍ୟାର ସମାଧାନ ହୋଇଯିବ। କିନ୍ତୁ ପ୍ରଶାସନ ଏହି ଦାବିକୁ ଅଣଦେଖା କରି ଚାଲିଛି। ବାରମ୍ବାର ଗୁହାରି କରି ଥକିବା ପରେ ସମସ୍ୟାର ସମାଧାନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ବନମାଳୀ ଦୋରା। କୋଷାଗୁମୁଡା ବ୍ଲକ କେ. ସେମଳା ପଞ୍ଚାୟତ କଣ୍ଟାସାରୁଗୁଡ଼ାର ବନମାଳୀ ୬୦ ହଜାର ଟଙ୍କା ବ୍ୟୟରେ କୋରାପୁଟରୁ କାଠ ଓ ବାଉଁଶ ଆଣି ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲ ନିର୍ମାଣ କରିଛନ୍ତି। ଯାହା ୧୫ ଖଣ୍ଡ ଗ୍ରାମବାସୀଙ୍କ ଜୀବନ ଜୀବିକାର ମାଧ୍ୟମ ସାଜିଛି। ଏଥି ପୂର୍ବରୁ ବନମାଳୀଙ୍କ ବାପା ଜୟଦେବ ଦୋରା ନିଜସ୍ୱ ଖର୍ଚ୍ଚରେ ପୋଲ ନିର୍ମାଣ କରୁଥିଲେ। ବାପାଙ୍କ ପ୍ରେରଣାରେ ପୋଲ ନିର୍ମାଣ କରୁଥିବା କହିଛନ୍ତି ବନମାଳୀ। ଖରାଦିନରେ ଏହି ବାଉଁଶ ପୋଲ ନଦୀ ପାର ହେବାର ପ୍ରମୁଖ ମାଧ୍ୟମ ପାଲଟୁଛି। ବର୍ଷା ଦିନରେ ନଦୀରେ ୧୫ ଫୁଟରୁ ଅଧିକ ପାଣି ରହୁଥିବାରୁ କାଠ ଡଙ୍ଗାରେ ଗ୍ରାମବାସୀ ନଦୀ ପାର ହୋଇ ବିଭିନ୍ନ କାମରେ ଯାଉଛନ୍ତି। ୨୦୦ ମିଟରର ବାଉଁଶ ପୋଲ କଣ୍ଟାସାରୁଗୁଡ଼ାରୁ କୋଟପାଡ଼ର ବାଗୁଲୀକୁ ଯୋଡୁଛି। ନଦୀ ପାର ହେବା ପରେ ମାତ୍ର ୨ କିମି ଦୂରରେ କୋଟପାଡ଼ ସହର ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସହ ବ୍ୟାବସାୟିକ କ୍ଷେତ୍ର ପାଇଁ ଗ୍ରାମବାସୀ କୋଟପାଡ଼ ଉପରେ ନିର୍ଭର କରୁଛନ୍ତି। କଣ୍ଟାସାରୁଗୁଡ଼ା ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ବ୍ଲକ୍ ସଦର ମହକୁମାରୁ ପ୍ରାୟ ୨୦ କିମି ଦୂରରେ ରହିଛି ଏହି ଗାଁ। ସେହିପରି ଜଗଦଲପୁରକୁ କୋଟପାଡ଼ ଦେଇ ଗଲେ ଦୂରତା କମୁଛି। ଏ ସମ୍ପର୍କରେ କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ କହିଛନ୍ତି ୧୦ ଲକ୍ଷ ଭିତରେ ଆମେ ବ୍ରିଜ୍ ନିର୍ମାଣ କରିପାରିବୁ। କିନ୍ତୁ ବ୍ରିଜ୍ ନିର୍ମାଣ ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଯାହା ଆମ କ୍ଷମତା ବାହାରେ। ଲୋକଙ୍କ ଅଭିଯୋଗ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯିବ ବୋଲି ବିଡିଓ ଶ୍ରୀ ତ୍ରିପାଠୀ କହିଛନ୍ତି।

## ପ୍ଲାଷ୍ଟିକ୍ ରିସାଇକେଲିଂ କାରଖାନାରେ ଅଗ୍ନିକାଣ୍ଡ

କଟକ-ଜଗତପୁର,୧୦/୩: ଗତକାଲି ବିଳମ୍ବିତ ରାତିରେ ଜଗତପୁର ଥାନା ଖଇରା ମୌଜା ଅନ୍ତର୍ଗତ ଜଗତପୁର ନୂତନ ଶିଳ୍ପାଞ୍ଚଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଏକ ପ୍ଲାଷ୍ଟିକ୍ ରିସାଇକେଲିଂ କାରଖାନା ଓ ଏକ କବାଡ଼ିଆ ଗୋଦାମ ଭସ୍ମୀଭୂତ ହୋଇଯାଇଛି। ଏଠାରେ ଥିବା ୪ଟି ଦାମୀ ମେସିନ୍ ଏବଂ ୨ଟି ଟ୍ରାନ୍ସଫର୍ମର ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲାଗିବା ବେଳେ ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ଘର ବାହାରକୁ ଚାଲି ଆସିଥିଲେ। ଗୋଦାମ ଓ କାରଖାନାରେ କେଉଁ ପରିସ୍ଥିତିରେ ନିଆଁ ଲାଗିଲା ତାହା ଅସ୍ପଷ୍ଟ ରହିଛି। ସର୍ଟସର୍କିଟ୍ କାରଣରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଅଗ୍ନିକାଣ୍ଡରେ ଉଭୟ ଗୋଦାମ ଓ କାରଖାନାରେ ୫୦ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ଆକଳନ କରାଯାଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ହଠାତ୍ କବାଡ଼ିଆ ଗୋଦାମରେ ନିଆଁ ଲାଗିଯାଇଥିଲା। ପରେ ଗୋଦାମରୁ ନିଆଁ ଝୁଲ ପାଖ କାରଖାନାରେ ପଡ଼ି ଜଳିବାକୁ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଜଗତପୁର ଥାନା ପୁଲିସ ଖବର ପାଇ ଚାଉଳିଆଗଞ୍ଜସ୍ଥିତ ଦମକଳ କେନ୍ଦ୍ରକୁ ଅବଗତ କରିଥିଲା। ଘଟଣାସ୍ଥଳରେ ଚାଉଳିଆଗଞ୍ଜ ଦମକଳ କେନ୍ଦ୍ରର ଷ୍ଟେସନ୍ ଅଫିସର୍ ବିକାଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନିଆଁକୁ ଆୟତ୍ତ କରାଯିବାକୁ ଉଦ୍ୟମ କରାଯାଇଥିଲେ ବି ପ୍ରକୋପ ସମୟ କ୍ରମେ ବୃଦ୍ଧି ପାଇବାକୁ ଲାଗିଥିଲା। ପରେ ଟାଙ୍ଗୀ, ଚୌଦ୍ୱାର ଅଞ୍ଚଳରେ ଥିବା ଦମକଳ କେନ୍ଦ୍ରରୁ ଅଧିକ ଗାଡ଼ି ଘଟଣାସ୍ଥଳରେ ନିୟୋଜିତ ହୋଇଥିଲା। ୩ଟି ଦମକଳ ଗାଡ଼ି ୬ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ।

## ଖରା ଆରମ୍ଭରୁ ଜଳକଷ୍ଟ: ଶୁଖିଲାଣି ନଦୀ, ଜଳଭଣ୍ଡାରରେ ଜଳସ୍ତର ହ୍ରାସ



କେନ୍ଦୁଝର,୧୦/୩: ଖରା ଆରମ୍ଭରୁ ବାଧିଲାଣି ଜଳକଷ୍ଟ। କେନ୍ଦୁଝର ଜିଲ୍ଲାର ପ୍ରମୁଖ ନଦୀ ବୈତରଣୀ ସମେତ ଅନ୍ୟାନ୍ୟ ନଦୀନାଳ ଶୁଖିବାକୁ ବସିଥିବା ବେଳେ ବିଭିନ୍ନ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇଲାଣି। ଗତବର୍ଷ ପରି ଏଥର ବି ଜିଲ୍ଲାବାସୀ ଜଳ ସଂକଟର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ବିଭିନ୍ନ ଶିଳ୍ପସଂସ୍ଥା ସରକାରଙ୍କ ସହ କରିଥିବା ଚୁକ୍ତି ଉଲ୍ଲଂଘନ କରି ବୈତରଣୀରୁ ଜଳ ଶୋଷୁଥିବାରୁ ଖରାଦିନେ ଏଭଳି ସମସ୍ୟା ସୃଷ୍ଟି ହେଉଛି। କେନ୍ଦୁଝର ଜିଲ୍ଲାରେ ଏକାଧିକ ନଦୀ ଓ ପାହାଡ଼ୀ ଝରଣା ରହିଛି। ଏସବୁ ନଦୀନାଳ ଜଳରେ ଚାଷବାସ ସାଙ୍ଗକୁ ଲୋକେ ପାନୀୟଜଳ ଭାବେ ବ୍ୟବହାର କରିଥାନ୍ତି। କେବଳ ବର୍ଷାଦିନକୁ ଛାଡ଼ିଦେଲେ ଅନ୍ୟ ଦିନଗୁଡ଼ିକରେ ନଦୀନାଳ ଶୁଖିଲା ପଡୁଛି। ଜଳ ପରିଚାଳନାରେ ଅବ୍ୟବସ୍ଥା ଓ ଦୂରଦୃଷ୍ଟି ଅଭାବରୁ ଏହି ସମସ୍ୟା ବର୍ଷବର୍ଷ ଧରି ଲାଗିରହିଛି। କେନ୍ଦୁଝରର ଜୀବନରେଖା କୁହାଯାଉଥିବା ବୈତରଣୀ ନଦୀରୁ ୬ଟି ଶିଳ୍ପସଂସ୍ଥା ଜଳ ସଂଗ୍ରହ କରୁଛନ୍ତି। ଖରାଦିନେ ଜଳ ସଂଗ୍ରହ ନ କରିବାକୁ ଚୁକ୍ତି ରହିଛି। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ। ଝୁମ୍ପୁରା ବ୍ଲକ୍ ବସନ୍ତପୁରଠାରେ ଥିବା ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ ୧୧.୭୭ କ୍ୟୁସେକ୍ ଜଳ ବ୍ୟବହାର କରିବାକୁ ଏନ୍‌ଓସି ପାଇଛି। ଖରାଦିନେ ବିଶେଷକରି ମାର୍ଚ୍ଚରୁ ଜୁନ୍ ମାସ ପର୍ଯ୍ୟନ୍ତ ନଦୀଜଳ ବ୍ୟବହାର ନ କରିବାକୁ ଚୁକ୍ତିରେ ଉଲ୍ଲେଖ ରହିଛି। ଏହି ନିୟମକୁ କମ୍ପାନି କର୍ତ୍ତୃପକ୍ଷ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ବସନ୍ତପୁର ପଞ୍ଚାୟତ ଭାଲିଆକୁଦର ନିକଟରେ ଏକ ବିରାଟ ଇନ୍‌ଟେକ୍ ଓ୍ୱେଲ୍ କରି ନଦୀରୁ ଜଳ ଶୋଷୁଛି। ଅସ୍ଥାୟୀ ଆଡ଼ିବନ୍ଧ କରିବା ସହ ମୋଟର ଲଗାଇ ଇନ୍‌ଟେକ୍ ଓ୍ୱେଲ୍‌ରୁ ପାଣି ଉଠାଇ ୯ କିଲୋମିଟର ଦୂରରେ ଥିବା ଦବୁନାସ୍ଥିତ ନିଜସ୍ୱ କାରଖାନାରେ ପହଞ୍ଚାଉଛି। ଫଳରେ ନଦୀ ଜଳସ୍ରୋତ କମିବାରେ ଲାଗିଛି। କେନ୍ଦୁଝର ସହରର ଶୋଷ ମେଣ୍ଟାଉଥିବା ସାନମାଛକାନ୍ଦଣା ହେଉଛି ଚିରସ୍ରୋତା। ଏହା ସୁମଠ ପର୍ବତରୁ ବାହାରି ଉପରକଅଁସ, ତଳରଡୁଆଁ, ଚମ୍ପେଇ ଦେଇ ପ୍ରବାହିତ ହୋଇଛି। ଏହି ନଦୀର ବଡ଼ଘାଗରାଠାରେ ଡ୍ୟାମ୍ ନିର୍ମାଣ କରାଯାଇଛି। ଚଳିତବର୍ଷ ମାର୍ଚ୍ଚରୁ ସାନମାଛକାନ୍ଦଣା ନଦୀଶଯ୍ୟା ଶୁଷ୍କ ପଡ଼ିଲାଣି। ମେ ଓ ଜୁନ୍ ମାସ ବେଳକୁ ଏହି ଚିରସ୍ରୋତା ନଦୀ ଶୁଖିଯିବାର ଆଶଙ୍କା ରହିଛି।

# କନ୍ଧମାଳ ଜିଲ୍ଲାରେ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ପ୍ରଦାନ ମେଳା ଅନୁଷ୍ଠିତ





ଫୁଲବାଣୀ , ୧୦/୩: ଓଡ଼ିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗର ମହିଳା ସଶକ୍ତିକରଣ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ସୁଭଦ୍ରା'ର ଶୁଭାରମ୍ଭ ଗତ ବର୍ଷ ସେପ୍ଟେମ୍ବର ମ ମାସରେ ହେଇଥିବାବେଳେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବ୍ରହ୍ମପୁରରୁ ସିଧା ପ୍ରଶାରଣ ମାଧ୍ୟମରେ ଆଜି ସୁଭଦ୍ରା ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ କରୋନେସନ ପଡ଼ିଆରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ମାନୀତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା ନିଜ ବକ୍ତବ୍ୟରେ କହିଲେ ରାଜ୍ୟ ସରକାର ମହିଳାମାନଙ୍କୁ ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ସମାନତା ପ୍ରଦାନ ପାଇଁ ଯୋଜନା କରୁଛନ୍ତି । ମହିଳା ସଶକ୍ତିକରଣ ପାଇଁ ନେଇଥିବା ପଦକ୍ଷେପ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ ଅବସରରେ ସେ କହିଲେ, ଏହି ସହାୟତା ରାଶିର ସୁବିନିଯୋଗ କରି ସେମାନେ ପରିବାର, ସମାଜ ଓ ରାଷ୍ଟ୍ରକୁ ଆଗେଇ ନଇପାରିବେ। ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ କହିଲେ, ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଥିବା ଅସମାନତା ଦୂର କରିବା ସହିତ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି। ଗାଁ ର ମା'ମାନେ ସ୍ୱାବଲମ୍ବୀ ହେଲେ , ତାଙ୍କ ଆର୍ଥିକ ବିକାଶ ହେବା ସହିତ ପରିବାରର ବିକାଶ ହେବ। ଫଳରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ମହିଳାମାନେ ନିଜର ଶିକ୍ଷା ଓ ଦକ୍ଷତାକୁ ବୃଦ୍ଧି କରି ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଲେ ଏହି ଅସମାନତା ଦୂରହୋଇପାରିବ। ମାନ୍ୟବର ଫୁଲବାଣୀ ବିଧାୟକ ପ୍ରତିନିଧି ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି କହିଲେ, ପ୍ରତ୍ୟେକ ସଫଳ ବ୍ୟକ୍ତିଙ୍କ ପଛରେ ଜଣେ ମା'ର ଭୂମିକା ନିଶ୍ଚୟ ଅଛି । ଏହି ଦିବସର ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା। ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ କହିଲେ,ମହିଳା ସଶକ୍ତାକରଣ ପାଇଁ ସରକାରଙ୍କର ଯେଉଁସବୁ ଯୋଜନା ରହିଛି ବା ଆଗକୁ ହେବାର ଅଛି ସେ ସବୁର ର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରମତୀ ବିଜୟ ଲକ୍ଷ୍ମୀ ବେହେରା ଏହି ଏହି ସୁଭଦ୍ରା ସହାୟତା ରାଶିକୁ ସଠିକ୍ ଉପାୟରେ ବିନିଯୋଗ କରିବାକୁ ହିତାଧିକାରୀମାନଙ୍କୁ ନିବେଦନ କରିଥିଲେ। ଯେଉଁ ଯୋଗ୍ୟ ହିତାଧିକାରୀମାନେ କୌଣସି କାରଣରୁ ଏହି ରାଶି ପାଇପାରିନାହାଁନ୍ତି ସେ ସେମାନେ ନିକଟସ୍ଥ ମୋ ସେବା କେନ୍ଦ୍ରକୁ ଯାଇ ଅଭିଯୋଗ କରନ୍ତୁ ନୋଚେତ୍ ଆକାଉଣ୍ଟକୁ ଡିବିଟି ମୋଡ୍‌କୁ ରୁପାନ୍ତରିତ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଡିପିସି ଶ୍ରୀ ସମ୍ବିତ ହୋତା କହିଲେ, କନ୍ଧମାଳ ଜିଲ୍ଲାର ୧ଲକ୍ଷ ୪୮ହଜାର ସୁଭଦ୍ରା ହିତାକାରୀ ଲକ୍ଷ ଧାର୍ଯ୍ୟ ଥିବାବେଳେ ୧ଲକ୍ଷ ୯୫ହଜାର ୫୭୩ଜଣ ଆବେଦନ କରିଛନ୍ତି ସେମାନଙ୍କ ମଧ୍ୟରୁ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସୁଦ୍ଧା ୧ଲକ୍ଷ ୭୨ ହଜାର ୪୩୫ ଜଣ ହିତାଧିକାରୀଙ୍କୁ ସିଧାସଳଖ ଅର୍ଥ ହସ୍ତାନ୍ତର କରାଯାଇପାରିଛି।

## କନ୍ଧମାଳ ଜିଲ୍ଲା ପଂଚାୟତ ଭବନ ରେ ବିଶ୍ୱ ମହିଳା ଦିବସ ପାଳିତ





ଫୁଲବାଣୀ , ୧୦/୩: କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ମହିଳା ଦିବସ ଗତକାଲି ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜର ଏକ ଭଜନ ମାଧ୍ୟମରେ ସମସ୍ତଙ୍କର ମଙ୍ଗଳ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମାନ୍ୟବର ବିଧାୟକ ଫୁଲବାଣୀଙ୍କ ପ୍ରତିନିଧି ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି କହିଥିଲେ ଯେ ଲିଙ୍ଗଗତ ସମାନତା ସରକାରଙ୍କ ପ୍ରୋତ୍ସାହନ ଓ ଆମ ସମସ୍ତଙ୍କର ଭାଗିଦାରିତା ଉପରେ ନିର୍ଭର କରେ। ମା'ମାନେ ପାଠୁଆ ହେଲେ ପିଲାମାନେ ପାଠୁଆ ହେବେ। କାରଣ ପରିବାରକୁ ସଜାଡ଼ିବାରେ ମା'ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉପ-ଆରକ୍ଷୀ ଅଧକ୍ଷକ ଶ୍ରୀ କମଳ କୁମାର ପଣ୍ଡା ମହିଳାମାନଙ୍କ ସୁରକ୍ଷା ପାଇଁ ଥିବା ଆଇନ୍ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମହିଳାମାନଙ୍କ ଶିକ୍ଷା ଓ ରୋଜଗାର ପାଇଁ ସରକାର ନେଉଥ ?ିବା ପଦକ୍ଷେପ ଉପରେ ମଧ ସେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଜୟାଲକ୍ଷ୍ମୀ ବେହେରା ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଯେଉଁ ଦେଶର ନାରୀ ଯେତେ ସମ୍ମାନର ଅଧିକାରୀ ସେ ଦେଶର ନାରୀ ସେତେ ସଶକ୍ତ ବୋଲି କୁହାଯାଇପାରିବ ଏବଂ ସେ ଦେଶ ସେତେ ଉନ୍ନତ ବୋଲି ମଧ କୁହାଯିବ । ମହିଳାମାନଙ୍କୁ ସେମାନଙ୍କ ଦକ୍ଷତା ଅନୁଶାରେ ନିଜ ନିଜର ପାରଦର୍ଶିତା ହାସଲ କରିବାକୁ ନିବେଦନ କରିଥିଲେ। ଫଳରେ ସେମାନେ ସ୍ୱାବଲମ୍ବୀ ହୋଇପାରିବା ସହିତ ଆର୍ଥିକ ସ୍ୱାଧୀନତା ଲାଭ କରିପାରିବେ ବୋଲି ସେ କହିଥିଲେ । ଶିଶୁ କଲ୍ୟାଣ କମିଟିର ସଦସ୍ୟ ଶ୍ରୀ ପ୍ରଶନ୍ନ ବିଶୋଇ କହିଲେ ସମାଜରେ ମା'ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ସ୍ୱାତୀ ଅନୁଷ୍ଠାନର କର୍ମକର୍ତ୍ତା ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ ମହିଳାମାନଙ୍କ ଦକ୍ଷତା ବୃଦ୍ଧିକରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିପାରିଲେ ସେମାନେ ପୁରୁଷମାନଙ୍କ ସହ ସମାନ ହୋଇପାରିବେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା,ଭୁବନେଶ୍ୱରର ସଦସ୍ୟ ମହିଳାମାନେ ଶିକ୍ଷିତ ହେଲେହିଁ ନିଜର ହକ୍ ପାଇଁ ସ୍ୱର ଉଠାଇପାରିବେ ବୋଲି କହିଥିଲେ ପିସିଆଇ,ଇଣ୍ଡିଆର କର୍ମକର୍ତ୍ତ୍ ସୁପ୍ରିୟା ପ୍ରଧାନ ଭୃଣ ହତ୍ୟା ଓ ଲିଙ୍ଗଗତ ଅସମାନତା ବିରୁଦ୍ଧରେ ଅଲୋଚନା କରିବା ସ ?ହିତ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ମିଳିତ ଭାବେ ଲଢ଼େଇ କରିବାକୁ ପରାମର୍ଶ ଦେଇଥିଲେ। ଏହି ଦିବସ ଉପଲକ୍ଷେ ଅଙ୍ଗନୱାଡ଼ି କର୍ମୀ ଓ ସହୟିକା ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ କବାଡ଼ି, ଖୋ ଖୋ, ଦଉଡ଼ି ଟଣା, ରଙ୍ଗୋଲି ଏବଂ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାର ୧ଲକ୍ଷ ୭୨ହଜାର ସୁଭଦ୍ରା ହିତାଧିକାରୀ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ସୁଭଦ୍ରାମା'ଙ୍କ ନାମରେ ନିଜ ନିଜ ଘରେ ଦୀପ ଜାଳିଥିଲେ ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାଟୀ ଶ୍ରୀମତୀ ବେହେରା ସୂଚନା ଦେଇଥିଲେ । ଆଜିର ବୈଠକକୁ ରେଡ଼ିଓ ମୁସ୍କାନ ଶିବାନୀ ସୁଆର ଓ ଆକ୍ସନ୍ ଏଡ୍ ଜିଲ୍ଲା ସଂଯୋଜକ ସନ୍ଧ୍ୟାରାଣୀ ନାୟକ ପରିଚାଳନା କରିଥିଲେ। ଏ ଦିଗରେ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନର ସଦସ୍ୟ/ସଦସ୍ୟା,ସଂପୃକ୍ତ ସରକାରୀ ପଦାକାରୀ ଉକ୍ତ ବୈଠକରେ ଯୋଗଦେଇଥିଲେ ।

# ଫୁଲବାଣୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଶ୍ୱ ମହିଳା ଦିବସ ପାଳିତ




ଫୁଲବାଣୀ , ୧୦/୩: କନ୍ଧମାଳ ଜିଲ୍ଲା ଫୁଲବାଣୀ ଆଇନ ସେବା ପ୍ରାଧିକରଣ ଜିଲ୍ଲାଦୌରା ଜଜ୍ ତଥା ଅଧକ୍ଷ ଶ୍ରୀଯୁକ୍ତ ସତ୍ୟାପୀର ମିଶ୍ର ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ତା:୦୮/୦୩/୨୦୨୫ ରିଖରେ ଫୁଲବାଣୀ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସଭାଗୃହରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଏକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ଏହି ସଚେତନତା ଶିବିରରେ ଶ୍ରୀଯୁକ୍ତ ସତ୍ୟପୀର ମିଶ୍ର, ଜିଲ୍ଲା ଓ ଦୌରା ଜଜ୍, ଫୁଲବାଣୀ, ଶ୍ରୀଯୁକ୍ତ ପ୍ରୀତିଶ କୁମାର ରାଉତରାୟ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ଫୁଲବାଣୀ, ଦୁର୍ନୀତି ନିବାରଣ ଅଦାଲତ ବିଚାରପତି ଶ୍ରୀଯୁକ୍ତ ସମର ବିଳାଶ ବେହେରା, ପରିବାର ଅଦାଲତ ବିଚାରପତି ଶ୍ରୀଯୁକ୍ତ ଦେବଦତ୍ତ ଦାସ ମହାପାତ୍ର, ସ୍ଥାୟୀ ଲୋକ ଅଦାଲତ ବିଚାରପତି ଶ୍ରୀଯୁକ୍ତ ଦୋଳଗୋବିନ୍ଦ ବାରିକ, ଏଫଟିଏସସି କୋର୍ଟ ବିଚାରପତି ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସ୍ୱାଇଁ, ପୋକସୋ କୋର୍ଟ ବିଚାରପତି ଶ୍ରୀଯୁକ୍ତ ରାଜେସ ଦାସ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଶ୍ରୀମତୀ ବନାଳୀ ତ୍ରିପାଠୀ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଶ୍ରୀମତୀ ନିତିଶା ଚନ୍ଦକ, ଶ୍ରୀମତୀ ଅନୁଶୀଳା ରୟ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ, ଏସ.ଡି.ଜେ.ଏମ ଶ୍ରୀମତୀ ସୌମ୍ୟା ସୋନାଲିକା, ବାର ଆସୋସିଏସନ, ଫୁଲବାଣୀର ସଭାପତି, ଶ୍ରୀ ନିରୋଦ କୁମାର ପାତ୍ର ଓ ସମ୍ପାଦକ ଶ୍ରୀ କୁଞ୍ଜ ବିହାରୀ ଶତପଥୀ, ଫୁଲବାଣୀ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ, ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ, ଲିଗାଲ ଏଡ ଡିଫେନସେ କାଉନସ୍ଲେ, ଫୁଲବାଣୀ, ଡ଼ା. ସନ୍ତୋଷ କୁମାର ପାଢୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡି.ଏସ.ପି. ଶ୍ରୀ କମଳ କୁମାର ପଣ୍ଡା, ଖଜୁରୀପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମହିଳା ଡାକ୍ତର, ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ଉକ୍ତ ସଭାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରାଯିବା ସହିତ, ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ଆଇନ ବ୍ୟବସ୍ଥା, ପାରିବାରିକ ହିଂସା ଆଇନ, ପୋକସୋ ଆକ୍ଟ, ଏବଂ ନିଜକୁ ସାଇବର ଆକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ମୋବାଇଲ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା ଇତ୍ୟାଦି ସମ୍ପର୍କରେ ସଚେତନ କରାଯାଇଥିଲା । ବର୍ତମାନ ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କିମ୍ବା କ୍ରୀଡ଼ା, ବିଜ୍ଞାନ ସବୁ କ୍ଷେତ୍ରରେ ମହିଳାମାନେ ନିଜର ଦକ୍ଷତା ପ୍ରତିପାଦନ କଲେଣି । ତେବେ ସେମାନେ କିପରି ଆହୁରି ଆଗକୁ ବଢ଼ିପାରିବେ ସେ ସମ୍ପର୍କରେ ଅଲୋଚନା ହୋଇଥିଲା । ଶ୍ରୀମତୀ ଅନୁଶୀଳା ରୟ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ଉକ୍ତ ସଚେତନତା ଶିବିରକୁ ପରିଚାଳନା କରିଥିଲେ ଓ ଶ୍ରୀମତୀ ନିତିଶା ଚନ୍ଦକ ରେଜିଷ୍ଟ୍ରାର ସିଭିଲ କୋର୍ଟ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲକାନଗିରିର ପ୍ରସିଦ୍ଧ ବଡଯାତ୍ରା: ଦୁଇ ବର୍ଷ ଅପେକ୍ଷାର ଅନ୍ତ



ମାଲକାନଗିର୧୦/୩ (ନି.ପ୍ର): ଆରମ୍ଭ ହୋଇଛି ମାଲକାନଗିରି ଜିଲ୍ଲାର ଗଣ ପର୍ବ ବଡ଼ଯାତ୍ରା। ପ୍ରତି ଦୁଇ ବର୍ଷର ଅନ୍ତରରେ ଆୟୋଜିତ ଏହି ଯାତ୍ରା ଶ୍ରଦ୍ଧାଳୁଙ୍କ ପାଇଁ ବଡ଼ ପବିତ୍ର ମୁହୂର୍ତ୍ତ । ଏହି ଯାତ୍ରାଠାରୁ ନିଜକୁ ଦୂରେଇ ରଖିପାରନ୍ତିନି ଓଡିଶା, ଆନ୍ଧ୍ର ଓ ଛତିଶଗଡ଼ର ସୀମାନ୍ତବର୍ତ୍ତୀ ଜନସାଧାରଣ । ବଡ଼ଯାତ୍ରାକୁ ନେଇ ପ୍ରତିଫଳନର ବିଶେଷ ପ୍ରସ୍ତୁତି । ମାଲକାନାଗିରି ଜିଲ୍ଲାର ପ୍ରସିଦ୍ଧ'ବଡ ଯାତ୍ରା' ପ୍ରତି ଦୁଇ ବର୍ଷକୁ ଥରେ ପାଳନ ହୁଏ । ମାଲକାନଗିରିର ଏହା ଗଣର୍ପ୍ୱରେ ସବୁ ବର୍ଗର ଲୋକଙ୍କ ସମାଗମ ହୁଏ ।ପାରମ୍ପରିକ ରୀତିନୀତି ଅନୁଯାୟୀ ଆନ୍ଧ୍ରପ୍ରଦେଶ ର ପୋଲେରୁର ତଡକା ରେଉ ସ୍ନାନ କୁଣ୍ଡ ଠାରେ ସ୍ନାନ ଯାତ୍ରା ସାରି ମାଲକାନଗିରି ଅଭିମୁଖେ ଯାତ୍ରା ଆରମ୍ଭ କରନ୍ତି ତିନି ଠାକୁର କନାମରାଜୁ, ବାଲାରାଜୁ, ପୋତୁରାଜୁ ଓ ମା ମୁତ୍ୟାଲୁମା। ଏହି ତିନି ଠାକୁରଙ୍କୁ ଆନ୍ଧ୍ରପ୍ରଦେଶରୁ ମାଲକାନଗିରି ଜିଲ୍ଲା ଅଭିମୁଖେ ପାଛୋଟି ଆଣିବା ଲାଗି ପୋଲେରୁର ତଡକା ରେଉ ସ୍ନାନ କୁଣ୍ଡ ଠାରେ ଏକତ୍ରୀତ ହୋଇଥାନ୍ତି ଆନ୍ଧ୍ରପ୍ରଦେଶ ଓଡିଶା ସମେତ ଛତିଶଗଡ଼ ର ହଜାର ହଜାର ଭକ୍ତ। ଠାକୁରଙ୍କ ସମେତ ଶ୍ରଦ୍ଧାଳୁ ଗାଧୋଇବା ସହ ଶୁଭ ମନାସନ୍ତି ଲକ୍ଷାଧିକ ଭକ୍ତ । ଏହି ବେଳକୁ ଅପେକ୍ଷା କରି ରହିଥାନ୍ତି ଶ୍ରଦ୍ଧାଳୁ । ମାଲକାନଗିରି ଜିଲ୍ଲାର ପ୍ରସିଦ୍ଧ ତଥା ତିନି ରାଜ୍ୟ ର ଆଦିବାସୀଙ୍କର ଗଣ ପର୍ବ ବଡ଼ଯାତ୍ରା। ଏକ ମାସ ଧରି ବଡ଼ଯାତ୍ରା ର ରୀତିନୀତି ଆରମ୍ଭ ହୋଇଥାଏ । ଆନ୍ଧ୍ରପ୍ରଦେଶ ପୋଲେରୁ ଠାରୁ ଆରମ୍ଭ ହୁଏ ବଡ଼ଯାତ୍ରା । ଆଦିବାସୀଙ୍କ ଆରାଧ ଦେବାଦେବୀଙ୍କୁ କଅଁଳ ବାଉଁଶ ମୟୁର ପୁଚ୍ଛ ସାହାଯ୍ୟ ରେ ପ୍ରତିଷ୍ଠା କରଯାଏ। ତା ପରେ ସୁସଜିତ ବିମାନ ରେ ବିରାଜମାନ କରାଯାଇ ସ୍ନାନ ଯାତ୍ରାରେ ବାହାରନ୍ତି ତିନିଟି ଠାକୁର। ଲୋକ କଥା ଅନୁଯାୟୀ ଠାକୁରଙ୍କ ବୁଡ଼ ପଡିବା ପରେ ଏହି କୁଣ୍ଡ ରେ ବୁଡ଼ ପକେଇଲେ କୋଟି ଜନ୍ମ ର ପୂର୍ଣ୍ଣ ମିଳିଥାଏ। ତିନି ଠାକୁର କନାମରାଜୁ, ବାଲାରାଜୁ, ପୋତରାଜୁ ଏବଂ ମା ମୁତ୍ୟାଲୁମାଙ୍କୁ ତଡକାରେଉ ସ୍ନାନ ପରେ ଡଙ୍ଗାରେ ସମସ୍ତ ଦେବା ଦେବୀଙ୍କୁ ମନ୍ୟମକୋଣ୍ଡା ଠାରେ ଅଣାଯାଇ ସେଠାରେ ଦିନେ ମା ପୂଜା ପାଇବା ପରେ ମାଲକାନଗିରି ଅଭିମୁଖେ ଯାଇଥାନ୍ତି । ବଡ ଠାକୁରଙ୍କ ପାଖେ ଭକ୍ତଙ୍କ ମନସ୍କମାନା ପୂର୍ଣ୍ଣ ହେଉଥିବାରୁ ବହୁ ଭକ୍ତ ଏହି ଯାତ୍ରାରେ ଯୋଗଦେଇଥାନ୍ତି । ପ୍ରତି ଦୁଇ ବର୍ଷ କୁ ଥରେ ମାଘ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମା କୁ ଶେଷ ହୋଇଥାଏ ବଡ଼ ଯାତ୍ରା। କିମ୍ବଦନ୍ତୀ ଅନୁସାରେ ମହାପ୍ରଭୁ ରାମଚନ୍ଦ୍ର ତାଡକାସୁର କୁ ବଧ କରି ଏହି କୁଣ୍ଡ ରେ ବୁଡ଼ ପକେଇ ଥିଲେ ଓ ତା ପରେ ଏହି କୁଣ୍ଡ ତାଡକା କୁଣ୍ଡ ନାମରେ ନାମିତ ହୋଇଛି । ସେହିପରି ଦ୍ୱାପର ଯୁଗରେ କୃଷ୍ଣ ଭୀମ ଓ ଅର୍ଜୁନ ଜରାସନ୍ଧ ଅସୁରକୁ ହତ୍ୟା କରିବା ପରେ ଏହି କୁଣ୍ଡ ରେ ବୁଡ଼ ପକେଇ ଥିଲେ ଓ ପାପ ମୁକ୍ତ ହୋଇଥିଲେ । ଏହି କ୍ରମରେ ଶ୍ରୀ କୃଷ୍ଣ, ଅର୍ଥାତ କାନାମରାଜ, ଭୀମ(ବାଲରାଜ) ଅର୍ଜୁନ (ପୋତରାଜ) ଏବଂ ପୋଲେରୁ ଠାରେ ମା ମ୍ୟୁତ୍ୟୁଲୁମା ଙ୍କୁ ପୂଜା କରି ଜରାସନ୍ଧକୁ ଭୀମ ବଦ୍ଧ କରିଥିଲେ ବୋଲି ବିଶ୍ୱାସ ରହିଛି । ଏହି ପାରମ୍ପରିକ କଥାବସ୍ତୁକୁ ଆଧାର କରି କାହିଁ କେଉଁ କାଳ ରୁ ପ୍ରତି ଦୁଇ ବର୍ଷ କୁ ଥରେ ପାଳିତ ହୋଇଆସୁଛି ଏହି ପାରମ୍ପରିକ ଗଣପର୍ବ ବଡ଼ଯାତ୍ରା। ପ୍ରାୟ ୧୦୦ କିମି ର ପାଦଚଲା ରାସ୍ତା ସାରା ପୂଜା ପାନ୍ତି ଏହି ତିନିଠାକୁର ଓ ମା । ତିନି ଦିନ ଧରି ମାଲକାନଗିରି ସଦର ମହକୁମାରେ ରେ ପୂଜା ପାଇବା ପରେ ଏହି ଯାତ୍ରାର ଶେଷ ହୋଇଥାଏ । ଆଉ ପୁଣି ଭକ୍ତ ଦୁଇ ବର୍ଷ ଧରି ଅପେକ୍ଷା କରି ରୁହନ୍ତି ଏହି ବଡ ଯାତ୍ରା ପାଇଁ । ସେସଦିନ ମାଲକାନଗିରି ସହରରୁ ହିଁ ଠାକୁର ପାଦରେ ଚାଲି ଚାଲି ଯାଆନ୍ତି ଓ ପୋଲେରୁ ନଦୀ ରେ କାଠ ଡ଼ଙ୍ଗାରେ ନଇ ପାରି ହୋଇ ଆନ୍ଧ୍ରପ୍ରଦେଶ ର ପୋଲେରୁକୁ ଏବଂ ସେଠାରୁ ପୁଣି ଥରେ ବିଜୟ ଯାତ୍ରା ରେ ଭକ୍ତଙ୍କ ସହ ପାଦରେ ଚାଲି ଚାଲି ମାଲକାନଗିରି ସହରକୁ ଆସନ୍ତି । ଆସିବା ସମୟରେ ମା ମୁତ୍ୟୁଲୁମାଙ୍କୁ ନିଜ ଭଉଣୀ ଭାବରେ ନେଇକି ଆସନ୍ତି । ଏହି ଯାତ୍ରା ଆନ୍ଧ୍ର-ଓଡ଼ିଶାର ଐତିହ୍ୟ । ଏହା ଉଭୟ ରାଜ୍ୟରେ ଭାଇଚାରା ସୃଷ୍ଟି କରିବାରେ ବେଶ ସହାୟକ ହୋଇପାରିଛି । ତିନି ରାଜ୍ୟର ଭକ୍ତଙ୍କ ପ୍ରବଳ ସମାଗମ ହୁଏ ।

# ଦୈନିକ ଖବର କାଗଜ ଦର୍ଶନର ବନ୍ଧୁମିଳନ କାର୍ଯ୍ୟକ୍ରମ

ଧର୍ମଗଡ,୧୦/୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ବିଜୁପଟ୍ଟନାୟକ ଷ୍ଟାଡିଅମ ଠାରେ ଦୈନିକ ଖବରକାଗଜ 'ଦର୍ଶନ' ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ ବିଧାୟକ ସୁଧିର କୁମାର ପଟ୍ଟଯୋଶୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ,ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ଦର୍ଶନ ଖବରକାଗଜ ର ସଂପାଦକ ବିଭୁତି ଭୁଷଣ ନାୟକ ,ସହ ସମ୍ପାଦକ ପ୍ରଶମିତା ମହାନ୍ତି, ସାନ୍ଧ୍ୟଡିଗ୍ରୀ ମହାବିଦ୍ୟାଳୟର ଅଧାପକ ପରମେଶ୍ୱର ମୁଣ୍ଡ ,ଧର୍ମଗଡ଼ ବ୍ଲକ ସରପଞ୍ଚ ସଙ୍ଘ ସଭାପତି ହାତିରାମ ଦୁର୍ଗା, ବରିଷ୍ଠ ଆଇନଜୀବି ଦୁର୍ଗାପ୍ରସାଦ ନାଏକ, ଯୁବ ଉଦ୍ୟୋଗପତି ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ଏହି ଉପଲକ୍ଷେ ଦର୍ଶନ ଖବର କାଗଜ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବର୍ଗ , ସମାଜ ସେବୀ ଓ ସାମ୍ବାଦିକମାନଙ୍କୁ ମାନପତ୍ର ଦେଇ ସମ୍ମାନୀତ କରିଥିଲେ ।

କାର୍ଯ୍ୟକ୍ରମ ରେ ଚିତ୍ତରଞ୍ଜନ ଦଳପତି ମଞ୍ଚ ପରିଚାଳନା କରିଥିବା ବେଳେ ଦୈନିକ ଖବରକାଗଜ ଦର୍ଶନର କଳାହାଣ୍ଡି ଜିଲ୍ଲା ପ୍ରତିନିଧି ଅନନ୍ତ କୁମାର ପାଳ ଓ ଜୁନାଗଡ଼ ବ୍ଲକ ପ୍ରତିନିଧି ହିମାଂଶୁ ଶେଖର ବରାଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦର୍ଶନ ଖବର କାଗଜ ର ସମସ୍ତ ବ୍ଲକ ପ୍ରତିନିଧି ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବଣାଇଁ ବନ ବିଭାଗ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

ବଣାଇଁ ,୧୦/୩ (ନି.ପ୍ର): ବଣାଇଁ ବନଖଣ୍ଡ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଆଜି ବିଶ୍ୱ ବନ୍ୟପ୍ରାଣୀ ସୁରକ୍ଷା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଅଧକ୍ଷତା କରିଥିଲେ । ଜୀବ ଜଗତକୁ ସୁରକ୍ଷିତ ରଖିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ବନଖଣ୍ଡ ଅଧିକାରୀ ନିଜ ବକ୍ତବ୍ୟରେ କହିଥିଲେ ।କାରଣ ପୃଥିବୀ ପୃଷ୍ଠରେ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ପଶୁପକ୍ଷୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଜୀବେ ଦୟା ଭାରତୀୟ ସଂସ୍କୃତିର ମହାମନ୍ତ୍ର । ଏସବୁ ଦୃଷ୍ଟିକୋଣରୁ ପଶୁପକ୍ଷୀମାନଙ୍କୁ ସୁରକ୍ଷା ଦେବା ସହ ବର୍ତ୍ତମାନ ତାପମାତ୍ରା ଦିନକୁ ଦିନ ବୃଦ୍ଧି



ପାଉଥିବା ବେଳେ ଆମ୍ଭେମାନେ ବିଭିନ୍ନ ସ୍ଥାନରେ ପଶୁପକ୍ଷୀମାନଙ୍କ ପିଇବା ପାଇଁ ପାଣିପାତ୍ରମାନ ରଖି ନିଜ ମାନବିକତାର ପରିଚୟ ଦେବା ନିତାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବଣାଇଁଗଡ ମହାବିଦ୍ୟାଳୟର ଅଧକ୍ଷ ଜେନାମଣି ସାହୁ ଉପସ୍ଥିତ ରହି ସୁସ୍ଥ ସମାଜ ତଥା ପରିବେଶର ସନ୍ତୁଳନ ରକ୍ଷା ପାଇଁ ପଶୁପକ୍ଷୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ବନ ବିଭାଗ ପକ୍ଷରୁ ବଣାଇଁ ର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ପରେ କୃତି ପ୍ରତିଯୋଗୀଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଷୋୟୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ଜର୍ଡା ରେଞ୍ଜ ଅଧିକାରୀ କୈଳାସ କିସାନ, କୁଲିପୋଷ ରେଞ୍ଜ ଅଧିକାରୀ ସୁଚିସ୍ମିତା ଦାସ, ବରସୁଆଁ ରେଞ୍ଜ ଅଧିକାରୀ ଧରଣୀଧର ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# ହାତୀ ଘଉଡ଼ାଇବାକୁ ଯାଇ ପାରାସ୍କ୍ୱାର୍ଡର ପ୍ରାଣଯାଇଥିଲା ପରିବାରକୁ ଭେଟିଲେ କଣ୍ଟାବାଞ୍ଜି ବିଧାୟକ

କଣ୍ଟାବାଞ୍ଜି, ୧୦/୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ମୁରିବାହାଲ ରେଞ୍ଜ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ହାତୀପଲ ଘଉଡ଼ାଇବାକୁ ଯାଇ ପାରା ସ୍କ୍ୱାର୍ଡ ସଦସ୍ୟଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଯାଥିଲା । ସୂଚନା ଅନୁସାରେ ମୁରିବାହାଲ ରେଞ୍ଜ ଜଏଁତରା ସେକ୍ସନ ଗୋବିନ୍ଦପୁର ଜଙ୍ଗଲରେ ହାତୀପଲ ଗାଁ ମୁହାଁ ହେଉଥିଲେ ।ବନକର୍ମଚାରି ସହ ୧୬/୧୭ ଟିକିଆ ହାତୀଙ୍କ ଗତିପଥ ଅନୁଧ୍ୟାନ ଓ ଘଉଡାଇବାକୁ ଗତ ମଙ୍ଗଳବାର ୨୫ ତାରିଖ ସନ୍ଧ୍ୟାରେ ଯାଇଥିଲେ ।ହାତୀପଲ ଦୌଡୁଥିବା ବେଳେ ଗୋଟିଏ ହାତୀ ଗୋଠ ଛଡା ହୋଇଥିଲା ।ବନ କର୍ମଚାରୀ ଓ ପାରା ସ୍କ୍ୱାର୍ଡଙ୍କୁ ଲକ୍ଷ୍ୟ କରି ଗୋଠ ଛଡା ହାତୀ ଆକ୍ରମଣ କରିଥିଲା । ଏଥିରେ



ଘୁଷୁରାମୁଣ୍ଡା ଗ୍ରାମର ଓମ୍ କାର ବାଗ (୩୮)ଗୁରୁତର ହୋଇଥିଲେ ।ତାଙ୍କୁ ଉଦ୍ଧାର କରି ପାଟଣାଗଡ଼ ଡାକ୍ତରଖାନା କୁ ନିଆଯାଇଥିଲା ।ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଗୋଷଣା କରିଥିଲେ । ହାତି ଆକ୍ରମଣରେ ପ୍ରାଣ ହରାଇଥିବା ପରିବାରକୁ ଆଜି କଣ୍ଟାବାଞ୍ଜି ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ ଭେଟି ଥିଲେ । ମୃତ ଓମକାରର ଦୁଇ ଛୋଟ ଛୋଟ ଛୁଆ ଏବଂ ତାଙ୍କ ସ୍ତ୍ରୀ ଙ୍କୁ ସରକାରଙ୍କ ସମସ୍ତ ଯୋଜନା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ବିଜେପି ନେତା ଦେବବ୍ରତ ଥନାପତି, କିଶୋର ଘିଭେଲା, ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ଏବଂ ଝାରଖଣ୍ଡର କ୍ରୀଡା ଭାଷ୍ୟକାର ଏବଂ ମଞ୍ଚ ଉଦ୍ଘୋଷକଙ୍କ ନିଆରା ବନ୍ଧୁ ମିଳନ

ବଣାଇ,୧୦/୩ (ନି.ପ୍ର): ବିଭିନ୍ନ କ୍ରୀଡା ହେଉ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଖୋଜା ପଡନ୍ତି ସୁଦକ୍ଷ ଭାଷ୍ୟକାର ମାନେ ସେଭଳି କିଛି ନିଆରା କଳାକାର କେନ୍ଦୁଝର ଜିଲ୍ଲା ର ଅନ୍ୟତମ ଜଳପ୍ରପାତ ଗୁଣ୍ଡିଚା ଘାଗି ଠାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ଉଦ୍ଘୋଷକ ରୋହିତ କୁମାର ବେହେରା ଙ୍କ ପ୍ରତେକ୍ଷ ତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ସମସ୍ତେ ମା ତାରିଣୀ ଙ୍କ ଦର୍ଶନ ପରେ ସ୍ୱର୍ଗତ ଭାଷ୍ୟକାର ଫିରୋଜ ଅବଦୁଲଙ୍କ ଅମର ଆତ୍ମା ର ସଦଗତି ପାଇଁ ତାଙ୍କ ଫୋଟ ଚିତ୍ର ରେ ଶ୍ରଦ୍ଧାଞ୍ଜଳି ଦେଇ ଦୁଇ ମିନିଟର ନିରବ ପ୍ରାର୍ଥନା ପରେ ସମସ୍ତେ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିବା ସହିତ ନିଜର ଜୀବନର ସ୍ମୃତି କୁ ବର୍ଣ୍ଣନା କରିଥିଲେ, ଏକ ଭାବ ମୟ ପରିବେଶ ମଧ୍ୟରେ ଓଡିଶା ଝାରଖଣ୍ଡର ପାଖା ପାଖି ୩୫ ଜଣ ଭାଷ୍ୟକାର ବନ୍ଧୁ ସାମିଲ ହୋଇଥିଲେ। ସର୍ବ ଶେଷ ରେ ବଣ ଚକୁଳିଆ ଗ୍ରାମ ର ବିଧବା ମହିଳା ଚାରୋଟି ସନ୍ତାନ ର ଜନନୀ ଭଉଣୀ ଜଣଙ୍କୁ ଅଙ୍ଗ ବସ୍ତ୍ର ପ୍ରଦାନ ସହିତ କିଛି ଆର୍ଥିକ ସାହାଯ୍ୟ ପରେ ସମସ୍ତେ ଖାଇ ପି ନିଜ ନିଜ ଜାଗା କୁ ପ୍ରତ୍ୟାବର୍ତନ କରିଥିଲେ।



ଭାଷ୍ୟକାର ପ୍ରଦୀପ ଦାସ, ରୋହିତ ବେହେରା, ବୁବୁ ସିହ୍ନକ୍ଷ, ଜନ ପାତ୍ର, ପ୍ରେମାନନ୍ଦ ମହାନ୍ତ, ଗୋପୀନାଥ ସୋରେନ, କୁନାଲ ପଣ୍ଡା, ଅଜୟ ବେକ, ଉତ୍ତମ ଖଣ୍ଡା, ଶାନ୍ତନୁ ବାରିକ, ଘନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

## ସଂ ପା ଦ କୀ ୟ

# ବିଦେଶୀ ଧନର ପ୍ରଭାବରୁ ଭାରତର ସମାଜକୁ ରକ୍ଷା କରିବାକୁ ବଡ ପଦକ୍ଷେ

ଦେଶରେ ବହୁଳ ମାତ୍ରାରେ ଏନଜିଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି । ସେମାନେ ଦେଶର ବିଭିନ୍ନ ସମସ୍ୟାକୁ ନେଇ କାମ କରୁଥିବା ବୋଲି ଦାବି କରୁଥିବା ବେଳେ ଏମାନଙ୍କ ମଧ୍ୟରୁ ଅନେକ ବାସ୍ତବରେ ତାଙ୍କର ଘୋଷିତ ଉଦ୍ଦେଶ୍ୟର ବିଲକୁଲ ଓଲଟା କାମ କରୁଥିବା ଦେଖିବାକୁ ମିଳିଥାଏ । ଏମାନଙ୍କ ମଧ୍ୟରୁ ଏନେକ ଏନଜିଏଓ ଫରେନ କଂଟ୍ରିବ୍ୟୁସନ ରେଗୁଲେସନ ଆକ୍ଟ (ଏଫସିଆରଏ) -ଅନୁଯାୟୀ ପଂଜୀକୃତ ହୋଇଥାନ୍ତି ଓ ସେମାନଙ୍କର କାମ ପାଇଁ ବିଭିନ୍ନ ଦେଶରୁ ବିପୁଳ ମାତ୍ରାରେ ବିଦେଶୀ ଧନ ଆଣିଥାନ୍ତି । ବିଦେଶରୁ ଆଣୁ ଥିବା ଏହି ଅର୍ଥରେ ସେମାନେ ସମାଜକୁ ଭାଗ ଭାଗ କରିବା, ଦେଶର ବିକାଶମୂଳକ କାର୍ଯ୍ୟରେ ଅବରୋଧ ସୃଷ୍ଟି କରିବା, ଦେଶର ଲୋକ ମାନଙ୍କୁ ପ୍ରଲୋଭନ ଓ ଅନ୍ୟ ବେଆଇନ ଉପାୟରେ କନଭର୍ଟ କରିବା ଆଦି କାର୍ଯ୍ୟ କରୁଥିବାର ଅନେକ ପ୍ରମାଣ ରହିଛି । ତେବେ ଭାରତ ସରକାର ଗତ ନଭେମ୍ବର ମାସ ୮ ତାରିଖ ଦିନ ଏଫସିଆରଏକୁ ନେଇ ଏକ ନୋଟିସ ଜାରୀ କରିଛନ୍ତି । ଏଫସିଆରଏ ଜରିଆରେ ଅର୍ଥ ବିଦେଶରୁ ଆଣୁଥିବା ଏହି ଏନଜିଓ ମାନେ ଯଦି କୌଣସି ପ୍ରକାର ଉପରୋକ୍ତ ବେଆଇନ କାର୍ଯ୍ୟ କରନ୍ତି ତେବେ ସେମାନଙ୍କର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ଏହି ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ଏହି ଲେଖାରେ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ କଣ ଉଲ୍ଲେଖ ରହିଛି ସେ ବିଷୟରେ ଆଲୋଚନା କରିବା ।

ଯଦି ଦେଖିବାକୁ ଯିବା ମୋଦୀ ସରକାର ଆସିବା ପର ଠାରୁ ହିଁ ଏହି ଏଫସିଆରଏ ଆଇନର ଉଲ୍ଲଂଘନ କରୁଥିବା ଏନଜିଓ ଓ ଅନ୍ୟ ସଂସ୍ଥା ମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ କରି ଆସୁଛି । ଚଳିତ ନିର୍ଦ୍ଦେଶନାମାରୁ ସ୍ପଷ୍ଟ ହେଉଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ଏନଜିଓ ମାନଙ୍କ ଉପରେ ଜାଂଚ ପ୍ରକ୍ରିୟାକୁ ଆହୁରି କଡା କଡି କରାଯିବ । ବିଦେଶରୁ ଧନ ଆଣି ସାମାଜିକ ଓ ବିକାଶମୂଳକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନଜିଓ ମାନଙ୍କର କାର୍ଯ୍ୟ ଶୈଳୀ ଉପରେ ସରକାର କଡା ନଜର ରଖିବାର ବ୍ୟବସ୍ଥା କରୁଛନ୍ତି ।

ଅନେକ ସମୟରେ ଦେଖା ଯାଉଛି ଯେ ଯେତେବେଳେ ସରକାର କୌଣସି ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିବାକୁ ଯାଆନ୍ତି ସେତେବେଳେ ହଠାତ ଉକ୍ତ ଅଂଚଳରେ ସେହି ବିକାଶ କାର୍ଯ୍ୟକୁ କରାଇ ନ ଦେବାକୁ ଆନ୍ଦୋଳନ ହୁଏ । ଭିତିଭୂମି ହେଉ, ସ୍ୱାସ୍ଥ୍ୟ ସେବା ହେଉ ବା ଅନ୍ୟ କୌଣସି ବିକାଶମୂଳକ କାର୍ଯ୍ୟ ହେଉ, ଏ ସବୁକୁ ରୋକିବାକୁ ଆନ୍ଦୋଳନ କରାଯାଇଥାଏ । ଆନ୍ଦୋଳନରେ ସାଧାରଣ ଲୋକ ମାନେ ତ ସାମିଲ ଥାଆନ୍ତି ହେଲେ ଏହା ପଛରେ କିଏ ଥାଏ ? ଏହି ଆନ୍ଦୋଳନକୁ ପଛରୁ ଥାଇ କିଏ ପରିଚାଳନା କରୁ ଥାଏ ? ଆନ୍ଦୋଳନର ଖର୍ଚ୍ଚ କିଏ ବହନ କରିଥାଏ ? ଅନେକ ସମୟରେ ପ୍ରମାଣ ମିଳିଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ସଂସ୍ଥା ଓ ଏନଜିଓ ମାନେ ଲୋକ ମାନଙ୍କୁ ମତାଇ ବିକାଶ ମୂଳକ କାର୍ଯ୍ୟ ନ କରାଇ ଦେବାକୁ ଆନ୍ଦୋଳନର ପଛରେ ଥାଆନ୍ତି । ଆନ୍ଦୋଳନର ଖର୍ଚ୍ଚକୁ ସେମାନେ ବହନ କରିଥାନ୍ତି । ସମାଜରେ କାମ କରିବାର ଉଦ୍ଦେଶ୍ୟ ଦେଖାଇ ସେମାନେ ବିଦେଶରୁ ଅର୍ଥ ଆଣନ୍ତି ହେଲେ ଏହାର ବ୍ୟବହାର ଭାରତର ବିକାଶକୁ ରୋକିବାକୁ କରିଥାନ୍ତି । ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ସଂସ୍ଥା ଓ ଏନଜିଓ ମାନଙ୍କର ଏଫସିଆରଏ ଲାଇସେନ୍ସ ରଦ୍ଦ କରାଯିବ ।

ଦ୍ୱିତୀୟ ବିଷୟଟି ହେଲା ବେଆଇନ ଭାବେ ହିନ୍ଦୁ ମାନଙ୍କୁ କନଭର୍ଟ କରିବା । ଏଭଳି ଅନେକ ଏନଜିଓ ଅଛନ୍ତି ଯେଉଁମାନେ ବିଦେଶରୁ ଅର୍ଥ ସେବା କରିବା ନାମରେ ଆଣନ୍ତି ହେଲେ ତାର ବ୍ୟବହାର ଭାରତର ହିନ୍ଦୁ ମାନଙ୍କୁ କନଭର୍ଟ କରିବାରେ ଖର୍ଚ୍ଚ କରିଥାନ୍ତି । କନଭର୍ଟ କରିବା ସହ ସେମାନେ ବିଭିନ୍ନ ସ୍ତର ଦେଇ କାମ କରିଥାନ୍ତି । ସେମାନେ ସମାଜରେ ବିଭିନ୍ନ ଜାତି ଜାତି ମଧ୍ୟରେ ବିଷମତାକୁ ବଢାଇବାକୁ ଚେଷ୍ଟା କରିଥାନ୍ତି । ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଦ୍ୱେଷ ଉତ୍ପନ୍ନ କରାଇଥାନ୍ତି । ସେମାନେ କେବଳ ଦେଶର ଲୋକ ମାନଙ୍କୁ କନଭର୍ଟ ହି କରି ନ ଥାନ୍ତି ବରଂ ସମାଜରେ ବିଦ୍ୱେଷର ମଂଜି ମଧ୍ୟ ବୁଣିଥାନ୍ତି । ଏବେ ଏଭଳି ସଂସ୍ଥା ଓ ଏନଜିଓ ମାନଙ୍କୁ ଆଉ ଛଡା ଯିବ ନାହିଁ । ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଏହାର ମଧ୍ୟ ଉଲ୍ଲେଖ କରାଯାଇଛି । ବିଦେଶରୁ ଧନ ଆଣି ଭାରତର ଲୋକ ମାନଙ୍କୁ କନଭର୍ଟ କରିବାର ପ୍ରକ୍ରିୟା ଉପରେ ରୋକ ଲଗାଯିବା ନିତାନ୍ତ ଆବଶ୍ୟକ ବୋଲି ସରକାର ଅନୁଭବ କରିଛନ୍ତି । ତେଣୁ କୌଣସି ସଂସ୍ଥା ବା ଏନଜିଓ ଯଦି ବିଦେଶରୁ ଧନ ଆଣି ଭାରତୀୟ ମାନଙ୍କୁ କନଭର୍ଟ କରିବାର କାମ କରୁଥିବା କୌଣସି ଫିଲ୍ଡ ଏଜେନ୍ସି ରିପୋର୍ଟ ଦିଏ ତେବେ ଉକ୍ତ ସଂସ୍ଥା ବା ଏନଜିଓର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ନୂଆ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଏହି ନିର୍ଦ୍ଦେଶନାମାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ମଧ୍ୟ ରହିଛି । ଅନେକ ସମୟରେ ଦେଖା ଯାଇଛି ଯେ ଏଫସିଆରଏ ଜରିଆରେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ବିଭିନ୍ନ ସଂସ୍ଥା ଓ ଏନଜିଓ ଓ ଏଗୁଡିକର ପ୍ରମୁଖ ପଦାଧିକାରୀ ବିଭିନ୍ନ ଆତଙ୍କବାଦୀ ସଂଗଠନ, କିମ୍ବା ହିଂସା କରୁଥିବା ସଂଗଠନ ମାନଙ୍କ ସହ ସମ୍ପର୍କ ରହିଥାଏ । ଏବେ ଏଭଳି ମାମଲା ଗୁଡିକ ମଧ୍ୟ ଜାଂଚ ହେବ । ଉଦାହରଣ ସ୍ୱରୂପ ଯଦି ଉତର ପୂର୍ବ ଭାରତରେ ବିଦେଶରୁ ଅନୁଦାନ ଆଣି କାର୍ଯ୍ୟ କରୁଥିବା କୌଣସି ସଂସ୍ଥା ସେଠାରେ କୌଣସି ଆତଙ୍କବାଦୀ କିମ୍ବା ହିଂସା କରୁଥିବା ସଂଗଠନ ସହ ସମ୍ପର୍କ ରଖିଥାଏ ଓ ଯଦି ତାହା ଜାତୀୟ ସୁରକ୍ଷା ପାଇଁ ବିପଦ ଥିବ ତେବେ ଏହାକୁ ମଧ୍ୟ ଏଫସିଆରଏର ଉଲ୍ଲଂଘନ ବୋଲି ଧରା ଯିବ । ଏଭଳି କ୍ଷେତ୍ରରେ ମଧ୍ୟ ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରି ଦିଆଯିବ । ନୂଆ ନିର୍ଦ୍ଦେଶନାମାରେ ବିଛିନ୍ନତାବାଦୀ ଶକ୍ତି, ଦେଶ ବିରୋଧୀ ଶକ୍ତି ମାନଙ୍କ ସହ ସମ୍ପର୍କ ରଖିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ଦେଶର ସୁରକ୍ଷା ଦୃଷ୍ଟିରୁ ଏହି ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂଆ ନିର୍ଦ୍ଦେଶନାମାରେ ଆଉ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ରହିଛି । ଅନେକ ସମୟରେ ଦେଖା ଯାଏ ଯେଉଁ ଉଦ୍ଦେଶ୍ୟ ରଖି ଏନଜିଓ ସଂସ୍ଥା ମାନେ ବିଦେଶରୁ ଅନୁଦାନ ଆଣିଥାନ୍ତି ସେହି ଉଦ୍ଦେଶ୍ୟରେ ଉକ୍ତ ଅର୍ଥକୁ ଖର୍ଚ୍ଚ କରିବା ବଦଳରେ ଅନ୍ୟବାଟରେ ଖର୍ଚ୍ଚ କରିଥାନ୍ତି । ନୂତନ ନିର୍ଦ୍ଦେଶନାମା ଅନୁସାରେ ଯଦି କେହି ଏନଜିଓ ଏଭଳି କାର୍ଯ୍ୟ କରେ ତେବେ ତାଙ୍କ ବିରୁଦ୍ଧରେ ଦଂଡବିଧାନର ବ୍ୟବସ୍ଥା ରହିଛି । କେବଳ ସେତିକି ନୁହେଁ ସେମାନଙ୍କର ଏଫସିଆରଏ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇ ପାରେ । ଯଦି କୌଣସି ଏନଜିଓ ସଂସ୍ଥା ଅନୁଦାନକୁ ଅନ୍ୟ ବାଟରେ ଖର୍ଚ୍ଚ କରୁଛି କିମ୍ବା ଅନ୍ୟ ପ୍ରକାର କାର୍ଯ୍ୟକଳାପ କରୁଛି ତେବେ ଉକ୍ତ ସଂସ୍ଥା ଜାଂଚର ପରିସର ମଧ୍ୟକୁ ଆସିବ । ଏହା ଦ୍ୱାରା ବିଦେଶୀ ଅର୍ଥରେ ପରିଚାଳିତ ସଂସ୍ଥା ମାନଙ୍କର ଉତରଦାୟିତ୍ୱ ମଧ୍ୟ ସ୍ଥିର ହେବ ବୋଲି ଆଶା କରାଯାଉଛି ।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ଅନେକ ଭିତିଭୂମି ସମ୍ପର୍କିତ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ବିରୁଦ୍ଧରେ ଅନେକ ସ୍ଥାନରେ ଆନ୍ଦୋଳନ ହେଉଥିବା ଦେଖିବାକୁ ମିଳୁଛି । ଏହି ଆନ୍ଦୋଳନ ସ୍ୱତଃସ୍ଫୂର୍ତ୍ତଃ ଭାବେ ନୁହେଁ ବରଂ ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ମାନେ କରାଉଥିବାର ସ୍ପଷ୍ଟ ପ୍ରମାଣ ଦେଖିବାକୁ ମିଳୁଛି । ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ଗୁଡିକ ଭିତିଭୂମି ପ୍ରକଳ୍ପ ଗୁଡିକ ବିରୁଦ୍ଧରେ ଜନ ଆନ୍ଦୋଳନ ଠିଆ କରାଇ ବାସ୍ତବରେ ଭାରତ ବିରୋଧୀ ଶକ୍ତି ମାନଙ୍କ ପାଇଁ ପରୋକ୍ଷରେ କାର୍ଯ୍ୟ କରିଥାନ୍ତି । ଯେଉଁ ବିଦେଶୀ ଶକ୍ତି ମାନେ ଭାରତ ଆଗକୁ ବଢୁ ବୋଲି ଚାହନ୍ତି ନାହିଁ ସେମାନଙ୍କର ଉଦ୍ଦେଶ୍ୟକୁ ଏହି ଏନଜିଓ ମାନେ ଚରିତାର୍ଥ କରିବାକୁ ଚେଷ୍ଟା କରିଥାନ୍ତି । ଏହି କାରଣରୁ ଦେଶର ବିଦ୍ୟୁତ ଶକ୍ତି ଓ ଅନ୍ୟାନ୍ୟ ଭିତିଭୂମି ପ୍ରକଳ୍ପ ଦୀର୍ଘ ଦିନ ଧରି ବିଳମ୍ବିତ ହେଉଛି । ଭାରତର ଜନସାଧାରଣଙ୍କୁ ଏହାର ମୂଲ୍ୟ ଦେବାକୁ ପଡୁଛି । ସେହିପରି ବିଦେଶୀ ଅର୍ଥରେ ଭାରତର ସମାଜକୁ ବିଭାଜିତ କରି ସେମାନଙ୍କୁ କନଭର୍ଟ କରିବାକୁ ଯେଉଁ ପ୍ରୟାସ ଲଗାତାର ଚାଲିଛି ତାହା ମଧ୍ୟ ଅତ୍ୟନ୍ତ ଉଦବେଗଜନକ । ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଦେଶ ସମ୍ମୁଖରେ ଥିବା ଏହି ଜ୍ୱଳନ୍ତ ପ୍ରସଙ୍ଗ ଗୁଡିକର ସମାଧାନ ପାଇଁ ପ୍ରୟାସ କରାଯାଇଛି ଯାହାକୁ ସ୍ୱାଗତ କରାଯିବା ଉଚିତ । କିଛି ଲୋକ ଏହା ଦ୍ୱାରା କ୍ଷତି ହେବ ବୋଲି ବିନା କାରଣରେ ଆଶଙ୍କା ପ୍ରକାଶ କରୁଛନ୍ତି । କାରଣ ଯେଉଁ ସଂସ୍ଥା କୌଣସି ବେଆଇନ କାମ ନ କରି ସଠିକ କାର୍ଯ୍ୟ କରିବ ତା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବାର ପ୍ରଶ୍ନ ଉଠୁ ନାହିଁ । ତେଣୁ ମୋଟ ଉପରେ କହିବାକୁ ଗଲେ ବିଦେଶୀ ଅର୍ଥରେ ଭାରତରେ ହସ୍ତକ୍ଷେପ କରାଯିବାର ପ୍ରୟାସକୁ କୌଣସି ପ୍ରକାରରେ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମୋଦୀ ସରକାର ଏହା ମାଧ୍ୟମରେ ସ୍ପଷ୍ଟ ସଂକେତ ଦେଇଛନ୍ତି ।

# ୟୁଟ୍ୟୁବରେ ବିଦେଶୀ କାଳନେମୀ

ସୌମେନ୍ଦ୍ର ଜେନା

ଦେଶରେ ୟୁଟ୍ୟୁବର ବ୍ୟବହାରକାରୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଥିଲାବେଳେ ସେମାନଙ୍କ ସଙ୍କଟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । କାରଣ ୟୁଟ୍ୟୁବର ଗ୍ରାହକ ହେଉଥିବା ଲୋକମାନଙ୍କର ଇ-ମେଲ ଯେପରି ବଜାରରେ ବିକ୍ରି ହେବାରେ ଲାଗିଛି ସେହିପରି ସେମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ମଧ୍ୟ ବାହାରେ ବିକ୍ରି ହେଉଛି । ବିଦେଶୀ ଗୁଇନ୍ଦା ସଂସ୍ଥାଗୁଡିକ ସାଧାରଣଲୋକଙ୍କ ଆଗ୍ରହ-ଅନାଗ୍ରହ, ରାଜନୈତିକ ବିଚାରଧାରାକୁ ବିଶ୍ଳେଷଣ କରି ଏହିସବୁ ସୋସିଆଲ ମିଡିଆ ତଥ୍ୟରୁ ସେମାନଙ୍କୁ ଟାର୍ଗେଟ କରିବାକୁ ଲାଗିପଡୁଛନ୍ତି । ଏବେ ଏମିତି ଏକ ଉଦାହରଣ ଦେଖନ୍ତୁ । ଆମେରିକା ମଧ୍ୟରେ ପ୍ରବେଶ କରି ଗୁଇନ୍ଦାଗିରି କରିବାଲାଗି ଚୀନ ନିଜର କିଛି ଲୋକଙ୍କୁ ଛଦ୍ମବେଶୀ କରି ଆମେରିକାକୁ ପଠାଇଲା । ସେମାନେ ଆମେରିକାରେ ପ୍ରବେଶ କଲାପରେ ସେଠାରେ ନିଜକୁ ଚୀନ ସରକାରର ପ୍ରଚଣ୍ଡ ବିରୋଧୀ ଭାବେ ପ୍ରଦର୍ଶିତ କରିବାକୁ ଲାଗିଲେ । ଚୀନ ସରକାରଙ୍କୁ ଗାଳିଦେଇ ଆମେରିକା ପ୍ରଶାସନର ବିଶ୍ୱାସଭାଜନ ହେବା ଥିଲା ତାର ଲକ୍ଷ୍ୟ । ତେଣୁ ସେମାନେ ୧୯୮୯ରେ ଚୀନର ତିଆନାନ୍‌ମେନ୍ ସ୍କୋୟାରରେ ଛାତ୍ର ଆନ୍ଦୋଳନରେ ମୃତ ଛାତ୍ରନେତାଙ୍କ ନାମରେ ଫାଉଣ୍ଡେସନ ଆମେରିକାରେ ଗଠନ କଲେ । ସୋସିଆଲ ମିଡିଆରେ ଚୀନା ସରକାରଙ୍କର ପ୍ରଚଣ୍ଡ ସମାଲୋଚନା କରିବାକୁ ଲାଗିଲେ । ଏଥିରେ ପ୍ରଭାବିତ ହୋଇ ଆମେରିକାରେ ବସବାସ କରୁଥିବା ଚୀନା ସରକାର ବିରୋଧୀ ଲୋକେ ସୋସିଆଲ ମିଡିଆରେ ସେମାନଙ୍କ ମତାମତ ରଖି ଚୀନର ଗୁଇନ୍ଦା ଅଧିକାରୀଙ୍କ ନିକଟତର ହେଲେ । ଗୁଇନ୍ଦା ଅଧିକାରୀ ଆମେରିକାରେ ରହୁଥିବା ଚୀନ ସରକାରଙ୍କ ବିରୋଧୀ ଲୋକମାନଙ୍କ ସହ ସଂପର୍କ ରକ୍ଷାକରି ସେମାନଙ୍କ ଚୀନା ପରିବାରବର୍ଗ ସହଯୋଗୀ ଆଦିଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କଲେ । ସେହି ତଥ୍ୟ ଚୀନକୁ ପଠାଗଲାପରେ ସେମାନଙ୍କ ଘର ଉପରେ ଚଢାଉ କରାଯାଇ ପରିବାରବର୍ଗଙ୍କୁ ଗିରଫ କରିବାକୁ ସହଜ ହେଲା । ଚୀନର ସରକାର ନିଜର ବିରୋଧୀ ଲୋକମାନଙ୍କୁ ଦମନ କରିବାକୁ ସକ୍ଷମ ହେଲେ । କେବଳ ଏତିକି ନୁହେଁ ସେହି ଗୁଇନ୍ଦା ଅଧିକାରୀ ଆମେରିକାରେ ରହୁଥିବା ଚୀନ ସରକାରଙ୍କ ବିରୋଧୀମାନଙ୍କୁ ଧରିବାର ବ୍ୟବସ୍ଥା କରିଦେଲା । ଫଳରେ ଚୀନର ଗୁଇନ୍ଦାମାନେ ଆମେରିକା ଭିତରେ ଥିବା ଚୀନା ସରକାରଙ୍କ ବିରୋଧୀମାନଙ୍କୁ ଖତମ୍ କରିବାକୁ ଲାଗିଲେ, କିମ୍ବା ନିଜ ଦେଶକୁ ଫେରାଇ ନେଲେ । କିଛି ପାକିସ୍ଥାନୀ ୟୁଏଇ ଓ ସାଉଦି ଆରବରେ କାର୍ଯ୍ୟରତ ଭାରତୀୟ ମାନଙ୍କୁ ଏମିତି କିଛି କୌଶଳ କରି ଜେଲ ଭିତରେ ଭ□ କରାଇଥାନ୍ତି । ସେମାନେ ନିଜ ସୋସିଆଲ ମିଡିଆରେ ଏମିକି କିଛି ଲେଖି ମତାମତ ରଖିବାକୁ ଭାରତୀୟଙ୍କୁ ସୁଯୋଗ ଦେଇଥାନ୍ତି । ପରେ ଭାରତୀୟ ଲୋକେ ମନ୍ତବ୍ୟ ରଖିବା ପରେ ସେମାନେ ସେମାନଙ୍କ ବିରୋଧରେ ପୁଲିସରେ ଅଭିଯୋଗକରି ସେମାନଙ୍କୁ ଗିରଫ କରାଇଥାନ୍ତି । ନିକଟରେ ଜଣେ ସାମ୍ବାଦିକ ବନ୍ଧୁ କହିଲେ ଯେ ଭାରତର ବଡବଡ ଲୋକେ ପ୍ରସ୍ତୁତ କରୁଥିବା ୟୁଟ୍ୟୁବର ଗ୍ରାହକମାନଙ୍କ ତୁଳନାରେ କିଛି ନିର୍ଦ୍ଦିଷ୍ଟ ୟୁଟ୍ୟୁବରମାନଙ୍କ ଗ୍ରାହକ ବହୁତ ଅଧିକ । ପ୍ରକୃତ କଥା ହେଲା ଯେଉଁ ୟୁଟ୍ୟୁବରମାନେ ଦେଶ ବାହାରେ ରହି ବା ଦେଶ ଭିତରେ ଥାଇ ସରକାର ବିରୋଧୀ କଥା କହୁଛନ୍ତି , ତାକୁ ଦେଶ ଭିତରେ ଥିବା ବିରୋଧୀପକ୍ଷର ଲୋକେ ଏବଂ ଦେଶ ବାହାରେ ଥିବା ଭାରତ-ବିରୋଧୀ ଲୋକେ ନିହାତି ପସନ୍ଦ କରିବେ । ସେ କ୍ଷେତ୍ରରେ ସେମାନଙ୍କ ଗ୍ରାହକ ସଂଖ୍ୟା ମିଲିଅନ ଧରିବ ଏଥିରେ ସନ୍ଦେହ କରିବାର ନାହିଁ । କାରଣ ମନ୍ଦ ବିଚାରର ଗ୍ରାହକ ସବୁବେଳେ ଅଧିକ । କ୍ଷୀରପିଆଙ୍କଠାରୁ ମଦ ପିଆଙ୍କ ସଂଖ୍ୟା ସବୁବେଳେ ଅଧିକ ହୋଇଥାଏ, ସେମାନଙ୍କ ବଜାର ମଧ୍ୟ ବହୁତ ବଡ ହୋଇଥାଏ ।

ଏବେ ଦେଖିବା ଯେ ପାକିସ୍ଥାନରେ ବସିଥିବା ଅନେକ ୟୁଟ୍ୟୁବର ଭାରତର ସରକାର, ବ୍ୟବସ୍ଥା, ଆଇନ କାନୁନକୁ ସମର୍ଥନ କରି ଦେଖାଉଥିବା ବେଳେ ସେମାନଙ୍କର ଗ୍ରାହକ ସାଧାରଣତଃ ଭାରତ ଏବଂ ଭାରତ ବାହାରେ ରହୁଥିବା ଭାରତୀୟ ଲୋକେ ହୋଇଥାନ୍ତି । ସେମାନେ ନିଜ କାର୍ଯ୍ୟକ୍ରମରେ ପାକ୍‌ର ସରକାର, ସେନାବ୍ୟବସ୍ଥାକୁ ସମାଲୋଚନା କରୁଥିବା ଦେଖାଯାଏ । ଏହା କଣ ବାସ୍ତବରେ ସତ ? କାରଣ ପୁଲିସ ଓ ସେନା ବିରୋଧରେ କହୁଥିବା ଇମରାନ ଖାଁଙ୍କ ଦଳର ଲୋକ, ବେଲୁଚିସ୍ଥାନର ଯୁବକ, ପାକ୍ ଅଧିକୃତ କାଶ୍ମିରର ଲୋକମାନଙ୍କ ଅବସ୍ଥାକୁ ଆମେ ଦେଖିବାକୁ ପାଉଛେ । ଲୋକମାନଙ୍କୁ ହତ୍ୟା କରିବାକୁ ଆଇଏସ୍‌ଆଇ ଦେଶ ଭିତରେ ଏବଂ ଦେଶ ବାହାରେ ହତ୍ୟାକାରୀ ବାହିନୀକୁ ନିଯୁକ୍ତ କରି ରଖିଛି । ହେଲେ ପାକ୍ ୟୁଟ୍ୟୁବରମାନଙ୍କ ବିରୋଧରେ କଣ ସେନାବାହିନୀ ଚୁପ୍ ହୋଇ ବସିରହିଛି, କଥାଟା ତା ନୁହେଁ । ଏମାନେ ପାକ୍ ପୁଲିସ ଏବଂ ସେନାର ଯୋଜନାକ୍ରମେ ଭାରତୀୟମାନଙ୍କ ମନ ଓ ମସ୍ତିଷ୍କରେ ପ୍ରବେଶ କରିବା ସହ ସେମାନଙ୍କ ସହଯୋଗରେ ଭାରତଗସ୍ତ କରି ଭାରତର ବିଭିନ୍ନ ଅ□ଳର ଫଟୋ, ତଥ୍ୟ ଲୋକମାନଙ୍କ ସଂପର୍କରେ ସୂଚନା ସଂଗ୍ରହ କରିଥାନ୍ତି । ଭାରତରେ କେଉଁ ଲୋକ ପାକ୍ ବିରୋଧୀ ରହିଛି ସେମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରନ୍ତି । ମନ୍ତବ୍ୟ ଲେଖୁଥିବା ଲୋକଙ୍କ ଇ-ମେଲ ଏବଂ ସେମାନଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିଥାନ୍ତି । କୋଟି କୋଟି ଭାରତୀୟ ଲୋକଙ୍କୁ ନିଜ ନିଜର ୟୁଟ୍ୟୁବ ମାଧ୍ୟମରେ ଯୋଡି ସେମାନଙ୍କ ଘର, ପରିବାର, ସରକାର, ସହରର ତଥ୍ୟ ଏମାନେ ସଂଗ୍ରହ କରି ପାକ୍ ଗୁଇନ୍ଦା ଏବଂ ସେନାବାହିନୀକୁ ଦେଇଥାନ୍ତି । ଯାହାଫଳରେ ପରବ□ୀ ସମୟରେ ସାଇବର ଆକ୍ରମଣ, ବ୍ୟାଙ୍କରୁ ଅର୍ଥଚୋରୀ ଆଦି କରିବାକୁ ସୁବିଧା ହୋଇଥାଏ । ଏପରିକି ହନିଟ୍ରାପର ଶିକାର ହୋଇ ବହୁ ବୟସ୍କ ବ୍ୟକ୍ତି ମଧ୍ୟ ସେମାନଙ୍କ ବିଭାଗୀୟ ସୂଚନା ଦେଇ ପରେ ଗିରଫ ହୋଇଥିବାର ଘଟଣା ଆମ ନଜରକୁ ଆସିଛି । ଏମାନେ ପ୍ରାୟ ଛଦ୍ମବେଶୀ ହୋଇଥିବାରୁ ସାଧାରଣ ଦର୍ଶକ ସେମାନଙ୍କୁ ଜାଣିବା ଏତେ ସହଜ ହୋଇନଥାଏ । ଏହି ବାଟରେ ପାକ୍‌ର ବୋହୂ ଭାରତରେ ପହ□ କିମ୍ବା ଭାରତର ବୋହୂ ପାକ୍‌କୁ ଚାଲିଯାଏ । ପାକ୍‌ର ମୀନା ଓ ମଞ୍ଜୁଙ୍କ କାହାଣୀ ଆମେ ପୂର୍ବରୁ ଦେଖିସାରିଛୁ । ଏହି ଭାରତର ବିଦେଶୀ କାଳନେମୀଙ୍କ ମାଧ୍ୟମରେ ସୂଚନା କ୍ଷେତ୍ରରେ ଅନୁପ୍ରବେଶ କିପରି ହୋଇଥାଏ ସେ ସଂପର୍କରେ ଏକ ଉଦାହରଣ ଦେଉଛି ଦେଖନ୍ତୁ । କିଛି ମାସ ପୂର୍ବେ ପାକ୍‌ର ଜଣେ ୟୁଟ୍ୟୁବର ପାକ୍ ସେନାର ସୁରକ୍ଷାରେ ଥିବା ଭାରତ ବିରୋଧୀ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍ ସଂପର୍କରେ କିଛି ମିଛ ଖବର ଚଲୁକଲେ । ଦେଖୁଦେଖୁ ସେହି ମିଛ ଖବର ଭାରତର ଟିଭି ଏବଂ ସମ୍ବାଦପତ୍ରଗୁଡିକରେ ମଧ୍ୟ ସ୍ଥାନ ପାଇଲା । ଏଥିରୁ ଜାଣିହେବ ଯେ ଦେଶର ଗଣମାଧ୍ୟମ ବ୍ୟବସ୍ଥାଗୁଡିକରେ ମଧ୍ୟ ପାକ୍‌ର ଏହି ଛାମୁଆଁବାହିନୀ କିପରି ପ୍ରଭାବ ବିସ୍ତାର କରିପାରିଛି ।

ସେହିପରି ନିକଟରେ ଏକ ଘଟଣା ଦୃଷ୍ଟିକୁ ଆସିଲା । ନୂଆଦିଲ୍ଲୀସ୍ଥିତ ଚୀନ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଧୀନତା ଦିବସ ପାଇଁ ଜଣେ ଚୀନା ମହିଳାଙ୍କୁ ହିନ୍ଦୀରେ ଭାରତୀୟମାନଙ୍କୁ ଶୁଭେଛା ଜଣାଉଥିବାର ଦେଖାଗଲା । ସେ ପ□ଶୀଳନୀତି, ଚୀନ ରାଷ୍ଟ୍ରପତିଙ୍କ ମହାନତା, ହିନ୍ଦି-ଚୀନୀ ଭାଇ ଭାଇ ଜୟ ହୋ' କହି କଥା ଶେଷ କଲେ । କିନ୍ତୁ ଏହିଠାରୁ ଆମର କଥା ହିଁ ଆରମ୍ଭ । ଆମ୍ଭେ ଜାଣିଛୁ ଯେ ଭାରତପ୍ରତି ଚୀନ ସରକାରଙ୍କ ଧାରଣା କଣ । ଭାରତର ସୀମାରେ ୪ବର୍ଷରୁ ଅଧିକ ସମୟ ହେଲା କାହିଁକି ହଜାର ହଜାର ଚୀନା ସେନା ରହିଛନ୍ତି। କାହିଁକି ଭାରତରୁ ଚୀନକୁ ସିଧାସଳଖ ବିମାନଚଳାଚଳ ବନ୍ଦ ରହିଛି । କାହିଁକି ଉ□ରପୂର୍ବ ଏବଂ କାଶ୍ମିରରେ ସନ୍ତ୍ରାସବାଦୀଙ୍କଠାରୁ ଚୀନ ରାଇଫଲ ଓ ଗ୍ରେନେଡ ଆଦି ଜବତ କରାଯାଉଛି । କାହିଁକି ଭାରତର ବିଷୟରେ ଚୀନର ଗ୍ଲୋବାଲ ଟାଇମ୍‌ସ ସମ୍ବାଦପତ୍ର ବିଷ ଉଦ୍‌ଗାର କରୁଛି । କାହିଁକି ଭାରତ ସରକାର ଚୀନର ଅନେକ ବସ୍ତୁ ଉପରେ କଟକଣା ଲଗାଇଛନ୍ତି । କାହିଁକି ଅନେକ ଚୀନା ଆପ୍‌କୁ ଭାରତରେ ବନ୍ଦ କରାଯାଇଛି । ଏମାନେ କାଳନେମୀ, ଭାରତୀୟ ଲୋକଙ୍କ ମନରେ ଭ୍ରାନ୍ତଧାରଣା ସୃଷ୍ଟି କରିବା ଏମାନଙ୍କର ଲକ୍ଷ୍ୟ । ଚୀନ ସଂପର୍କରେ ମିଛ କଥା କହି ଠକିବା ହେଉଛି ଏମାନଙ୍କର ଉଦ୍ଦେଶ୍ୟ । ସହଜ ଋଣ ଆପ୍ ମାଧ୍ୟମରେ ଚୀନା ଲୋକମାନେ ଭାରତରୁ ଶହଶହ କୋଟି ଟଙ୍କା ଠକି ନେଇଥିବା ଜଣାଯାଏ । ଏହି ସାଇବର ଠକେଇ ଦିଲ୍ଲୀର ନୋଇଡା ଅ□ଳରୁ ଚାଲୁଥିଲା, ଯାହାର ସଂପର୍କ ହଂକଂ ଏବଂ ଚୀନ ପର୍ଯ୍ୟନ୍ତ ଲମ୍ବିଥିଲା । ଚୀନା ଠକମାନେ ଭାରତରେ ଅଫିସଖୋଲି ବ୍ୟବସାୟ ନାମରେ ସାଇବର ଠକେଇ ଚଳେଇଥିଲେ । ସେମାନେ ଭାରତର ଲୋକଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ମଧ୍ୟରେ ଭାରତୀୟ ଲୋକଙ୍କ ତଥ୍ୟ ସଂଗ୍ରହ କରୁଥିଲେ ଏବଂ ପରେ ଚୁନ ମାରୁଥିଲେ । ଏପରି ଘଟଣାରେ କେତେକ ଚୀନା ଲୋକଙ୍କୁ ଭାରତ ସରକାର ଗିରଫ କରିଥିଲେ ମଧ୍ୟ ତାହା ଏବେ ଥାଇଲାଣ୍ଡ, ଲାଓସ,ମ୍ୟାନମାରରୁ ଚାଲୁଛି । ଚାକିରୀ ଦେବାଆଳରେ ଭାରତୀୟ ଲୋକଙ୍କୁ ସେଠାରେ ନିଯୁକ୍ତି ଦିଆଯାଇ ସାଇବର ଠକେଇ ଚାଲୁଛି । ନିକଟରେ କାରୋଲିନା ଗୋସ୍ୱାମୀ ନାମକ ଜଣେ ଭାରତୀୟ ୟୁଟ୍ୟୁବର କିପରି ବିଦେଶୀ ୟୁଟ୍ୟୁବରଙ୍କଠାରୁ ଧମକ ଓ ଆକ୍ରମଣର ଶିକାର ହୋଇଥିଲେ ତାହା ସେ ଉଲ୍ଲେଖ କରିଛନ୍ତି । ଭାରତ ବିରୋଧୀ ୟୁଟ୍ୟୁବର ଧ୍ରୁବରାଠି ବିରୋଧରେ କାରୋଲିନା କହିବା ଯୋଗୁ ସେ ଜର୍ମାନୀଗସ୍ତରେ ଯାଇଥିବାବେଳେ ଜର୍ମାନୀରେ ରହୁଥିବା ଧ୍ରୁବର ଗୋଷ୍ଠୀ କାରୋଲିନାଙ୍କ କାର ଉପରେ ଉପରେ ଆକ୍ରମଣ କରିଥିଲେ । ମୋଦିଙ୍କ ପୋଲାଣ୍ଡ ଗସ୍ତ କାଳରେ ସେ ନିଜ ସମସ୍ୟା ଜଣାଇବାକୁ ଆଗୁଆ ଯାଇଥିଲେ । ଖାଲିସ୍ଥାନୀ, ଜିହାଦି ଏବଂ ପାକ୍ ସମର୍ଥକ ଗୋଷ୍ଠୀଙ୍କ ପକ୍ଷରୁ ସେ ଧମକ ପାଉଥିବାର ଜଣାଯାଏ । ତେଣୁ ବିଦେଶୀ କାଳନେମୀମାନଙ୍କୁ ଭାରତୀୟ ଲୋକେ ଚିହ୍ନିବାର ସମୟ ଆସିଛି । ସାମାଜିକ ଗଣମାଧ୍ୟମ ବ୍ୟବହାର ସମୟରେ ଅସାମାଜିକ ଲୋକଙ୍କୁ ନିଜ ମନ, ହୃଦୟରେ ପ୍ରବେଶ କରିବା ଲାଗି ସୁଯୋଗ ନଦେବା ଲାଗି ସେମାନେ ଚେଷ୍ଟା କରିବା ଆବଶ୍ୟକ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ମନ -ବନ୍ଧନ ଓ ମୁକ୍ତି

ରବିନାରାୟଣ ପଣ୍ଡା

ଯେତେବେଳେ ମନ ବସ୍ତୁ ସହିତ ଯୋଡ଼ି ହୋଇଯାଏ ସେତେବେଳେ ମନୁଷ୍ୟ ବନ୍ଧନ ଭିତରେ ବାନ୍ଧି ହୋଇଯାଏ । ସେହି ମନ ଯେତେବେଳେ ବସ୍ତୁ ଠାରୁ ମୁକ୍ତ ହୋଇଯାଏ ମନୁଷ୍ୟ ମୁକ୍ତି ପାଇଯାଏ । ବନ୍ଧନ ଓ ମୁକ୍ତି ଉଭୟ ମନର ଖେଳ । 'ମନରେ ମୂଳେ ଏ ଜଗତ' । ଅନେକ ସମୟରେ କ୍ଷଣିକ ବସ୍ତୁକୁ ମନ ସତ୍ୟ ବୋଲି ବିବେଚନା କରିନିଏ ଏବଂ ତାହାରି ପଛରେ ଧାବମାନ ହୁଏ । ଭଗବତ ଗୀତାରେ ମନକୁ କ୍ଷଣିକ ଓ ଅସ୍ଥିର ଭାବରେ ବିବେଚନା କରାଯାଇଛି । ମହାଭାରତରେ ଯୁଧିଷ୍ଠିର ଏହାର ଗତି ସଂସାରେ ସବୁଠାରୁ ତୀବ୍ର ବୋଲି ବର୍ଣ୍ଣନା କରିଛନ୍ତି ।

ଏହି ତୀବ୍ରତା କାରଣରୁ ସାମାନ୍ୟ ସମୟରେ ମନ ବୁଦ୍ଧି ଦ୍ୱାରା ବସ୍ତୁ ସଂଗ୍ରହ ପାଇଁ ଅନେକ ତର୍କ ପ୍ରସ୍ତୁତ କରିନିଏ । ମନ ଜଗତର ସମସ୍ତ ବସ୍ତୁକୁ ଉପଯୋଗ କରିବାରେ ସକ୍ଷମ ହୋଇଯାଏ । ଜଗତରେ ବସ୍ତୁକୁ ଆଧାର କରି ମନ ଅନେକ ରଚନା ଆରମ୍ଭ କରେ । ବୁଢିଆଣୀ ଜାଲ ବୁଣିଲା ଭଳି ସଂସାର ନିର୍ମାଣ କରିଯାଏ । କେବେ କେବେ ଦିନରେ ବି ସ୍ୱପ୍ନ ଦେଖେଇବା ଆରମ୍ଭ କରିଦିଏ । ଏପରିକି ପଦାର୍ଥ ବିଜ୍ଞାନର ଗବେଷକ ମଧ୍ୟ ଏହି ମନର ଖେଳରୁ ବର୍ତୀ ପାରନ୍ତି ନାହିଁ । ସେମାନେ ଗବେଷଣା ଗାରରେ ନିୟମିତ ବସ୍ତୁ ଭିତରେ ଥିବା ଅଣୁ, ପରମାଣୁ, ବୈଦ୍ୟୁତିକ କଣିକା ଓ ଚୁମ୍ବକୀୟ ତରଙ୍ଗ ଦେଖୁଛନ୍ତି । ସେମାନଙ୍କୁ ଭଲ ଭାବରେ ଜଣାଅଛି ସତ୍ୟ ହେଉଛି ଐଶରୀୟ କଣିକା (ଶକ୍ଟୟ କ୍ରବକ୍ସ୍ୱପ୍ସମକ୍ଷର ) । ସପୂର୍ଣ୍ଣ ବିଶ୍ୱ ଏକ ଚୁମ୍ବକୀୟ ବଳୟ । ବସ୍ତୁରୁ ଶକ୍ତିକୁ ଏବଂ ଶକ୍ତିରୁ ବସ୍ତୁକୁ ରୂପାନ୍ତରିତ ହେବାର ପ୍ରକ୍ରିୟା ପ୍ରାଞ୍ଜଳ ଭାବରେ ସେମାନେ ସମସ୍ତଙ୍କୁ ବୁଝାଉଛନ୍ତି କିନ୍ତୁ ସଂସାର ଚକ୍ରରେ ବସ୍ତୁକୁ ସତ୍ୟ ବିଚାର କରି ସେହି ଅନୁରୂପ ବ୍ୟବହାର କରୁଛନ୍ତି ।

ବସ୍ତୁର ଆକର୍ଷଣକୁ ସ୍ୱୀକାର କରିନେଉଛନ୍ତି । ମନ ତାର ଆକର୍ଷଣ ଶକ୍ତି ଦ୍ୱାରା ବିବେକ ଓ ଚେତନାକୁ ଏପରି ପ୍ରଭାବିତ କରି ରଖିଥାଏ ଯେ ଜ୍ଞାନ ବା ତତ୍ୱ ବ୍ୟବହାରରେ ଆସିପାରେ ନାହିଁ । ଅଜ୍ଞାନ ଓ ମନ ଭିତରେ ଥିବା ଦୃଢ ସମନ୍ୱୟ ଏପରି ପ୍ରହେଳିକା ନିରନ୍ତର ପ୍ରସ୍ତୁତ କରୁଥାଏ । ମନ ଇନ୍ଦ୍ରିୟମାନଙ୍କ ଦ୍ୱାରା ଶରୀରକୁ ବଶୀଭୂତ କରିନିଏ । ଯାହା ସତ୍ୟର ଗତିରୋଧ କରିବାକୁ ସମର୍ଥ ହୋଇଯାଏ । ଆତ୍ମାର ଅସୀମିତ ଶକ୍ତିକୁ ଭରସା ନକରି ମନୁଷ୍ୟ ମନ ଉପରେ ନିର୍ଭରଶୀଳ ହୋଇଯାଏ । ମନ ଜୀବକୁ ପ୍ରଭାବିତ କରି ବୁଦ୍ଧି ଓ ଶରୀରକୁ ସତ୍ୟ ଭାବରେ ଗ୍ରହଣ କରିନିଏ । ଶରୀର ମାଧ୍ୟମରେ ଓ ଶରୀର ପାଇଁ କ୍ରିୟା କରିଚାଲେ । ମନ ଓ ଜୀବ ଭିତରେ ଏକ ସ୍ୱାଭାବିକ ବନ୍ଧୁତ୍ୱ ଭାବ ନିର୍ମାଣ ହୋଇଯାଏ । ଆତ୍ମାର ଶକ୍ତି ଓ ସାମର୍ଥ୍ୟକୁ ଗୌଣ କିମ୍ବା ଉପେକ୍ଷା କରିଚାଲେ । ଅନେକ ସମୟରେ ଜ୍ଞାନ ମଧ୍ୟ ଏହି ଦୃଢ଼ କବଚକୁ ଭାଙ୍ଗି ଆତ୍ମଚେତନାକୁ ପ୍ରକାଶିତ କରିପାରେ ନାହିଁ । ମନକୁ ନିୟନ୍ତ୍ରିତ କରି ତତ୍ୱ ଅନୁରୂପ ବ୍ୟବହାର ଅନେକ ସମୟରେ ସମ୍ଭବ ହୁଏ ନାହିଁ । ମନୁଷ୍ୟ ମନ ବସ୍ତୁକୁ ଆଧାର କରି ଗୋଟିଏ ପରେ ଗୋଟିଏ ଭବନ ବର୍ଷ ବର୍ଷ ଧରୀ ନିର୍ମାଣ କରୁଥାଏ । ଯାହାକୁ ଜୀବନର ପ୍ରକ୍ରିୟା ଭାବେ ଗ୍ରହଣ କରି ମନୁଷ୍ୟ ତାର ଦିନ, ମାସ, ବର୍ଷ ଭଳି ଦୁର୍ଲଭ ସମୟକୁ ବ୍ୟୟ କରି ଚାଲିଥାଏ ।

ମନ ନିୟନ୍ତ୍ରିତ କ୍ରିୟା ଏପରି ସ୍ୱଭାବ ସୁଲ୍ଲଭ ହୋଇଯାଏ ଯେ ତାର ବିଶ୍ଳେଷଣ କରିବା ସମ୍ଭବ ହୁଏ ନାହିଁ । ମନର ବସ୍ତୁ ପ୍ରତି ଆକର୍ଷଣ କାରଣରୁ ଜୀବ ଭିତରେ ଭେଦ ବୁଦ୍ଧି ଉଦ୍ରେକ ହୁଏ । ଏହା ମୋର ତାହା ତାର ଏପରି ବିବେଚନା କରି ବସ୍ତୁ ସରଂକ୍ଷଣ କାର୍ଯ୍ୟକୁ ଜୀବ ପ୍ରାଧାନ୍ୟ ଦିଏ । ଶାସ୍ତ୍ରରେ ଏହାକୁ ବସ୍ତୁ ସଂଗ୍ରହ ଦୋଷ କୁହାଯାଏ । ବସ୍ତୁପ୍ରତି ଆକର୍ଷଣ ମୁକ୍ତିର ମାର୍ଗକୁ ସଂକୀର୍ଣ୍ଣ କରି ବନ୍ଧନକୁ ଅଧିକ ମଜବୁତ କରିଦିଏ । ଜୀବ ଆତ୍ମା ଓ ପରମାତ୍ମା ଭିତରେ ଥିବା ସମ୍ପର୍କକୁ ଭୁଲି ଯାଏ । ଅସୀମ ସତା ସହିତ ସମ୍ପର୍କ ନଷ୍ଟ ହୋଇଯାଏ । ନିଜକୁ ବାହାର ଦୁନିଆ ଠାରୁ ପୃଥକ କରିବା ଆରମ୍ଭ କରେ । ନିଜର ନୂତନ ପରିଚୟ ନିର୍ମାଣ କରିବା କାର୍ଯ୍ୟରେ ମନ ବୁଦ୍ଧିକୁ ନିୟୋଜିତ କରିଦିଏ । ନୂତନ ପରିଚୟ ସହିତ ଅସ୍ମିତା ବା ଅହଂକାର ନିର୍ମାଣ ହୋଇଯାଏ । ଅହଂକାର ସୁଖ ଓ ଦୁଃଖର ରସ ଆସ୍ୱାଦନ କରେ । କ୍ଲେଶ ମନର ଏକ ସ୍ୱଉପାର୍ଜିତ ଫଳ ବୋଲି ବିବେଚନା କାରାଯାଇପାରେ । ମନରୁ ବନ୍ଧନ, ବନ୍ଧନରୁ ପରିଚୟ, ପରିଚୟରୁ ଅହଂକାର, ଅହଂକାରରୁ କ୍ଲେଶ ଏପରି ଏକ ଚକ୍ର ଭିତରେ ଆମେ ପଡିଯାଆନ୍ତି । ଠିକ ଯେପରି ରେଶମ କୀଟ ନିଜ ଦ୍ୱାରା ତିଆରି ହୋଇଥିବା ସୁତାରେ ନିଜେ ବାନ୍ଧି ହୋଇଯାଏ । ଶେଷରେ ତାରି ଭିତରେ ଜୀବନ ତ୍ୟାଗ କରେ । ଠିକ୍ ସେହିପରି ମନ ଦ୍ୱାରା ତିଆରି ହୋଇଥିବା ଅବିଦ୍ୟାର ଭଉଁରୀ ଭିତରେ ଜୀବ ଛନ୍ଦି ହୋଇ ପ୍ରାଣ ତ୍ୟାଗ କରେ । ବେଦାନ୍ତରେ ଏହାକୁ 'ତାଦାତ୍ମ'ବୋଲି କୁହାଯାଏ । ମନହିଁ ଅବିଦ୍ୟା । ମନ ସ୍ଥିର ହୋଇଗଲେ ଆକର୍ଷଣ ସମାପ୍ତ ହୋଇଯିବ ଓ ସଂସାର ସୁପ୍ତ ହୋଇଯିବ । ମନ ଜାଗ୍ରତ ହେଲେ ଆକର୍ଷଣ ଆରମ୍ଭ ହେବ ଓ ସଂସାର ଜାଗ୍ରତ ହେବ । ମନ ଓ ବନ୍ଧନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସେଥିପାଇଁ ଯୋଗ ଦର୍ଶନରେ 'ଚିତବୃତି ନିରୋଧ' ପାଇଁ କୁହାଯାଇଛି । ରାମକୃଷ୍ଣ ପରମହଂସଙ୍କ ଏକ ପ୍ରସିଦ୍ଧ ଉକ୍ତି ଅଛି 'ମନକି ଖେଳରେ ବାବା' । ମନକୁ ନିୟନ୍ତ୍ରଣ କଲେହିଁ ଜୀବ ମୁକ୍ତିର ମାର୍ଗ ପାଇପାରିବ ।

ମଠସାହି, ଭଦ୍ରକ
ମୋ-୯୪୩୭୦୧୭୮୫୭

# ସବୁ ରେସ୍‌ରେ ଆଗୁଆ କରୀନା



ବଲିଉଡର ବେବୋ କହିଲେ ସାଧାରଣତଃ କରୀନାଙ୍କୁ ହିଁ ବୁଝାଏ। ଏହି ଅଭିନେତ୍ରୀ ନିଜ ଚତୁର କଳାର ସଂରଚନାରେ ବଲିଉଡ୍‌ରେ ବେଶ୍ ଦବ୍‌ଦବା ରଖିପାରିଛନ୍ତି। ନିଜ ଅଭିନୟର ଯାଦୁରେ ପ୍ରଶଂସକମାନଙ୍କ ହୃଦୟରେ ବସା ବାନ୍ଧିଥିବାବେଳେ ନିଜର ରିଲ୍ ଲାଇଫ୍‌କୁ ନେଇ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ବେବୋଙ୍କର ଜନ୍ମଦିନରେ ବହୁ ଅଭିନେତା ଓ ତାଙ୍କ ପ୍ରଶଂସକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ମଙ୍ଗଳକାମନା କରିଛନ୍ତି। ବଲିଉଡ୍‌ରେ  କରୀନାର ରହିଛି ସ୍ୱତନ୍ତ୍ର ପରିଚୟ। ଶୋବିଜ୍ ଦୁନିଆରେ କରୀନାଙ୍କର ଏକ ଭିନ୍ନ ବ୍ୟକ୍ତିତ୍ୱ ଅଛି। ସେ ହୁଏତ ପ୍ରତିବର୍ଷ ଚଳଚ୍ଚିତ୍ର କରିନପାରନ୍ତି, କିନ୍ତୁ ଇଣ୍ଡଷ୍ଟ୍ରିରେ ରହିଛି ତାଙ୍କର ଜଲୱା।  ଯେତେବେଳେ କରୀନା କିଛି ନୂଆ ଟ୍ରେଣ୍ଡ ଷ୍ଟାର୍ଟ କରନ୍ତି,  ଏହା ପରଠୁ ବଲିଉଡରେ ଚାଲେ ସେହି ଟ୍ରେଣ୍ଡ। ଏମିତି କୁହାଯାଏ ବାକି ଅଭିନେତ୍ରୀମାନେ ତାଙ୍କୁ ଅନୁସରଣ କରନ୍ତି। ସେ ସାଇଜ୍ ଜିରୋ ଫିଗର୍ ହେଉ ବା ବ୍ଲଣ୍ଡ କେଶ ସବୁଥିରେ ସେ ରେସ୍‌ରେ ଆଗୁଆ। ବଲିଉଡରେ ଏମିତି ଅନେକ ଧାରା ସେ ସ୍ଥିର କରିଛନ୍ତି। ଯେତେବେଳେ କରୀନା ଜିରୋ ସାଇଜ୍ ଟ୍ରେଣ୍ଡ କରିଥିଲେ, ସେ ବୋଧହୁଏ ଭାବି ନଥିଲେ ଯେ ପ୍ରଶଂସକଙ୍କ ମଧ୍ୟରେ ଏହା କେତେ କ୍ରେଜ୍ ହୋଇଯିବ। କରୀନା ଟସନ ଚଳଚ୍ଚିତ୍ର ପାଇଁ ତାଙ୍କ ଲୁକ୍ ପରିବର୍ତ୍ତନ କଲେ। ଯେଉଁଥିରେ ସେ ବିକିନି ପିନ୍ଧି ସେ ନିଜର ଜିରୋ ସାଇଜ୍ ଫଟୋ ସେୟାର କରିଥିଲେ। ଆଉ ଏହି ଫଟୋ ଦେଖିବା ପରେ ମତୁଆଲା ହୋଇଯାଇଥିଲେ ଦର୍ଶକ। ସୈଫ ଅଲି ଖାନଙ୍କ ସହ କରୀନାଙ୍କର ଥିଲା ଏହା ପ୍ରଥମ ଚଳଚ୍ଚିତ୍ର। ତେବେ ଏଥିପାଇଁ କରୀନାଙ୍କୁ ବହୁତ ଗାଳି ଶୁଣିବାକୁ ପଡିଥିଲା। ଖବର ଅଛି ଯେ ସେଟରେ ସୁଟିଂ କରିବା ସମୟରେ କରୀନା ଅନେକ ଥର ଦୁର୍ବଳ ହୋଇଯାଇଥିଲେ। ବାସ୍ତବ ଜୀବନରେ ତାଙ୍କର ଏହି ପଦକ୍ଷେପ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିଥିଲା। ସେ ଟ୍ରେଣ୍ଡ ଏତେ ପପୁଲାର ଥିଲା ଯେ, ସେବେଠୁ ବି ଚାଲିଆସୁଛି ସେ ପରମ୍ପରା। ଏହା ସ୍ୱୀକାର କରିବାକୁ ହେବ ଯେ କରୀନା ସର୍ବଦା କିଛି ନୂଆ ଚେଷ୍ଟା କରିବାରେ ସର୍ବଦା ଆଗୁଆ। ସେଥିପାଇଁ କରୀନା ଏପରି କଲେ ଯାହା କେହି କେବେ କରିନାହାଁନ୍ତି। ଆଜି ସେ ୪୧ ବର୍ଷରେ ପଦାର୍ପଣ କରିଛନ୍ତି। ତଥାପି ବଲିଉଡରେ ନିଜର ନୂଆ ଟ୍ରେଣ୍ଡ ବଜାୟ ରଖିବାରେ ସେ ଅନେକ ଅଭିନେତ୍ରୀଙ୍କୁ ପଛରେ ପକାଇଛନ୍ତି।

# ଶହେ ଭାଷା କହିପାରୁଥିବା ରୋବୋର୍ଟ



ଇରାନ୍‌ର ତେହେରାନ୍ ବିଶ୍ୱବିଦ୍ୟାଳୟ ଏଭଳି ଏକ ରୋବୋର୍ଟ ତିଆରି କରିଛି ଯାହା ଶହେଟି ଭିନ୍ନ ଭିନ୍ନ ଭାଷା ବୁଝିପାରିବା ସହ ଅନୁବାଦ ବି କରିପାରୁଛି। କେବଳ ଏତିକି ନୁହେଁ ଏହା ମୁହଁ ଚିହ୍ନିବା ସହ ଫୁଟବଲ୍‌କୁ କିକ୍ ମାରିପାରେ। ଏକ ରିପୋର୍ଟ ଅନୁସାରେ, ବିଶ୍ୱବିଦ୍ୟାଳୟର ଏକ ଟିମ୍ ଚାରି ବର୍ଷ ଧରି ଏହି ରୋବୋର୍ଟ ତିଆରି କରିଥିଲେ। ଏହାର ନାଁ 'ସୁରେନା'। ରିପୋର୍ଟ ଅନୁସାରେ ଏହି ରୋବୋର୍ଟ ଯେ କୌଣସି ଜିନିଷକୁ ଉଠାଇପାରିବ। ଖାଲି ସେତିକି ନୁହେଁ, ଲୋକମାନଙ୍କ ସହ ହାତ ମିଳାଇ ଅଭିନନ୍ଦନ ଜଣାଇପାରିବ। ସୂତ୍ର ଅନୁସାରେ, ୧୭୦ ସେଣ୍ଟିମିଟର୍ ଲମ୍ବ ଏବଂ ୭୦ କିଲୋଗ୍ରାମ୍ ଓଜନର ସୁରେନା ଘଣ୍ଟା ପ୍ରତି ୭ କିଲୋମିଟର୍ ଗତିରେ ଚାଲିବାକୁ ସକ୍ଷମ ଏବଂ ଆବଡ଼ା-ଖାବଡ଼ା ଜାଗାରେ ଆଗପଛ ତଥା ବାମ-ଡାହାଣକୁ ମୁହଁ ବୁଲାଇପାରିବ।

# ବିଶ୍ୱ ରେକର୍ଡ କରିବାର ନିଶା



କୌଣସି କ୍ଷେତ୍ରର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ସମ୍ପର୍କରେ ଜାଣିବାକୁ ଉତ୍ସୁକତା ରହିବା ସ୍ୱାଭାବିକ। ତେବେ ସମୟାନୁକ୍ରମେ ସଂପୃକ୍ତ ପ୍ରଦର୍ଶନକାରୀଙ୍କ ଠାରୁ ଉନ୍ନତ ପ୍ରଦର୍ଶନ ପୂର୍ବକ ତାଙ୍କଠାରୁ ଆଉ କେହି ଶ୍ରେୟ ଛଡ଼ାଇ ନେଇ ନିଜ ନାମରେ ତାହାକୁ ଲିପିବଦ୍ଧ କରିବା ଏକ ପ୍ରଥା ପାଲଟିଗଲାଣି। ତେଣୁ ବିଭିନ୍ନ କ୍ଷେତ୍ରରେ ବିଶ୍ୱ ରେକର୍ଡମାନ ସୃଷ୍ଟି ହୋଇ ଭାଙ୍ଗିଚାଲିଛି। ଏହାର ଟିକିନିଖି ହିସାବ ରଖିବା ପାଇଁ ମଧ୍ୟ ଗିନିସ୍ ୱାର୍ଲ୍ଡ଼ ରେକର୍ଡସ୍ ପରି ସଂସ୍ଥା ଅନବରତ ସଜାଗ ରହିଛନ୍ତି। ତେବେ ରୋଚକ କଥା ହେଲା, ଏପରି ନୂଆ ନୂଆ ରେକର୍ଡ କରିବା, ଅର୍ଥାତ୍ ଅନ୍ୟ ଦ୍ୱାରା ସ୍ଥାପିତ ରେକର୍ଡକୁ ଭଙ୍ଗ କରିବାରେ ମଧ୍ୟ ରେକର୍ଡ ସୃଷ୍ଟି ହୋଇ ଚାଲିଛି। ଆଶ୍ରିତ ଫର୍ମାନ ହେଉଛନ୍ତି ଏଭଳି ଜଣେ ବ୍ୟକ୍ତି ଯିଏ କି ବିଶ୍ୱ ରେକର୍ଡ ସୃଷ୍ଟି କରିବାରେ ରେକର୍ଡ କରିଛନ୍ତି। ସେ ବହୁବାର ନିଜ ରେକର୍ଡକୁ ନିଜେ ଭାଙ୍ଗିବା ସହ ଅଦ୍ୟାବଧି ୬୦୦ରୁ ଅଧିକ ଗିନିସ ୱାର୍ଲ୍ଡ଼ ରେକର୍ଡ ସୃଷ୍ଟି କରିଛନ୍ତି। ସେଥିରୁ ୫୩୦ଟି ରେକର୍ଡକୁ ବର୍ତ୍ତମାନ ସୁଦ୍ଧା କେହି ଭାଙ୍ଗି ପାରିନାହାନ୍ତି। କେବଳ ସେତିକି ନୁହେଁ, ଏକାଦିକ୍ରମେ ସେ ୧୦୦ଟି ରେକର୍ଡ ସୃଷ୍ଟି କରିବାର ମଧ୍ୟ ବିରଳ ରେକର୍ଡ ସ୍ଥାପନ କରିଛନ୍ତି। ନ୍ୟୁୟର୍କର ବ୍ରୁକଲିନ୍‌ଠାରେ ୧୯୫୪ ସେପ୍ଟେମ୍ବର ୧୬ ତାରିଖରେ ଜନ୍ମିତ ଫର୍ମାନ୍ ୧୯୭୯ ମସିହାରୁ ଅନ୍ୟମାନଙ୍କ ରେକର୍ଡ ଭାଙ୍ଗିବା ଆରମ୍ଭ କରିଥିଲେ। ଏପରିକି ସେ ସମସ୍ତ ସାତଟି ଯାକ ମହାଦେଶର ୪୦ଟି ଦେଶରେ ନିଜର କୃତିତ୍ୱ ପ୍ରଦର୍ଶନ ପୂର୍ବକ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ଦ୍ୱାରା ସ୍ଥାପିତ ବିଭିନ୍ନ ରେକର୍ଡଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସ୍ୟାକ୍ ରେସିଂ (ବସ୍ତା ଦୌଡ଼), ସ୍କିପିଙ୍ଗ୍ (ଦଉଡ଼ି ଡିଆଁ), ମିଲ୍କ ବଟଲ୍ ବାଲାନ୍ସିଂ (ମୁଣ୍ଡ ଉପରେ କ୍ଷୀର ବୋତଲ ଭାରସାମ୍ୟ କରି ରଖିବା), ସମରସଲ୍ଟିଂ, ଷ୍ଟିଲ୍ଟ ୱାକିଂ (ଶୂନ୍ୟରେ ବନ୍ଧା ଦଉଡ଼ି ଉପରେ ଚାଲିବା), ଆଙ୍ଗୁଠିରେ ଏକ ଲମ୍ବା ଖୁଣ୍ଟକୁ ଭାରସାମ୍ୟ କରି ରଖିବା, ବେଲୁନ୍ ଫୁଙ୍କିବା, ଛୁରୀ ଫିଙ୍ଗି ଧରିବା, ବଲ୍ ଉପରେ ସିଧା ହୋଇ ବସିରହିବା, ଦଉଡ଼ି ଉପରେ ଚାଲି ଚାଲି ଉଚ୍ଚତମ ପାହାଡ଼ ଚଢ଼ିବା ଏବଂ ଚାବୁକ ଉପରେ କୌଣସି ବସ୍ତୁକୁ ସ୍ଥିର କରି ରଖିବା ଆଦି ରହିଛି।

# ବଦଳିଯିବ ସାରା ବିଶ୍ୱର ନକ୍ସା

ପୃଥିବୀ ପ୍ରତି ସେକେଣ୍ଡରେ ବିନାଶ ଆଡେ ବଢିବାକୁ ଲାଗିଛି। ଏହାକୁ ଅଟକାଇବା କାହା ପକ୍ଷେ ବି ସମ୍ଭବ ନୁହେଁ। ନିକଟରେ ହୋଇଥିବା ଏକ ଅଧ୍ୟୟନରେ ଏନେଇ ଖୁଲାସା ହୋଇଛି । ଏହି ଅଧ୍ୟୟନକୁ ଏକ ଜର୍ଣ୍ଣାଲରେ ପ୍ରକାଶ କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ୫ ବଡ ପ୍ରାକୃତିକ ବିପଦ ସାମ୍ନାରେ ଠିଆ ହୋଇଛି ପୃଥିବୀ। ଏଥିମଧ୍ୟରୁ ସବୁଠାରୁ ବଡ ବିପଦ ହେଉଛି ଆଣ୍ଟାର୍ଟିକା ଏବଂ ଗ୍ରୀନଲ୍ୟାଣ୍ଡର ବରଫ। ଏହି ବରଫ ଲଗାତର ତରଳୁଛି। ୟୁନିଭର୍ସିଟି ଅଫ୍ ଏକ୍ସଟରର ରିସର୍ଚ୍ଚର୍ସ ଟିମ୍ ଲେଣ୍ଟନ୍ କହିଛନ୍ତି କି ଏହା ସାରା ବିଶ୍ୱର ନକସା ହିଁ ବଦଳାଇଦେବ। ଯଦି ଆପଣ ମହାକାଶରୁ ପୃଥିବୀକୁ ଦେଖିବେ ତେବେ ଆପଣଙ୍କୁ ସମୁଦ୍ର ଜଳସ୍ତରରେ ବୃଦ୍ଧି ଦେଖିବାକୁ ମିଳିବ। ଯେଉଁ ପ୍ରାକୃତିକ ବିପଦ କଥା କୁହାଯାଉଛି ସେନେଇ ଟିମ୍ ଲେଣ୍ଟନ ୨୦୦୮ରେ ଏକ ଅଧ୍ୟୟନ କରିଥିଲେ। ଉଭୟ ଅଧ୍ୟୟନରେ ଏକଥା ଉପରେ ଜୋର ଦିଆଯାଇଛି କି ଯଦି ଆମେ ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ୍ ୱାର୍ମିଂକୁ ରୋକିବାନି ତେବେ ପ୍ରକୃତି ନିଜେ ଏହାର ପ୍ରତିଶୋଧ ନେବ। କାରଣ ଏକ ନିର୍ଦ୍ଧାରିତ ସୀମା ପରେ ତାର ସହିବାର ସୀମା ସମାପ୍ତ ହୋଇଯିବ। ସେ ନିଜେ ନଷ୍ଟ ହେବ, ଏବଂ ଜୀବଜନ୍ତୁଙ୍କୁ ମଧ୍ୟ ନଷ୍ଟ କରିବ। ଯଦି ଆଜିର ତାରିଖରେ ଗ୍ଲୋବାଲ ୱାର୍ମିଂ ଅଟକିଯାଏ ତେବେ ମଧ୍ୟ ବରଫ ତରଳିବା ଅଟକିବନି। ସମୁଦ୍ରରେ ଆସୁଥିବା ପରିବର୍ତ୍ତନକୁ ରୋକାଯାଇହେବନି। ସାଇନ୍ସ ଜର୍ଣ୍ଣାଲରେ ଛପିଥିବା ପ୍ରଥମ ୨୦୦ ଅନ୍ୟ ଷ୍ଟଡିଜର ବିଶ୍ଳେଷଣ ମଧ୍ୟ କରାଯାଇଛି। ଯାହା ଫଳରେ ଏହା ଜଣାପଡିବ କି ଏହି ୫ ପ୍ରାକୃତିକ ବିପଦକୁ ପୃଥିବୀ କେବେ ପାର୍ କରିପାରିବ ଏବଂ ଏଥିରୁ ଜଣାପଡିଲା କି ଏବେ ୯ ଗ୍ଲୋବାଲ ଟିପିଂ ପଏଣ୍ଟ ରହିଛି ଯାହା ପୃଥିବୀର ସାରା ସିଷ୍ଟମକୁ ଖରାପ କରୁଛି। ଏହା ବ୍ୟତୀତ ୭ ଆଞ୍ଚଳିକ ଟିପିଂ ପଏଣ୍ଟ ମଧ୍ୟ ରହିଛି। ଏହି ୧୬ ଟିପିଂ ପଏଣ୍ଟ ମଧ୍ୟରୁ ୫ ଏମିତି ପଏଣ୍ଟ ରହିଛି ଯାହା ଆଜି ବି ଉପସ୍ଥିତ ଅଛି। ପ୍ରଥମ ହେଉଛି ଗ୍ରୀନଲ୍ୟାଣ୍ଡ୍ ଏବଂ ଆଣ୍ଟାର୍ଟିକାର ବରଫ। ଦ୍ୱିତୀୟଟି ହେଉଛି ହେଉଛି ପର୍ମାଫ୍ରାଷ୍ଟର ଶେଷ ହେବା। ତୃତୀୟଟି ହେଉଛି ଲାବରାଡୋର ସାଗରରେ କନଭେକ୍ସନର ଅଭାବ। ତେବେ ସବୁଠାରୁ ଭୟଙ୍କର ହେବ ଯଦି ଗ୍ରୀନଲ୍ୟାଣ୍ଡ ଏବଂ ଆଣ୍ଟାର୍ଟିକା ସମ୍ପୂର୍ଣ୍ଣ ତରଳିଯିବ। ଟିମ୍ ଲେଣ୍ଟନ କହିଛନ୍ତି କି ଯଦି ଆଣ୍ଟାର୍ଟିକା ଏବଂ ଗ୍ରୀନଲ୍ୟାଣ୍ଡର ବରଫ ସମ୍ପୂର୍ଣ୍ଣ ତରଳିଯିବ ତେବେ ଜଳସ୍ତର ୧୦ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅର୍ଥାତ୍ ୩୨.୮୦ ଫୁଟ। ଏହାର ଅର୍ଥ ବିଶ୍ୱର ଅନେକ ବଡ ବଡ ଦେଶ ଅଧାରୁ ଅଧିକ ବୁଡିଯିବ। କିଛି ଦେଶ ସମ୍ପୂର୍ଣ୍ଣ ଗାଏବ ହୋଇଯିବ।  ଲଗାତର ବଢୁଥିବା ଉତ୍ତାପ ଯୋଗୁଁ କୋରାଲ ରିଫ୍ସ ଧିରେ ଧିରେ ମରୁଛନ୍ତି। ଏଥିଯୋଗୁଁ ପରୋକ୍ଷରେ ତାଙ୍କ ସାହାରାରେ ବଞ୍ଚୁଥିବା ୫୦ କୋଟି ଲୋକ ମଧ୍ୟ ପ୍ରାଣ ହରାଇବେ।



# ସପନାଙ୍କୁ ମିଳିଲା ଆଶ୍ୱସ୍ତି

ହରିୟାଣାର ଡ୍ୟାନ୍ସର ସପନା ଚୌଧୁରୀ ସୋମବାର କୋର୍ଟରେ ଆତ୍ମ ସମର୍ପଣ କରିଛନ୍ତି। ଆତ୍ମ ସମର୍ପଣ ପରେ ଏସ୍‌ଜିଏମ୍ କୋର୍ଟ ସପନାଙ୍କୁ ନିଜ ହେପାଜତକୁ ନେଇଛନ୍ତି। ସପନା ଚୌଧୁରୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଏହି କାରଣରୁ ତାଙ୍କୁ କୋର୍ଟରେ ହାଜର ହେବାର ଥିଲା। ଗତ ୬ ତାରିଖ ଦିନ କୋର୍ଟରେ ହାଜର ହେବା ପୂର୍ବରୁ ଜଜ ଶାନ୍ତନୁ ତ୍ୟାଗୀ ଜରୁରୀକାଳୀନ ଛୁଟିରେ ଚାଲି ଯାଇଥିଲେ। ଏହି କାରଣରୁ ସପନା ହାଜର ହୋଇ ପାରିନଥିଲେ। ଏହାର କିଛି ସମୟ ପରେ ସପନାଙ୍କ ବିରୋଧରେ ଜାରି ୱାରେଣ୍ଟକୁ କୋର୍ଟ ପ୍ରତ୍ୟାହାର କରିଛନ୍ତି। କିଛି ସମୟ ପରେ କୋର୍ଟ ତାଙ୍କୁ ନିଜ ହେପାଜତରୁ ମୁକ୍ତ କରିଛନ୍ତି। କୋର୍ଟ ସପନା ଚୌଧୁରୀଙ୍କ ବିରୋଧରେ ୱାରେଣ୍ଟ ଏହି ସର୍ତ୍ତରେ ସମାପ୍ତ କରିଛନ୍ତି ଯେ, ସେ କୋର୍ଟ କାର୍ଯ୍ୟରେ ସହଯୋଗ କରିବେ ଏବଂ ନିର୍ଦ୍ଧାରିତ ଶୁଣାଣିରେ ଉପସ୍ଥିତ ରହିବେ। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩୦ ତାରିଖ ଧାର୍ଯ୍ୟ କରାଯାଇଛି। ଅଭିଯୋଗ ଅନୁସାରେ, ଲକ୍ଷ୍ନୌର ସ୍ମୃତି ଉପବନରେ ସପନା ଚୌଧୁରୀଙ୍କ ଏକ ଡ୍ୟାନ୍ସ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିଲା ଏଥିପାଇଁ ହଜାର ହଜାର ଟିକେଟ୍ ବିକ୍ରି ହୋଇଥିଲା। ସପନା ଚୌଧୁରୀଙ୍କୁ ଅଗ୍ରୀମ ରାଶି ମଧ୍ୟ ଦିଆ ସରିଥିଲା। କିନ୍ତୁ ସପନା ଚୌଧୁରୀ ପହଞ୍ଚିଲେ ନାହିଁ, ଫଳରେ କାର୍ଯ୍ୟକ୍ରମକୁ ରଦ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ସପନା ଅଗ୍ରୀମ ଆକାରରେ ଯେଉଁ ଟଙ୍କା ନେଇଥିଲେ ତାହା ମଧ୍ୟ ଆୟୋଜକଙ୍କୁ ଫେରାଇ ନଥିଲେ। ଏହି ମାମଲାରେ ୨୦୧୮ ଅକ୍ଟୋବର ୧୩ରେ ଆଶିୟାନା ଫାଣ୍ଡିର ସବ ଇନ୍ସପେକ୍ଟର ଫିରୋଜ ଖାନ ସପନା ଚୌଧୁରୀ, ରତ୍ନାକର ଉପାଧ୍ୟାୟ, ଅମିତ୍ ପାଣ୍ଡେ, ପହଲ ଇନଷ୍ଟିଟ୍ୟୁଟ୍‌ର ଇବାଦ ଅଲୀ, ନବୀନ ଶର୍ମା ଏବଂ ଜୁନୈଦ ଅହମ୍ମଦଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଥିଲେ। ଏଥିସହ ୨୦୧୯ ଜାନୁଆରୀ ୨୦ରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିବା ବେଳେ ସପନା ଚୌଧୁରୀଙ୍କ ବିରୋଧରେ ମାର୍ଚ୍ଚ ୧ରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା।



# ରାସ୍ତାରେ ମେଟଲ ପଡୁଛି, ଉଠୁଛି

## ଆଜିଯାଏଁ ୪୦୦ ପରିବାର ଥିବା ନୁନପାଣି ଗାଁରେ ପକ୍କା ରାସ୍ତା ଓ ଡ୍ରେନ ନିର୍ମାଣ ହୋଇପାରୁନି

କୋଷାଗୁମୁଡା , **୧୦/୩ (ନି.ପ୍ର):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଏକୋରୀ ପଞ୍ଚାୟତ ଅନ୍ତର୍ଗତ ନୁନପାଣି ଗ୍ରାମରେ ୪୦୦ ପରିବାର ବସବାସ କରନ୍ତି। ତେବେ ଗ୍ରାମର ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ମେଟଲ ପକା ଯାଉଛି, କିଛି ଦିନ ଗଲାପରେ ମେଟଲ କାଢି ନିଆଯାଉଛି। ବର୍ତ୍ତମାନ ରାସ୍ତାରେ ମେଟଲ ଗଦାହୋଇଛି ଆଜକୁ ୬ମାସ ହେଲାଣି କିନ୍ତୁ କିଏସେ ଗଦା କରିଛି ତାହା ସରପଞ୍ଚ ଓ ଗ୍ରାମବାସୀ ଜାଣିନାହାନ୍ତି।ଏହାକୁବି ଆଉ କିଛି ଦିନ ପରେ ନେଇଯିବେ ବୋଲି କହିଛନ୍ତି। ଏହାକୁ ଦେଖାଇ ରାସ୍ତା ନିର୍ମାଣ କରାଯାଇଛି ବୋଲି ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରାଯାଉଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ କହିଛନ୍ତି ।ଏହିଭଳି କାର୍ଯ୍ୟ ଦୀର୍ଘ ବର୍ଷ ହେଲା ଚାଲୁ ରହିଥିବା ଗ୍ରାମବାସୀ କହିଛନ୍ତି। ଆବର୍ଜନା



ପାଣି ଓ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନଥିବାରୁ ରାସ୍ତା ଉପରେ ଜମି ଦୁର୍ଗନ୍ଧମୟ ସୃଷ୍ଟି ହେଉଥିବାରୁ ବିଭିର୍ଣ୍ଣ ରୋଗର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସରପଞ୍ଚ ଭାନୁମତି ଭତ୍ରାଙ୍କ ନିଜ ଗ୍ରାମ ନୁନପାଣିକୁ ପକ୍କା ରାସ୍ତା ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି ।ଏହା ପୂର୍ବରୁ ତାଙ୍କ ବାପା ଯୁଗଶାଇ ଭତ୍ରା ନିୟମିତ ୪ ଥର ଓ ବର୍ତ୍ତମାନ ତାଙ୍କ ଝିଅ ଭାନୁମତି ଭତ୍ରା ସରପଞ୍ଚ ଅଛନ୍ତି । ଏହି ପଞ୍ଚାୟତର ସରପଞ୍ଚଙ୍କ ଗ୍ରାମର ଅବସ୍ଥା ଏମିତି ହେଲେ ପଞ୍ଚାୟତର ଅନ୍ୟ ଗ୍ରାମର ଅବସ୍ଥା କେମିତି ହୋଇଥିବ ବୋଲି ଚର୍ଚ୍ଚା ହେଉଛି । ଗ୍ରାମର ସମସ୍ୟା ନେଇ ସମିତି ସଭାରେ ବହୁବାର ଲିଖିତ ଓ ମୌଖିକ ଅଭିଯୋଗ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ଦେଖିବା କରିବା କହି ଏହାରି ମଧ୍ୟରେ ଦୀର୍ଘ ୧୫ ବର୍ଷ ବିତି ଗଲାଣି। ତଥାପି ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି ବୋଲି ସରପଞ୍ଚ ଦୁଃଖ ପ୍ରକାଶ କରି କହିଥିଲେ। ଗ୍ରାମର ଏହି ଅବସ୍ଥା ପ୍ରଶାସନର ଉଦାସୀନତା ଯୋଗୁ ୪୦୦ ପରିବାର ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ରାସ୍ତା ନଥିବା ଯୋଗୁ ଗ୍ରାମର ବିକାଶ ପାଇଁ ସରକାରଙ୍କ ବିଭିର୍ଣ୍ଣ ଯୋଜନା ଏଠି ବାଟବଣା।

# ଆଇଏନଏସ ଚିଲିକାରେ ପଞ୍ଚମ ବ୍ୟାଚ୍ ଅଗ୍ନିବୀର ପାସିଂ ଆଉଟ ସମାରୋହ

ବାଲୁଗାଁ **୧୦/୩ (ନି.ପ୍ର):** ଶୁକ୍ରବାର ଅପରାହ୍ନରେ ଆଇଏନଏସ ଚିଲିକା ପ୍ୟାରେଡ଼ ଗ୍ରାଉଣ୍ଡ ଠାରେ ଆନୁଷ୍ଠାନିକ ଭାବେ ପଞ୍ଚମ ବ୍ୟାଚ୍ ଅଗ୍ନିବୀର ପାସିଂ ଆଉଟ୍ ପ୍ୟାରେଡ ଅନୁଷ୍ଠିତ ହୋଇଯାଇଛି ।ଏହି ବ୍ୟାଚରେ ସମୁଦାୟ ୨୯୬୬ ଅଗ୍ନିବୀରଙ୍କ ମଧ୍ୟରେ ୪୦୨ ଜଣ ମହିଳା ଅଗ୍ନିବୀର, ୨୮୮ ଜଣ ଏସଏସଆର ଏବଂ ୨୨୭ ଜଣ ତଟରକ୍ଷି ନାବିକ ସଫଳତାର ସହ ଶାରୀରିକ ଓ ମାନସିକ ପ୍ରଶିକ୍ଷଣ ନେଇଥିଲେ ।ସଫଳତାର ସହ ସୁଦକ୍ଷ ଭାବେ ଦେଶ ସେବା ପାଇଁ ଭାରତୀୟ ନୌସେନାରେ ନୂତନ ଯାତ୍ରା ଆରମ୍ଭ କରିଥିବାରୁ ଏହି ଭବ୍ୟ ସମାରୋହରେ ସେମାନଙ୍କ ଅବଦାନକୁ ସ୍ୱୀକାର କରି ଅଗ୍ନିବୀରଙ୍କ ପିତାମାତା,ଅଭିଭାବକଙ୍କୁ ନୌସେନା ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ।ଆଇଏନଏସ ଚିଲିକା ନୌସେନା କମୋଡୋର ବି ଦୀପକ ଅନୀଲଙ୍କ ତତ୍ୱାବଧାନରେ କମାଣ୍ଡିଙ୍ଗ-ଇନ-ମୁଖ୍ୟ ଦକ୍ଷିଣ ନୌସେନା କମାଣ୍ଡର ଭାଇସ ଆଡ୍‌ମିରାଲ ଭି.ଶ୍ରୀନିବାସ,ପିଭିଏସଏମ ଏଭିଏସଏମ,ଏନଏମ,ଫ୍ଲାଗ ଅଫିସର ଉକ୍ତ ପ୍ୟାରେଡକୁ ନିରିକ୍ଷଣ କରିବାସହ ପରିଚାଳନା କରିଥିଲେ ।ଉକ୍ତ ପ୍ୟାରେଡ ସମାରୋହରେ ଉଚ୍ଚ ପଦସ୍ଥ ନୌସେନା ଅଧିକାରୀ,ପୂର୍ବ କମାଣ ପତାକା ଅଧିକାରୀ,ପୂର୍ବତନ ନୌସେନା ଅଧିକାରୀ,ଅଗ୍ନିବୀରଙ୍କ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ ।ଆଇଏନଏସ ଚିଲିକାରେ ୧୬ ସପ୍ତାହର ସଫଳ ପ୍ରଶିକ୍ଷଣ ଶେଷ ନୁହେଁ ବରଂ ଭାରତୀୟ ନୌସେନାର ଏକ ନୂତନ ଯାତ୍ରା ଆରମ୍ଭ ଯେଉଁଠାରେ ପୁରୁଷ ଏବଂ ମହିଳା ମିଳିତ ଭାବେ ଭାରତୀୟ ନୌସେନାରେ ଏକ ବିର ଯୋଦ୍ଧା ରୂପେ ଦେଶ ସେବାରେ ନିସଂକୋଚ ଭାବେ ପ୍ରସ୍ତୁତ ରହିବାସହ ଦକ୍ଷତା ବୃଦ୍ଧିକରିବା,ବୈଷୟିକ ଦୃଷ୍ଟିରୁ ସଚେତନ ହେବା, ବିଶ୍ୱାସନୀୟ,ସମନ୍ୱୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ପ୍ରଚେଷ୍ଟା ଜାରି ରଖିବାନେଇ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧତା ପାଇଁ ଅଗ୍ନିବୀରଙ୍କୁ ପ୍ରଭାବିତ କରିଥିଲେ ।ଏଥିସହିତ ଶକ୍ତି ଏବଂ ସମ୍ମାନ ସହିତ ଦେଶ ସେବା କରୁଥିବା ବେଳେ ନୌସେନାର ମୂଳ ମୂଲ୍ୟବୋଧ,ଡ୍ୟୁଟି,ଏବଂ ସାହାସକୁ ସେମାନେ ସମର୍ଥନ କରିବାକୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ କୃତି ଅଗ୍ନିବୀରଙ୍କୁ ମୁଖ୍ୟ ଅତିଥି ପଦକ ଏବଂ ଟ୍ରଫି ପ୍ରଦାନ କରିଥିଲେ ।ଦେବରାଜ ସିଂ ରାଠୋର ଏଭିଆର (ଏମଆର) ଏବଂ ପ୍ରମୋଧ ସିଂ (ଏସଏସଆର) ଶ୍ରେଷ୍ଠ ଅଗ୍ନିବୀର ଭାବେ ନାଭାଲ ଷ୍ଟାଫ ରୋଲିଂ ଟ୍ରଫି ଓ ସ୍ୱର୍ଣ୍ଣ ପଦକ ପାଇଥିଲେ ।ଶ୍ରେଷ୍ଠ ମହିଳା ଅଗ୍ନିବୀର ମାନସା ଗୁଲିଭିନ୍ଧାଲା ଏଭିଆର (ଏସଏସଆର)ଙ୍କୁ ଜେନେରାଲ ବିପିନ ରାୱତ ରୋଲିଂ ଟ୍ରଫି ପ୍ରଦାନ କରାଯାଇଥିଲା ।ଏଥିସହିତ ମୋହିତ କୁମାରଙ୍କୁ ନାବିକ (ଜିଡ଼ି) ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା ।ବିଦାୟୀ ଉତ୍ସବରେ ବିଭିନ୍ନ ଦିଗରେ ଉର୍ତ୍ତମାନର କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆଂଗ୍ରୀ ଡିଭିଜନକୁ ଚମ୍ପିୟାନ ଟ୍ରଫି ଓ ଏକଲବ୍ୟ ଡିଭିଜନକୁ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା ।ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ମୁଖ୍ୟ ସାଉଥ୍ ନୌସେନା କମାଣ୍ଡ ଏବଂ କମୋଡୋର ବି ଦୀପକ ଅନୀଲ, ଭିଏସ୍‌ଏମ୍,କମାଣ୍ଡିଂ ଅଫିସର, ଆଇଏନ୍‌ଏସ୍ ଚିଲିକାଙ୍କ ଉପସ୍ଥିତିରେ ଅଙ୍କୁରର ୨/୨୪ ସଂସ୍କରଣ ଆଇଏନଏସ ଚିଲିକା ଦ୍ୱିଭାଷୀ ପ୍ରଶିକ୍ଷକଙ୍କ ପତ୍ରିକା ଉନ୍ମୋଚନ କରାଯାଇଥିଲା ।ସୂଚନା ଥାଉକି ପ୍ରଥମ ବ୍ୟାଚରେ ୨୫୮୫ ଅଗ୍ନିବୀରଙ୍କ ମଧ୍ୟରେ ୨୭୩ ଜଣ ମହିଳା ରହିଥିବା ବେଳେ ଦ୍ୱିତୀୟ ବ୍ୟାଚରେ ୨୮୯୫ ଅଗ୍ନିବୀରଙ୍କ ମଧ୍ୟରେ ୪୪୮ ଜଣ ମହିଳା,ତୃତୀୟ ବ୍ୟାଚରେ ୨୬୩୦ ଅଗ୍ନିବୀରଙ୍କ ମଧ୍ୟରେ ୩୯୭ ଜଣ ମହିଳା ଏବଂ ଚତୁର୍ଥ ବ୍ୟାଚରେ ୧୩୯୦ ଅଗ୍ନିବୀରଙ୍କ ମଧ୍ୟରେ ୨୧୬ ଜଣ ମହିଳା ଆଇଏନଏସ ଚିଲିକାରେ ପ୍ରାରମ୍ଭିକ ତାଲିମ ନେଇ ଭାରତୀୟ ନୌସେନାରେ ବୀର ସିପାହୀ ଭାବେ ନିୟୋଜିତ ରହିଛନ୍ତି।

## ପାତ୍ରପୁଟ ଓ ଡେଙ୍ଗା ଗୁଡ଼ା ସେବାଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ



ତେନ୍ତୁଳୀଖୁଣ୍ଟି **୧୦/୩ (ନି.ପ୍ର):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ପାତ୍ରପୁଟ ଓ ଡ଼େଙ୍ଗାଗୁଡ଼ା ଆବାସିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବ ରେ ମୁଖ୍ୟ ଅଥିତି ରୂପେ ସ୍ଥାନୀୟ ସରପଞ୍ଚ ଶିବାନନ୍ଦ ପ୍ରଧାନୀ ସଂମାନନୀୟ ଅଥିତିଭାବେବ୍ଲକମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ଜୋଗନ୍ ମୋହନ ମାଝୀ, ଅଚ୍ୟୁତାନନ୍ଦ ବିଶୋଇ, ଲକ୍ଷଣ ବିଶୋଇ, ଜିଲ୍ଲା ଶିକ୍ଷକ ସଙ୍ଘ ସଭାପତି କ୍ଷେତ୍ର ମୋହନ ବିଶୋଇ, ମୋହନ ରାଓ, କୁଜଜାନିଗୁଡ଼ା ପ୍ରଧାନ ଶିକ୍ଷକ ରାମଣିରଞ୍ଜନ ଗୋରଡା, ବ୍ରଜବଲ୍ଲ ବ୍ରହ୍ମା, ସୁବାଷ ପୂଜାରୀ, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ପିତମ୍ବର ବିଷୋୟୀ ମଂଚାସୀନ ରହିଥିଲେ କାର୍ଯ୍ୟକ୍ରମ ଆରମ୍ଭ ରୁ ଅଥିତି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରି ସ୍ୱାଗତ ଭାଷଣ ପ୍ରଧାନ ଶିକ୍ଷକ ଡମ୍ବରୁ ଧର ନାୟକ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଥିତି ମାନେ ବାର୍ଷିକଉତ୍ସାବ କାହଁକି ପାଳନ କରାଯାଉଛି ନିଜ ନିଜ ବାକ୍ତର୍ବ୍ୟ ରେ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ଙ୍କୁ ବିଭିନ୍ନ କ୍ରିଡ଼ା ବାକୃଥରେ ଚୟନ କରି ୯୦ଜଣ କୃତି ଛାତ୍ର ଛାତ୍ରୀଙ୍କୁ ମାନ ପତ୍ର ଓ ପୁରସ୍କାର ଅଥିତିମାନେ ପ୍ରଦାନ କରିଥିଲେ କ୍ଷ ମଞ୍ଚ ପରିଚାଳନା ରତିକାନ୍ତ ଦୁବେ କରିଥିଲେ। ଡ଼େଙ୍ଗାଗୁଡ଼ା ସେବାଶ୍ରମ ଠାରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଦୁର୍ଯ ଜାଣିଙ୍କ ସଭାପତି ତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅଥିତି ବିଧାୟକ ଶ୍ରୀଯୁକ୍ତ ଗୌରୀଶଙ୍କର ମାଝୀ, ସନମାନନୀୟ ଅଥିତି ରୂପେ ବ୍ଲକ ଅଧକ୍ଷା ଶ୍ରୀମତୀ ନୀଳାଦ୍ରି ନାୟକ, ଉପାଧକ୍ଷ ଶ୍ରୀଯୁକ୍ତ ରାଜେନ୍ଦ୍ର ବିଶୋଇ, ଜିଲ୍ଲା ପରିଷଦ ଶ୍ରୀମତୀ କ୍ରିଷ୍ଣା ମଞ୍ଜରୀ ବିଶୋଇ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ମଂଚାସୀନ ରହିଥିବା ବେଳେ ବିବରଣୀ ପ୍ରଧାନ ଶିକ୍ଷକ କରିଥିଲେ ଶେଷରେ ଛାତ୍ରଛାତ୍ରୀ ମାନେ ସଂସ୍କୃତି କ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ବିଭିନ୍ନ ବିଭାଗ ରେ କୃତି ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ଓ ଟ୍ରଫି ଅଥିତି ମାନେ ପ୍ରଦାନ କରିଥିଲେ ।

## କେନ୍ଦେଇପଶି ରେ ଆନ୍ତର୍ଜାତିକ ମହିଳା ଦିବସ

ପାଟଣା **୧୦/୩ (ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଗ୍ରାମ ପଞ୍ଚାୟତରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ପଞ୍ଚାୟତର ସରପଞ୍ଚ ମିନାକ୍ଷୀ ନାୟକଙ୍କ ଅଧ୍ୟକ୍ଷତାରେ ମହିଳା ସଂଘ ସଭା ଗୃହରେ ପ୍ରଥମେ ଏକ ସଭା ଓ ଏହା ପରେ ଶୋଭାଯାତ୍ରା ମାଧ୍ୟମରେ ଆଖ ପାଖ ଅଞ୍ଚଳରେ ମହିଳା ସଶକ୍ତି କରଣ ଉପରେ ସ୍ଲୋଗାନ ଦେଇ ମହିଳା ମାନେ ଗ୍ରାମ ଭ୍ରମଣ କରିଥିଲେ। ଏହା ସହିତ ଶୋଭାଯାତ୍ରା ସଂପନ୍ନ ହେଲାପରେ ସମସ୍ତେ କେନ୍ଦେଇପଶି ହାଟ ପଡ଼ିଆ ରେ ଏକତ୍ରିତ ହେବା ପରେ ଏକ ସଚେତନତା ସଭା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଦାନ ସଙ୍ଗଠନ ର କାର୍ତ୍ତିକ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ସଂଘ ର ମନୋରମା ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସଭାପତି କିରଣବାଳା ସେଠୀ ମହିଳା ମାନଙ୍କର ସଫଳତା ର ଗାଥା ର ବିଭିନ୍ନ ଉଦାହରଣ ରଖିଥିଲେ।

## ଶୁଭ ବିବାହ ଦିବସ ରେ ଗଛ ଟିଏ ଉପହାର

ନିଆଳି **୧୦/୩ (ନି.ପ୍ର):** ଚାଲିଛି ବିବାହ ଋତୁ ଆଉ ଭୋଜି ର ଆସର ନିଆଳୀ ବ୍ଲକ ତିହୁଡି ପଞ୍ଚାୟତ ଜୁଆଙ୍ଗ ଗ୍ରାମ ର ଯୁବ ସମାଜସେବୀ ରଞ୍ଜନ କୁମାର ଲେଙ୍କା ଙ୍କ ସାନ ଭାଇ ବିଜନ ଲେଙ୍କା ଙ୍କ ଶୁଭ ବିବାହ ଦିବସ ରେ ପ୍ରେସ ୟୁନିଟ ନିଆଳୀ ଏବଂ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ତରଫରୁ ସୁନ୍ଦର ଉପହାର ସହ ଗଛ ଟିଏ ପ୍ରଦାନ କରିବା ସହ ଶୁଭେଚ୍ଛା ଜଣାଇଥିଲେ ପ୍ରେସ ୟୁନିଟ ନିଆଳୀ ର ମୁଖ୍ୟ ଉପଦେଷ୍ଟା ତଥା ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ର ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ, ପ୍ରେସ ୟୁନିଟ ର ସଭାପତି ଦ୍ୱିଜବର ମହାପାତ୍ର, ସମ୍ପାଦକ ସନ୍ଦୀପ ମଲ୍ଲିକ ମୋନାଲିସା ମୁଦୁଲି ଶ୍ରୀମତୀ ସରୋଜିନୀ ବେହେରା, ପୁଅ ସାଇ ଗୁରୁ ନାରାୟଣ (ଗାନ୍ଧୀ ), ଝିଅ ସରନ୍ୟା ପ୍ରତିମା ବୈଷ୍ଣବୀ ପ୍ରମୁଖ ଗଛ ଟିଏ ପ୍ରଦାନ କରିଥିଲେ,ଏହା ସହ ଶ୍ରୀମତୀ ରାଜନନ୍ଦିନୀ ସ୍ୱାଇଁ, ସମାଜସେବୀ ଦୀପ୍ତି ରଞ୍ଜନ ନାୟକ, ସମାଜସେବୀ ସତ୍ୟଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜଳ ସଂଗ୍ରହ ଓ ଜଳର ସଦୁପଯୋଗ ପାଇଁ ପଦ୍ମଶ୍ରୀ ଦୈତାରୀ ନାଏକ ଙ୍କ ଆହ୍ୱାନ , ପାଟଣା ବ୍ଲକ ରେ ୱାଟରସେଡ ଯାତ୍ରା

ପାଟଣା **୧୦/୩ (ନି.ପ୍ର):** ଏକ କାର୍ଯ୍ୟକ୍ରମ ରେ କେନ୍ଦୁଝର ର ମାଉଣ୍ଟେନ୍ ମ୍ୟାନ ଭାବେ ସୁପରିଚିତ ପଦ୍ମଶ୍ରୀ ଦୈତାରୀ ନାଏକ ଜଳ ସଂଗ୍ରହ ଓ ଜଳର ସଦୁପଯୋଗ ପାଇଁ ଜନସାଧାରଣ କୁ ଆହ୍ୱାନ ଜଣାଇଛନ୍ତି। ଆଜି ପ୍ରଧାନମନ୍ତ୍ରୀଙ୍କ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ କେନ୍ଦୁଝର ଙ୍କ ପକ୍ଷରୁ ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ପଞ୍ଚାୟତ ର କେତାଙ୍ଗ ଏବଂ ଡୁମୁରିଆ ପଞ୍ଚାୟତ ମୁଖ୍ୟାଳୟ ରେ ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି ଙ୍କ ସଭାପତିତ୍ୱରେ ୱାଟର ସେଡ ଯାତ୍ରା ଅନୁଷ୍ଠିତ ହୋଇଛି ।କାର୍ଯ୍ୟକ୍ରମ ରେ ଡିସ୍ପ୍ଲେ ଭ୍ୟାନ ରେ ଲାଗିଥିବା ବଡ଼ ଏଲ ଇ ଡି ମାଧ୍ୟମ ରେ ମୃତ୍ତିକା ଓ ଜଳ ସଂରକ୍ଷଣ ଆତ୍ମନିର୍ଭରଶୀଳତା ର ବାର୍ତ୍ତା ଦିଆଯିବା ସହ କାର୍ଯ୍ୟକ୍ରମ ରେ ହିତାଧିକାରୀଙ୍କ ପୋଖରୀ ଖନନ ପାଇଁ ଭୂମି ପୂଜା ,ବୃକ୍ଷ ରୋପଣ ସହ କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଏବଂ ୱାଟର ସେଡ ଯୋଦ୍ଧା ମାନଙ୍କୁ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। କେତାଙ୍ଗ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ପ୍ରଶାନ୍ତ କୁମାର ପଲେଇ ସଂଯୋଜନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ , ସମ୍ମାନୀତ ଅତିଥି ଭାବେ ବିଡ଼ିଓ ମାନସ କୁମାର ଦଣ୍ଡପାଟ ,ଜଳ ବିଭାଜିକା ଏପିଡି ବନମାଳୀ ପାତ୍ର,ପୂର୍ବତନ ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ ,ସି ଡି ଭି ଓ ଚନ୍ଦ୍ର ଶେଖର ରଥ, ବିଡିଓ ଡକ୍ଟର ସତ୍ୟ ପ୍ରକାଶ ଦ୍ୱିବେଦୀ ,ସହକାରୀ ମତ୍ସ୍ୟ ଅଧିକାରୀ ସଞ୍ଜୟ ନାଏକ , ସାଂସଦ ଙ୍କ ଜଳ ବିଭାଜିକା ପ୍ରତିନିଧି ମହେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣ, ବର୍ଷା ଜଳ ସଂଗ୍ରହ ,ଜଳ ଉତ୍ସ ର ଆବଶ୍ୟକତା ଓ ଏହାର ସଠିକ୍ ଉପଯୋଗ କରି ଆତ୍ମନିର୍ଭରଶିଳ ହେବା ମାଧ୍ୟମ ଉପରେ



ଉପସ୍ଥିତ ହଜାର ହଜାର ବ୍ୟକ୍ତି ଙ୍କୁ ମାର୍ଗ ଦର୍ଶନ ଦେବା ସହ ବିଭାଗୀୟ ଯୋଜନା ର ସୂଚନା ଦେଇଥିଲେ। ଜଳ ବିଭାଜିକା ଏପିଡି ପ୍ରଦୀପ ରାଉତ ଓ ଦିପ୍ତିମୟୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ସେହିପରି ଡୁମୁରିଆ ପଞ୍ଚାୟତ ମୁଖ୍ୟାଳୟ ରେ ଅନୁଷ୍ଠିତ ଅନୁରୂପ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ଜମି,ଜଳ,ଜଙ୍ଗଲ,ଜୀବିକା,ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜଳ ବିଭାଜିକା ର ମହତପୂର୍ଣ୍ଣ ଅଂଶ ହେବାକୁ ସେ ଜନ ସାଧାରଣ ଙ୍କୁ ଆହ୍ୱାନ ଦେଇଥିଲେ। ବରେଣ୍ୟ ଅତିଥି ପଦ୍ମଶ୍ରୀ ଦୈତାରୀ ନାଏକ ଜଳ ର ସଂଗ୍ରହ ଓ ଜଳ ର ସଦୁପଯୋଗ ପାଇଁ ଲୋକ ମାନଙ୍କୁ ପରାମର୍ଶ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ବୀଣାପାଣି ନାଏକ ,ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ ସାଂସଦ ପ୍ରତିନିଧି ପ୍ରହଲ୍ଲାଦ ପଲେଇ , ବିଧାୟକ ଙ୍କ ପ୍ରତିନିଧି କମଳାକାନ୍ତ ଦାଶ,ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ , ଡୁମୁରିଆ ସରପଞ୍ଚ ଗୌରହରି ନାଏକ , ଏରେଣ୍ଡେଇ ସରପଞ୍ଚ,ପାର୍ବତୀ ଦେହୁରୀ ,ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହନ୍ତ, ଡୁମୁରିଆ ସମିତି ସଭ୍ୟା ଜୟନ୍ତୀ ନାଏକ, ପଲାଶଘାଟି ସମିତି ସଭ୍ୟ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗ ଦେଇ ଜଳ ର ଗୁରୁତ୍ୱ କେତେ ଆବଶ୍ୟକତା ରଖେ ତାହାର ବିଭିନ୍ନ ଦିଗ ଉପରେ ଜନ ସାଧାରଣ ଙ୍କୁ ଉଦବୋଧନ ଦେଇଥିଲେ। ଡୁମୁରିଆ କାର୍ଯ୍ୟକ୍ରମ ରେ ସମସ୍ତ ବିଭାଗୀୟ ଅଧିକାରୀ ସାମିଲ ଥିବାବେଳେ ମୃତ୍ତିକା ସଂରକ୍ଷଣ ବିଭାଗ ର ଅଧିଦର୍ଶକ ଅରୁଣ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ବିଜେଡି ସରକାର ର ଆଉ ଏକ ବିଫଳତା

## ଶୁଖିଲା ପଡ଼ିଛି ତେଲିଙ୍ଗିରି ଡେମ



କୋରାପୁଟ**୧୦/୩ (ନି.ପ୍ର):** ୨୦୧୯ ମସିହା ନିର୍ବାଚନ ପୂର୍ବରୁ ଅତ୍ୟନ୍ତ ତରବରିଆ ଭାବେ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଥିଲା ।ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଙ୍କ ସରକାର ଜୟପୁର ନିର୍ବାଚନ ମଣ୍ଡଳୀର ଭୋଟ ହାତେଇବା ଥିଲା ମୂଳ ଉଦେଶ୍ୟ ।ଚାଷୀ ବର୍ଷକୁ ଦୁଇ ଚାଷ କରିବା ଥିଲା ମୂଳ ଉଦେଶ୍ୟ ।ହେଲେ ତରବରିଆ ଭାବେ ଉଦଘାଟନ କରିବା ଆଳରେ ନିମ୍ନ ମାନର କାମ କରାଯାଇଥିଲା ।ଯାହାର ଫଳ ସ୍ୱରୂପ ଆଜି ଶୁଖିଲା ପଡିଛି ତେଲେଙ୍ଗିରି ଡେମ। ଜୟପୁର,କୋରାପୁଟ ଏବଂ ବୋରିଗୁମ୍ମା ବ୍ଲକ୍‌ର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ରବି ଚାଷ ପ୍ରଭାବିତ ହୋଇଛି ।ପାଣି ଅଭାବରୁ ୪୨୬୪ ହେକ୍ଟର ଜମିରେ ରବି ଚାଷ ବନ୍ଦ ରହିଛି ।ମୋଟରରେ ପାଣି ଉଠାଇ କାଁଭାଁ ଚାଷୀ ପନିପରିବା ଏବଂ ଧାନ ଚାଷ କରିବାକୁ ଚେଷ୍ଟା କରୁଛନ୍ତି ।ମୋଟର ଖର୍ଚ୍ଚ ଅଧିକା ହେବା କାରଣରୁ ଚାଷୀ କ୍ଷତି ସହିବେ ।ଚାଷୀଙ୍କୁ କ୍ଷତିପୂରଣ ନିମନ୍ତେ ବିଧାନସଭାରେ ପ୍ରଶ୍ନ କରିବେ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ତେଲିଙ୍ଗିରି ପ୍ରକଳ୍ପ ନିର୍ମାଣ ହେବା ପୂର୍ବରୁ କୋରାପୁଟ, ବୋରିଗୁମ୍ମା, ଜୟପୁର ବ୍ଲକ୍‌ର ୧୦ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ତେଲିଙ୍ଗିରି ନଦୀ,ଘୋଡ଼ାଦରା ନାଳ ଏବଂ ପାହାଡ଼ିଆ ଝରଣା ପାଣିରେ ଉଭୟ ଖରିଫ ଏବଂ ରବି ଚାଷ ହେଉଥିଲା ।ବର୍ଷ ତମାମ ଚାଷୀଙ୍କୁ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ତେଲିଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା ।ନିର୍ମାଣ ପାଇଁ ପ୍ରାୟ ୧୭ବର୍ଷ ଲାଗିଗଲା। ୨୦୧୯ ମସିହା ନିର୍ବାଚନ ପୂର୍ବରୁ ଅତ୍ୟନ୍ତ ତରବରିଆ ଭାବେ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଥିଲା ।ପ୍ରକଳ୍ପ ନିର୍ମାଣ ସମୟରେ ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଡ୍ୟାମରୁ ଅନବରତ ଜଳ ନିଷ୍କାସନ ହେଉଥିଲା ।ଏଥିପାଇଁ ଡ୍ୟାମ୍ ପ୍ରତି ବିପଦ ସୃଷ୍ଟି ହେବା ସହ ଭାଙ୍ଗିଯିବା ସମ୍ଭାବନା ରହିଥିଲା ।କିଛି ମାସ ତଳେ ମରାମତି କାମ ଆରମ୍ଭ ହୋଇଛି ।ମରାମତି ସରିବା ଲାଗି ଆହୁରି କିଛି ମାସ ଲାଗିଯିବ। ଯାହାର ପରିଣାମ ସ୍ୱରୂପ ଚଳିତ ରବି ଋତୁରେ ଚାଷୀ କ୍ଷତି ସହିବେ ।ବର୍ତ୍ତମାନ ସମୟରେ ଅଞ୍ଚଳର ଜମି ଫାଟି ଆଁ କଲାଣି ।କେନାଲ ଗୁଡ଼ିକ ଶୁଖିଲା ପଡ଼ିଛି ।ଏହା ସହ ପ୍ରବଳ ଗରମ ମଧ ଅନୁଭୂତ ହେଉଥିବା ତଳଡ଼ାକ୍ରା, ଉପରଡ଼ାକ୍ରା, କେନ୍ଦାର, ବାଗ୍ରା, ରାଣୀଗଡ଼, ବରିପୁଟ, ବାଲିପୂଜାରୀପୁଟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଗୋରୁ ବୋଝେଇ ଦୁଇ ବୋଲେରୋ ପିକ୍‌ଅପ୍ ଜବତ; ବେଲଗୁଣ୍ଠା ଥାନାରେ ମାମଲା ରୁଜୁ

ବେଲଗୁଣ୍ଠା **୧୦/୩ (ନି.ପ୍ର):** ବେଲଗୁଣ୍ଠା ପୋଲିସ୍ ବେଆଇନ୍ ଗୋ ଚାଲାଣ କରୁଥିବା ଦୁଇଟି ଗୋରୁ ବୋଝେଇ ବୋଲେରୋ ପିକ୍‌ଅପ୍ ଗାଡିକୁ ଜବତ କରିବା ସହିତ ବେଲଗୁଣ୍ଠା ଥାନାରେ ଦୁଇଟି ମାମଲା ରୁଜୁ କରିଛି ଓ ସୂଚନା ପ୍ରକାରେ ଶୁକ୍ରବାର ରାତି ବାର ଘଣ୍ଟା ପାଞ୍ଚ ମିନିଟ୍ ସମୟରେ ବେଲଗୁଣ୍ଠା ଥାନା ଏସ୍‌ଆଇ ନାରାୟଣ ନାୟକ ପୋଲିସ୍ ଟିମ୍ କୁ ନେଇ ପାଟ୍ରୋଲିଂ କରୁଥିବା ସମୟରେ ଉଡୁରା ଛକରେ ବେଲଗୁଣ୍ଠା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା OD7AD5004 ଏବଂ OD07AJ5301 ନମ୍ବର୍ ବିଶିଷ୍ଟ ଦୁଇଟି ବୋଲେରୋ ପିକ୍‌ଅପ୍ ଗାଡ଼ିରେ ଗାଇ ଗୋରୁ ବୋଝେଇ ହୋଇଥିବା ଦେଖି ଗାଡ଼ି ଗୁଡ଼ିକୁ ଅଟକାଇବା ପାଇଁ ସଂକେତ ଦେଇଥିଲେ ଓ କିନ୍ତୁ ଗାଡ଼ି ଚାଳକ ମାନେ ଗାଡିକୁ ନଅଟକାଇ ଦ୍ରୁତ ଗତିରେ ସେଠାରୁ ଚାଲିଯାଇଥିଲେ ଏବଂ ପୋଲିସ୍ ଗାଡ଼ି ସେମାନଙ୍କୁ ପିଛା କରିଥିଲା ଓ କିଛି ରାସ୍ତା ଯିବାପରେ ବୋଲେରୋ ଚାଳକ ମାନେ ଗାଡି ଗୁଡ଼ିକୁ ବେଲଗୁଣ୍ଠା ତହସିଲ୍ ଛକ ନିକଟରେ ରଖି ସେଠାରୁ ଫେରାର୍ ହୋଇଯାଇଥିଲେ। ପୋଲିସ୍ OD7AD5004 ନମ୍ବର୍ ବିଶିଷ୍ଟ ଗାଡିରୁ ଦୁଇଟି ଗାଇ ଏବଂ ଗୋଟିଏ ବଳଦକୁ ଉଦ୍ଧାର କରିବା ସହିତ ଓଡ଼୦୭ଇଔ୫୩୦୧ ନମ୍ବର୍ ବିଶିଷ୍ଟ ଗାଡିରୁ ଚାରୋଟି ବଳଦ ଏବଂ ତିନୋଟି ଗାଇକୁ ଉଦ୍ଧାର କରିଥିଲେ। ଉଭୟ ଗାଡ଼ିରେ ଗାଇ ଏବଂ ବଳଦ ଗୁଡ଼ିକୁ ବିନା ଖାଦ୍ୟ ପାନୀୟରେ ଅତି ଦୟନୀୟ ଅବସ୍ଥାରେ ମନ୍ଦ ଉଦ୍ଦେଶ୍ୟ ରଖି ଚାଲାଣ କରାଯାଉଥିବା ନେଇ ଏସ୍‌ଆଇ ନାରାୟଣ ନାୟକ ବେଲଗୁଣ୍ଠା ଥାନାରେ ରିପୋର୍ଟ କରିଥିଲେ ଓ ଏସ୍‌ଆଇ ଶ୍ରୀ ନାୟକଙ୍କ ରିପୋର୍ଟକୁ ଭିତ୍ତିକରି ୧୪୦/୨୫ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ପୋଲସରା ଏନଏସିରେ ବିଶ୍ୱ ମହିଳା ଦିବସ ପାଳନ




ପୋଲସରା **୧୦/୩ (ନି.ପ୍ର):** ମାର୍ଚ୍ଚ ୮ ତାରିଖ ଦିନ ଗଞ୍ଜାମ ଜିଲ୍ଲାର ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ ହୋଇଯାଇଛି। ପୋଲସରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ସଂଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, କାଉନସିଲର ବୃନ୍ଦ, ବିଭିନ୍ନ ବର୍ଗର ସ୍ଥାୟୀ ଓ ଅସ୍ଥାୟୀ ମହିଳା କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ। ଅତିଥି ବୃନ୍ଦ ନିଜ ବକ୍ତବ୍ୟରେ ସରକାର ମହିଳାମାନଙ୍କ ଉନ୍ନତି ପାଇଁ ନେଇଥିବା ବିଭିନ୍ନ ଯୋଜନା ବିଷୟରେ ପ୍ରକାଶ କରିବା ସହ ସୁସ୍ଥ ସମାଜ ଗଠନରେ ମହିଳା ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏନଏସି ରେ ଉତ୍ତମ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବଡଖାନାର ବ୍ୟବସ୍ଥା କରାଯାଇଥିଲା।

## ମହିଳା ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର




ବୁଗୁଡା **୧୦/୩ (ନି.ପ୍ର):** ମାର୍ଚ୍ଚ ୮ ତାରିଖ ବିଶ୍ୱ ମହିଳା ଦିବସ ଉପଲକ୍ଷେ ବୁଗୁଡା ବ୍ଲକ ଅନ୍ତର୍ଗତ କରୁଣା ଟ୍ରଷ୍ଟ ପରିଚାଳିତ ମାଣିତରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର) ପରିସରରେ ସ୍ୱାସ୍ଥ୍ୟ ସେବା ଓ ପରିକ୍ଷା ଏବଂ ମାଣିତରା ସ୍ୱାସ୍ଥ୍ୟ କେନ୍ଦ୍ର ଓ ସମରଝୋଳ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏବଂ ସାଇଟ ସେଇଭର ଇଣ୍ଡିଆ ସହଯୋଗରେ କେବଳ ମହିଳାମାନଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ମାଣିତରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଡାକ୍ତର ଦୟାନିଧି ରାଉତ ଓ ଆୟୁଷ ଡାକ୍ତର ଦୁର୍ଗା ପ୍ରସାଦ ବିଶ୍ୱାଳ, ଟେକିନିସିଆନ କାଳୀ ପ୍ରସାଦ ସାହୁ, ପାର୍ମାଶିଷ୍ଟ ସରୋଜ କୁମାର ପଟ୍ଟନାୟକ, ସ୍ୱାସ୍ଥ୍ୟ କେନ୍ଦ୍ର ସଂଯୋଜକ ଚିତ୍ତରଞ୍ଜନ ପ୍ରଧାନ, ମହିଳା ସ୍ୱାସ୍ଥ୍ୟ କର୍ମୀ କୃଷ୍ଣପ୍ରିୟା ପଣ୍ଡା, ଷ୍ଟାପ ନର୍ସ ଗଙ୍ଗା ସାହାଣୀ ପ୍ରଭୃତି ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିବାବେଳେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଶିବିର ପରିଚାଳକ ଚିତ୍ରସେନ ଗୌଡ଼ଙ୍କ ତତ୍ତ୍ୱାବଧାନରେ ତନବୀର, ଲକ୍ଷ୍ମୀପ୍ରିୟା, ଭାଗ୍ୟଶ୍ରୀ, ଓ ଜଗନ୍ନାଥ ପ୍ରମୁଖ ବିଶ୍ୱ ମହିଳା ଦିବସ ଉପଲକ୍ଷେ କେବଳ ମହିଳାମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ମୋଟ ୪୫ ଜଣ ମହିଳାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ମହିଳା ମାଗଣା ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଥିବା ବେଳେ ୪ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା।

# ପାଟଣା ବ୍ଲକ ପ୍ରଶାସନ ପକ୍ଷ ରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପାଟଣା **୧୦/୩ (ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ ଯୋଗ ଦେଇ ମହିଳା ଙ୍କ ସଶକ୍ତି କରଣ ଉପରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ କବୟିତ୍ରୀ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥଶର୍ମା କାଳି ଘର ଚୁଲି ମୁଣ୍ଡ ର ମହିଳା ଆଜି ର ସଶକ୍ତ ମହିଳା ଭାବେ ଗଢି ଉଠିଥିବା ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡକ୍ଟର ଶୁଭେନ୍ଦୁ ସାଗର କୁମାର ନାଏକ, ଡକ୍ଟର ଯାଜ୍ଞସିନୀ ମହାନ୍ତ,ବିଜେପି ରାଜ୍ୟ ପରିଷଦ ସଦସ୍ୟା ସୋମବାରୀ ମୁଣ୍ଡା, ହମାରା ବଚପନ ଟ୍ରଷ୍ଟ ବ୍ଲକ ସଂଯୋଜକ ବେବିରାଣୀ ମହାପାତ୍ର,ବ୍ଲକ କୋଷାଧକ୍ଷା ପାର୍ବତୀ ହେମ୍ବ୍ରମ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ। ଏହି ଆନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ଦକ୍ଷ ପଦାଧିକାରୀ ମହିଳା ମାନଙ୍କ ମଧ ରୁ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥଶର୍ମା, ଚେମେଣା ପଞ୍ଚାୟତ ଅଧିକାରୀ ଶୋଭାଳିନୀ ସେଠୀ, ମୂଷାଖୋରୀ ପଞ୍ଚାୟତ ସ୍ୱଚ୍ଛତା କର୍ମୀ ମଞ୍ଜୁଲତା ନାଏକ,




ବୁଢ଼ୀକାପୁଡ଼ି ପଞ୍ଚାୟତ ଆଶାକର୍ମୀ ଉର୍ବଶୀ ମହାନ୍ତ, ଖିରେଇଟାଙ୍ଗିରୀ ପଞ୍ଚାୟତ ଅଙ୍ଗନୱାଡ଼ି କର୍ମୀ କୌଶଲ୍ୟା ନାଏକ, ଚାକୁଣ୍ଡାପାଳ ଜଳମାନ ପରୀକ୍ଷକ ମାଳତୀ ନାଏକ, ପାଟଣା ବ୍ଲକ କୋଷାଧକ୍ଷା ଶାନ୍ତିଲତା ମହାନ୍ତ,ଚାକୁଣ୍ଡାପାଳ ସ୍ୱାସ୍ଥ୍ୟ କର୍ମୀ କୁନିଲତା ସାହୁ,ଟାଙ୍ଗରପଡା ପଞ୍ଚାୟତ ଏଡିଓ ଯଶୋଦା ନାୟକ, ପାଟଣା ମହାବିଦ୍ୟାଳୟ ଅଧାପିକା ସୁଷ୍ମାତା ଶୋଭାଳିନ ମହାପାତ୍ର ଙ୍କୁ କାର୍ଯ୍ୟକ୍ରମ ରେ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପାର୍ଥ ସାରଥୀ ବେଜ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକ ରେ କାର୍ଯ୍ୟରତ ସେଚ୍ଛା ସେବୀ ସଂଗଠନ ଏଫ୍.ଇ.ଏସ, ହମାରା ବଚପନ ଟ୍ରଷ୍ଟ,ଓସ୍କା,ସମସ୍ତ ପଞ୍ଚାୟତ ପଦାଧିକାରୀ,ବ୍ଲକ ସଂଯୋଜକ, ଏମବିକେ,କୃଷିମିତ୍ର,ପ୍ରାଣୀମିତ୍ର,ଇସି ସଦସ୍ୟ ମାନେ କାର୍ଯ୍ୟକ୍ରମ ରେ ଯୋଡ଼ି ହୋଇଥିଲେ।

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ

ପାଟଣା **୧୦/୩ (ନି.ପ୍ର):** ବିଜୁ ମହିଳା ଜନତା ଦଳ ପକ୍ଷରୁ ପାଟଣା ନିର୍ବାଚନ ମଣ୍ଡଳୀ ର ଆନ୍ତର୍ଜାତୀୟ ମହିଳା ଦିବସ ସାହାରପଡ଼ା ବ୍ଲକ ଅନ୍ତର୍ଗତ ଉଦୟପୁର ସ୍ଥିତ ବିରଜା ମନ୍ଦିର ପରିସରରେ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଚିନାମାଳିପଶି ପଞ୍ଚାୟତ ର ପୂର୍ବତନ ସରପଞ୍ଚ କନକ ଲତା ନାଏକ ଅଧ୍ୟକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ ଓ ସୌଭାଗ୍ୟ ମଞ୍ଜରୀ ନାଏକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ପାଟଣା ବ୍ଲକ ର ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ନାଏକ, ରାଇଡିହା ର ପୂର୍ବତନ ସରପଞ୍ଚ ପାର୍ବତୀ ହୋ, ନାଏବ ସରପଞ୍ଚ ନମିତା ମହାନ୍ତ ଓ ମଞ୍ଜୁ ଓରାମ ପ୍ରମୁଖ ମହିଳା ନେତ୍ରୀ ମାନେ ଉପସ୍ଥିତ ହୋଇ ନବୀନ ସରକାର ମହିଳା ମାନଙ୍କ ପାଇଁ କରିଯାଇଥିବା ଯୋଜନା ଗୁଡିକୁ ମନେ ପକାଇବା ସହିତ ଏକଜୁଟ ହୋଇ କାମ କରିବାକୁ ଶପଥ ନେଇଥିଲେ । ନିମନ୍ତ୍ରିତ ଅତିଥି ଭାବେ ପାଟଣା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଓ ଜିଲ୍ଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ ଉକ୍ତ ସମିଳନୀ ରେ ଯୋଗ ଦେଇ ମହିଳା ମାନଙ୍କୁ ଉତ୍ସାହିତ କରିବା ସହିତ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ବହୁ ସଂଖ୍ୟା ରେ ମହିଳା ମାନେ କାର୍ଯ୍ୟକ୍ରମ ରେ ଯୋଗ ଦାନ କରି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରି ଥିଲେ ।

## ପିକକ୍ ପକ୍ଷରୁ କେନ୍ଦୁଝରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ପାଟଣା **୧୦/୩ (ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ଓ ଘଟଗାଁ ବ୍ଲକ ର ବିଭିନ୍ନ ଗ୍ରାମରେ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର ପିକକ୍ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ମାନବ ସମାଜରେ ନାରୀର କାୟା ମେରୁ ଶୃଙ୍ଗ ପରି ଏଣୁ କୁହାଯାଏ ନାରୀ ମାନେ ହସିଲେ ମା ଧରିତ୍ରୀ ହସେ ବୋଲି । ଏହି କାରଣ ସ୍ୱରୂପ ମହିଳାମାନଙ୍କ ପ୍ରତି ସମ୍ମାନ, ପ୍ରଶଂସା , ରାଜନୈତିକ ଓ ସାମାଜିକ ଉପଲବ୍ଧି କୁ ଲୋକ ଲୋଚନକୁ ଆଣିବା ପାଇଁ ମହିଳା ଦିବସ ପାଳନ କରାଯାଉଛି । ଏହି ଅବସରରେ ମହିଳା ମାନଙ୍କ ମନୋବଳକୁ ଦୃଢ଼ କରିବା ନିମନ୍ତେ ଘଟଗାଁ ବ୍ଲକ ବଡ଼ଜାମୁପଶି ପଞ୍ଚାୟତ ଓ ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତର ବିଭିନ୍ନ ଗ୍ରାମର ମହିଳା ମାନଙ୍କ ମଧ୍ୟରେ କବାଡି ଖେଳ, ଫୁଟବଲ ଖେଳ, ଚିତ୍ରାଙ୍କନ ପ୍ରତିଯୋଗିତା, ସାଧାରଣ ସଭା, ସଂଗୀତ ଗାୟନ ପ୍ରତିଯୋଗିତା ଇତ୍ୟାଦିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୫୦ ରୁ ଉର୍ଦ୍ଧ୍ୱ ମହିଳା ଭାଗନେଇଥିଲେ । ପିକକ୍ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଓ ପିକକ୍ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତିଙ୍କ ପ୍ରୋତ୍ସାହନ ଓ ପ୍ରେରଣା ରେ ତଥା ପିକକ୍ ର ଜିଲ୍ଲା ସଂଯୋଜକ ସତ୍ୟ ନାରାୟଣ ମହାନ୍ତଙ୍କ ନେତୃତ୍ୱ ରେ ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା । ପିକକ୍ ର ଦ୍ରୌପଦୀ, ଝସକେତନ, ସୁନେଲି, ମେଘମାଳା, ସୁଚିତ୍ରା, ଲକ୍ଷ୍ମୀକାନ୍ତ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନର ସିଧାପ୍ରସାରଣ କାର୍ଯ୍ୟକ୍ରମ



ବରଗଡ଼ **୧୦/୩ (ନି.ପ୍ର):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଗଂଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି ।ଏହି ଅବସରେରେ ବରଗଡ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ନିଶାମଣି ପଡିଆ ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଭିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ କହିଥିଲେ, ସୁଭଦ୍ରା ଯୋଜନା ଆଜି ଏକ ବିପ୍ଳବରେ ପରିଣତ ହୋଇଛି ।କାରଣ ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। କିଶୋରୀ ମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇ ପାରିବାର ବ୍ୟବସ୍ଥା କରାଯାଉଛି ।ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିପାରିଛି ।ସୁଭଦ୍ରା ଆଜି ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ପାଖରେ ପହଞ୍ଚିଛି ।କଥା ଦେଇ ଆମ ସରକାର କଥା ରଖିଛନ୍ତି ।୮ ମାସ ମଧ୍ୟରେ ଏହି ଯେଉଁ ପ୍ରତିଶ୍ରୁତି ଆମେ ଦେଇଥିଲୁ ଯେ ମହିଳାଙ୍କୁ ସଶକ୍ତ କରିବୁ ଏବଂ ତାହା ଏହି ଭଳି ଭାବେ ଆଗକୁ ମଧ୍ୟ ଆମେ ପୂର୍ଣ୍ଣ କରିବୁ ।ପୁନର୍ବାର ମାନ୍ୟବର ମନ୍ତ୍ରୀ ମନ୍ତବ୍ୟରେ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇଶିଙ୍ଗାର ଜଣେ ସୁଭଦ୍ରା ହିତାଧିକାରୀଙ୍କ ସଫଳ କାହାଣୀ କହି ଉପସ୍ଥିତ ମହିଳାଙ୍କୁ ଉତ୍ସାହିତ କରିଥିଲେ ।ସମ୍ମାନିତ ଅତିଥି ଭାବେ ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ,ଅତାବିରା ବିଧାୟକ ନିହାର ମହାନନ୍ଦ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଗତ ୯ ମାସ ମଧ୍ୟରେ ଓଡିଶା ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ବରଗଡ ଜିଲ୍ଲାରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ କହିବା ସହ ସମସ୍ତେ ସୁଭଦ୍ରା ଯୋଜନାରେ ପାଇଥିବା ଟଙ୍କାକୁ ସଦୁପଯୋଗ କରି ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ଭାଗୀଦାରୀ ହେବା ପାଇଁ ଉତ୍ସାହିତ କରିଥିଲେ ।ସୂଚନା ଯୋଗ୍ୟକି,ଆଜି ବରଗଡ଼ ଜିଲ୍ଲାରୁ ସର୍ବ ମୋଟ ୩,୯୬,୩୧୭ ଜଣ ଆବେଦନ କାରୀଙ୍କ ମଧ୍ୟରୁ ୩,୫୮,୦୪୨ ଜଣ ହିତାଧିକାରୀ ଦ୍ୱିତୀୟ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି ।ସମସ୍ତେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଦେଖିବା ସହ ଜିଲ୍ଲା ମହିଳା ଏବଂ ଶିଶୁବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀଙ୍କୁ ସମ୍ମାନିତ କରିଯାଇଥିଲା ।ସେମାନଙ୍କ ମଧ୍ୟରେ ବେଷ୍ଟ ସିଡିପିଓ ଭାବେ ପାଇକ ମାଲରୁ ବାସନ୍ତୀ ପୁର୍ଟି,ବେଷ୍ଟ ସୁପର ଭାଇଜର ଭାବେ ପାଇକମାଲର ଗାୟତ୍ରୀ ଷଡଙ୍ଗୀ, ଅତାବିରାର ଅନୁପମା ହେସ, ବେଷ୍ଟ ଅଙ୍ଗନବାଡି କର୍ମୀ ଭାବେ ବରଗଡ ସଦର ମହକୁମାର ଯୋଶ୍ନରଣୀ ପ୍ରଧାନ, ଗଇସିଲେଟ ର ରିନାରାନୀ ପ୍ରଧାନ, ବରପାଲିର ଦୀପାଞ୍ଜଳି ପ୍ରଧାନ, ଅମ୍ବାଭୋନାର କଲ୍ୟାଣୀ ସାହୁ ଏବଂ ବେଷ୍ଟ ହେଲପର ଭାବେ ଝାରବନ୍ଧର ଚନ୍ଦ୍ରତୋଳା ନାୟକ,ଭେଡେନର କମଳିନୀ ବେହେରା ଏବଂ ସୁବୋର୍ଣ୍ଣ ଶେଠଙ୍କ ସମେତ ଶିଶୁ ବିବାହ ରୋକିବା ନିମନ୍ତେ ଲୋକଙ୍କୁ ସଚେତନ କରୁଥିବା ଝାରବନ୍ଧ ବ୍ଲକର ଜଣେ ସାମାଜ ସେବି ରାଖୀ ମେହେରଙ୍କୁ ସମ୍ମାନିତ କରଯାଇ ଥିଲା ।ଏତଦବ୍ୟତୀତ,ସୁଭଦ୍ରା ପ୍ରଥମ କିସ୍ତିର ବିନିଯୋଗ କରି ସଫଳ ହୋଇ ଥିବା ସୀମା ନାଗ,ସୁରେଶ୍ୱରୀ ନାଗ, ସୁମତି ଜାଲ ଏବଂ ଅଲଦିନୀ ବାଗଙ୍କୁ ସୁଭଦ୍ରା ସିମ୍ବଲିକ ଚେକ ମଞ୍ଚରେ ପ୍ରଦାନ କରି ମୁଖ୍ୟ ଅତିଥି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।ଏବଂ ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାର ଛାତ୍ର ଛାତ୍ରୀ ଏବଂ ଅଙ୍ଗନବାଡି କର୍ମୀ ଓ ହେଲପର ମାନଙ୍କ ମଧ୍ୟରେ ଆୟୋଜିତ ହୋଇ ଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ କର୍ମୀଙ୍କ ସମେତ କାର୍ଯ୍ୟ କ୍ରମରେ ନୃତ୍ୟ ପରିବେଷଣ କରିଥିବା ସମସ୍ତ କଳକରଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା ।କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ,ଡିଏସଡବ୍ଲୁଓ ସନ୍ଧ୍ୟାରଣୀ ନେପାକ ମଞ୍ଚାସୀନ ଥିଲେ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମଞ୍ଚ ପରିଚାଳନା କରିଥିଲେ ।

## ଅବସର ପ୍ରାପ୍ତ ଆଦର୍ଶ ଶିକ୍ଷକ ଙ୍କ ପରଲୋକ

ଆଠମଲ୍ଲିକ **୧୦/୩ (ନି.ପ୍ର):** ଆଠମଲ୍ଲିକ ଶହର ଏନ ଏ ସି-ଓ୍ୱାଡ଼ ନଂ ୯ ରାମେଶ୍ୱର ପାଟଣା ର ବାସିନ୍ଦା ଅବସର ପ୍ରାପ୍ତ ଖେଳ ଶିକ୍ଷକ ଶ୍ରୀଯୁକ୍ତ ମାନଭଞ୍ଜନ ମିଶ୍ର ଙ୍କର ଗତ ଶୁକ୍ର ବାର ରାତ୍ର ଘ ୧୦. ୪୫ମି ସମୟ ରେ ପରଲୋକ ଘଟିଯାଇଛି । ସେ ଜଣେ ଛାତ୍ର ବତ୍ସଳ, ସ୍ନେହି, ପରଉପକାରୀ, ଆଧ୍ୟାତ୍ମିକ ବାଦୀ ଚିନ୍ତନ ର ବ୍ୟକ୍ତିତ୍ୱ ଥିଲେ ।ସେ ତା ଙ୍କର ପ୍ରଥମ ଚାକିରୀ ଜୀବନ ଯାଜପୁର ସହର ବରି ଅଞ୍ଚଳ ର ରାମବାଗ ଉଚ୍ଚ ବିଦ୍ୟାଳୟ ରେ ଆରମ୍ଭ କରି, ସ୍ଥାନୀୟ ଆଠମଲ୍ଲିକ ର ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ରୁ ଅବସରର ଗ୍ରହଣ କରିଥିଲେ ।ତାଙ୍କ ମୃତୁ ର ଖବର ପାଇ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି, ରାଜନେତା, ପୁରାତନ ଛାତ୍ର ସେଶ ଦର୍ଶନ ପାଇଁ ତାଙ୍କ ବାସଭବନ ରେ ରୁଣ୍ଡ ହୋଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ସମୟ ହୋଇ ଥିଲା। ମୃତ୍ୟୁ ଶଯ୍ୟା ପାଖରେ ତାଙ୍କ ର ସହଧର୍ମିଣୀ, ବଡ଼ ପୁଅ ରୁଦ୍ର ପ୍ରସାଦ ମିଶ୍ର,ରାଜେନ୍ଦ୍ର ପ୍ରସାଦ ମିଶ୍ର, ଲକ୍ଷ୍ମୀ ପ୍ରସାଦ ମିଶ୍ର, କନ୍ୟା ରତ୍ନ ପ୍ରଭା ମିଶ୍ର, ବୋହୁ ଜ୍ୟୋସ୍ନା ରାଣୀ ମିଶ୍ର, ପ୍ରଭାସିନୀ ମିଶ୍ର, ରଶ୍ମିତା ମିଶ୍ର, ନାତି ଆଦର୍ଶ ପ୍ରତୀକ ମିଶ୍ର, ବିଶ୍ୱ ପ୍ରତୀକ ମିଶ୍ର, ଆୟୁଷପ୍ରତୀକ ମିଶ୍ର, ନାତୁଣୀ ରଶ୍ମିପ୍ରଜ୍ଞା ମିଶ୍ର, ଗାୟତ୍ରୀ ପ୍ରଜ୍ଞା ମିଶ୍ର, ସ୍ଥିତି ପ୍ରଜ୍ଞା ମିଶ୍ର ଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ର ଖବର ସମଗ୍ର ଅଂଚଳରେ ଶୋକ ର ଛାୟା ଖେଳାଇ ଦେଇଛି।

# ବାଲୁଗାଁରେ ଗୋଷ୍ଠୀ ସଂଘର୍ଷ,୬ ଗିରଫ



ବାଲୁଗାଁ **୧୦/୩ (ନି.ପ୍ର):** ଶୁକ୍ରବାର ବିଳମ୍ବିତ ରାତିରେ ବାଲୁଗାଁ ଏନଏସି ଅନ୍ତର୍ଗତ ଗୁଣ୍ଡୁରପୁର ଓ ମୁସଲିମ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଉଗ୍ରରୂପ ଧାରଣ କରିଥିବା ବେଳେ ୭ ଜଣ ଆହତ ହେବାସହ ଦୁଇଟି ବାଇକ ଜାଳି ଦେଇଥିବା ଜଣାପଡିଛି ।ଖବର ମୁତାବକ ବାଲୁଗାଁ ମୁସଲିମ ସାହିର ଜଣେ ବ୍ୟକ୍ତି ନିଜ ଘର ନିର୍ମାଣ ପାଇଁ ଗୁଣ୍ଡୁରୁପୁର ରାସ୍ତା ଦେଇ ଟ୍ରାକ୍ଟର ଦ୍ୱାରା ମାଟି ପକାଉଥିଲେ ।ରାତିରେ ବାରମ୍ବାର ମାଟି ପକାଉ ଥିବାରୁ ଟ୍ରାକ୍ଟର ଶବ୍ଦରେ ଗୁଣ୍ଡୁରୁପୁର ସାହି ଲୋକଙ୍କ ନାନାଦି ଅସୁବିଧାର ସମ୍ମୁଖୀନ ହେବାରୁ ଏହାକୁ ପ୍ରତିବାଦ କରିଥିଲେ ।ଯାହାକୁ ନେଇ ମୁସଲିମ ସାହି ଓ ଗୁଣ୍ଡୁରୁପୁର ସାହିର କିଛି ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା ।କ୍ରମେ ଏହି ବଚସା ହାତାହାତିରୁ ସଙ୍ଘର୍ଷରେ ପରିଣତ ହୋଇଥିଲା ।ଉଭୟ ପକ୍ଷରୁ ଢେଲା,ପଥର ଫୋପଡା ଫିଙ୍ଗା ହୋଇଥିଲା ।ଧୀରେ ଧୀରେ ଏହା ଉଗ୍ରରୂପ ନେଇଥିଲା ।ସଂଘର୍ଷରେ ଉଭୟ ପକ୍ଷର ୭ ଜଣ ଆହତ ହୋଇଥିବା ବେଳେ ୨ଟି ବାଇକ ଜାଳି ଦେଇଥିଲେ ।ବିଳମ୍ବିତ ରାତିରେ ଘଟଣା ସ୍ଥଳରେ ପିସିଆର ଓ ପୋଲିସ ସହାୟତା ୧୧୨ ଗାଡି ପହଞ୍ଚି ଗୋଷ୍ଠୀ ସଙ୍ଘର୍ଷକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଥିଲେ ।ମାତ୍ର ଘଟଣା କ୍ରମଶଃ ଉଗ୍ରରୂପ ନେବାରେ ଖବରପାଇ ଘଟଣା ସ୍ଥଳରେ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା,ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି,ଏସପି ସାଗରିକା ନାଥ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିବା ବେଳେ ଆହତମାନଙ୍କୁ ଉଦ୍ଧାର କରି ବାଲୁଗାଁ ଓ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ଆହତ ମାନେ ସୁରକ୍ଷିତ ଥିବାବେଳେ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା ।ଏସପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସାହି ବସିନ୍ଦାଙ୍କୁ ଅନୁରୋଧ କରାଯାଇଥିଲା ।ଶନିବାର ସକାଳେ ଘଟଣାକୁ ଦୃଷ୍ଟିରେ ରଖି ପାଞ୍ଚ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।ବିଶୃଙ୍ଖଳା ରୋକିବା ପାଇଁ ବଜାର ସମେତ ସାହି ମଧ୍ୟରେ ପୋଲିସ ପଇଁତରା ମାରୁଥିବା ବେଳେ ପରିସ୍ଥିତି ନିୟନ୍ତ୍ରଣ ନହେବା ପର୍ଯ୍ୟନ୍ତ ସାହି ଛକ ନିକଟରେ ଏକ ଅସ୍ଥାୟୀ ପୋଲିସ କ୍ୟାମ୍ପ କରାଯାଇଛି ।ଆଜି ମଧ୍ୟାହ୍ନରେ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର,ଏସପି ସାଗରିକା ନାଥ,ଆଡିସନାଲ ଏସପି ଅମ୍ରିତ ପାଲ ସିଂ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ।କେଶ ନଂ ୬୮/ ୨୦୨୫ ଓ ୬୯/୨୦୨୫ ରେ ପୃଥକ ଭାବେ ମାମଲା ରୁଜୁ କରି ପ୍ରତି ପକ୍ଷରୁ ତିନି ଜଣ ଗୋଷ୍ଠୀ ସଂଘର୍ଷକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସପି ସାଗରିକା ନାଥ କହିଛନ୍ତି ।

# ବରଗଡ଼ ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ



ବରଗଡ଼ **୧୦/୩ (ନି.ପ୍ର):** ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ,ନୂଆଁ ଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ,କଟକ ଙ୍କ ନିର୍ଦ୍ଦେଶ କ୍ରମେ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ୮ତାରିଖ ରେ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି ।ଜିଲ୍ଲା ଓ ଦୌରାଜଜଙ୍କ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଲୁନା ମହାନ୍ତି ଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ(ସାଲିସ ଯୋଗ୍ୟ),ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ,ବ୍ୟାଙ୍କ୍ ଋଣ,ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା,ଜମି ଅଧି ଗ୍ରହଣ,ଶ୍ରମ ବିବାଦ,ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ କରା ଯାଇଥିଲା ।ଉକ୍ତ ଲୋକ ଅଦାଲତ ରେ ୩୨୯୦ ଗୋଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୬୦୪୩ ଗୋଟି ବିଚାରା ଧୀନ ମୋକଦ୍ଦମା ମାମଲା ର ବିଚାର ପାଇଁ ବିଭିନ୍ନ ଅଦାଲତ,ବିଭିନ୍ନ ବ୍ୟାଙ୍କ୍, ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରମୁଖ ଙ୍କ ତରଫରୁ ବିଚାରକୁ ନିଆଯାଇଥିଲା ।ଉକ୍ତ ମକଦ୍ଦମା ମାନଙ୍କ ମଧ୍ୟରୁ ୧୩୬ ଗୋଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୪୦୦୪ ଗୋଟି ବିଚାରଧୀନ ମୋକଦ୍ଦମା ମାମଲା ର ବିଚାର ହୋଇ ପ୍ରାକ୍ ମାମଲା ବାବଦକୁ ୪୩,୩୬,୯୬୦ ଟଙ୍କା ଏବଂ ବିଚାରଧୀନ ମାମଲା ବାବଦକୁ ୧,୨୨,୯୨,୬୫୦ଟଙ୍କା ଆଦାୟ ହୋଇଥିଲା ।ଉକ୍ତ ଲୋକ ଅଦାଲତ ରେ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଲୁନା ମହାନ୍ତି ଏବଂ ସଚିବ କମଳାକାନ୍ତ ରାଉତ ଙ୍କ ପରିଚାଳନା କ୍ରମେ ପାରିବାରିକ ଅଦାଲତ ର ବିଚାରପତି ସଂଘମିତ୍ରା ଶର୍ମା,ଅତିରିକ୍ତ ଜିଲ୍ଲା ବିଚାରପତି ପ୍ରିୟ ରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା,ରେଜିଷ୍ଟ୍ରାର(ସିଭିଲ କୋର୍ଟ)ଦିଗ ବିଜୟ ଦାସ,ବରିଷ୍ଠ ଦେୱାନି ବିଚାରପତି ସୁଚରିତା ମହାନ୍ତି,ବିରଷ୍ଠ ଦେୱାନି ବିଚାରପତି(ମହିଳା ଅଦାଲତ) ପ୍ରଜ୍ଞା ପୁଜାପ୍ରଦା,ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦ୍ୱୋନୀ ବିଚାରପତି ସୋନାଲି ମହାନ୍ତି,ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(LR & LTV) ଚନ୍ଦନ ଦେହୁରୀ ବିଭିନ୍ନ ଅଦାଲତ ଗୁଡ଼ିକୁ ପରିଚାଳନା କରିଥିଲେ ।ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ,ଜିଲ୍ଲା ଓକିଲ ସଂଘ ବିରିଷ୍ଟ ଆଇନଜୀବୀ ଓ ଯୁବ ଆଇନଜୀବୀ,ପୋଲିସ ଅଧିକାରୀ ମାନେ,ଆଇନ ସେବା ପ୍ରାଧିକରଣ ଓ ସିଭିଲ କୋର୍ଟ ର କର୍ମଚାରି ମାନେ ଉପରୋକ୍ତ ଲୋକ ଅଦାଲତ ପରିଚାଳନା ରେ ପ୍ରମୁଖ ସହଯୋଗ କରିଥିଲେ।

## ବାଣପୁରରେ ୟୁଥ୍ ଓ ଇକୋକ୍ଲବ୍ ଉତ୍ସବ ପାଳିତ

ବାଣପୁର **୧୦/୩ (ନି.ପ୍ର):** ବାଣପୁର ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଲିଡିହି ୟୁଥ୍ ଓ ଇକୋକ୍ଲବ୍ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବର୍ଷର ବିଭିନ୍ନ ସମୟରେ ସଂପୃକ୍ତ ଦିବସ ଗୁଡିକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପାଳିତ ହେବାପରେ ଚଳିତ ଆର୍ଥିକ ବର୍ଷରେ ଏହାଥିଲା ସମୀକ୍ଷାର ଦିବସ। ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା ସମିତି ର ସଭାପତି ଶ୍ରୀଯୁକ୍ତ ପ୍ରହଲ୍ଲାଦ ଲେଙ୍କା ମୁଖ୍ୟ ଅତିଥି ତଥା ପରିଚାଳନା ସମିତି ର ସଭ୍ୟା ଶ୍ରୀମତୀ ଅଞ୍ଜଳି ଖୁଣ୍ଟିଆ,ଶ୍ରୀମତୀ ମନୋରମା ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପରିବେଶ ସୁରକ୍ଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ଆଲୋକପାତ କରି ପୁନଶ୍ଚ ପୃଥିବୀର ଆହ୍ୱାନ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଷଡଙ୍ଗୀ, ରବିନାରାୟଣ ସାହୁ, ପ୍ରଦୀପ କୁମାର ସାହୁ,ମାନସ ପଲାଇ ପରିବେଶ ସୁରକ୍ଷାରେ ୟୁଥ୍ ମାନଙ୍କ ର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ସାହୁ ଙ୍କ ଦ୍ୱାରା ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

## ଭୂମିଜ ସମ୍ପ୍ରଦାୟର ଫୁଲଭାଙ୍ଗୁଣୀ କାର୍ଯ୍ୟକ୍ରମ



ମୟୂରଭଞ୍ଜ **୦୧୦/୩ (ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡସ୍ତରୀୟ ଭୂମିଜ ସମ୍ପ୍ରଦାୟର ଫୁଲଭାଙ୍ଗୁଣୀ ବା ହାଦି ପର୍ବ ପାଳିତ ହୋଇଯାଇଛି ।ଏହି ଅବସରରେ ଜାମଦା ବ୍ଲକ ଜଟାପାଣି ଗାଁ ର ଭୂମିଜ ଜନଜାତି ର ମୁଖ୍ୟ ବ୍ୟକ୍ତିମାନେ ବୁଢ଼େଇରଣା ଜଙ୍ଗଲ ଯାଇ ଶାଳ,ପଳସା,ମହୁଲ ଫୁଲ ଆଣି ଗ୍ରାମର ପୂଜାପୀଠ ବା ଗାଲସିର୍ ଠାରେ ଙ୍କବଭବଭ ଦେବଜେବୀଙ୍କ ନିକଟରେ ଫୁଲ ସହ ପ୍ରସାଦ ଅର୍ପଣ କରନ୍ତି ।ଫୁଲ ଅର୍ପଣ ପରେ ବଣରୁ ଅଣାଯାଇଥିବା ଫୁଲଗୁଡ଼ିକକୁ ଗାଁ ର ଦେହୁରୀ ଫାଗୁ ସିଂ,ସହଯୋଗୀ ଦେହୁରୀ ଲେଲେ ସିଂ,ବସ୍ତା ସିଂ,କାଶୀନାଥ ହେମ୍ବ୍ରମ,ନରେଶ ସିଂ ନିକଟରୁ ଗ୍ରାମର ପ୍ରତି ପରିବାର ମୁଖ୍ୟ ବ୍ୟକ୍ତିମାନେ ଫୁଲ ଓ ପ୍ରସାଦ ଗ୍ରହଣ କରିଥିଲେ ।ବିଶ୍ୱାସ ଅନୁଯାୟୀ ବଣରୁ ଆଣିଥିବା ଫୁଲ ଗାଲସିର୍ ଦେବଦେବୀଙ୍କୁ ଅର୍ପଣ ପରେ ମହୁଲ,ପଳସା,ଶାଳଫୁଲ ପ୍ରତି ପରିବାରରେ ବାଣ୍ଟି ଦିଆଗଲାପରେ ଗାଁ ର ସମସ୍ତ ବ୍ୟକ୍ତି ବିଶେଷ ଭଲରେ ରହନ୍ତି,ଗାଁ ରେ ବୁଝାମଣା ଉତ୍ତମ ରହେ,ରୋଗବ୍ୟାଧି ଦୂର ହୁଏ ବୋଲି ଦେହୁରୀ କାଶୀନାଥ କହିଛନ୍ତି ।ସାନ୍ଧ୍ୟ କାର୍ଯ୍ୟକ୍ରମରେ ହାଦି ସୁସୁନ ନାଚ ଗାଁ ଆଖଡ଼ାରେ ଉଭୟ ପୁରୁଷ ଓ ମହିଳା ନାଚ ପ୍ରଦର୍ଶନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସମଲ ସିଂ ,ବାଘାଏ ସିଂ ,ଦଶରଥ ସିଂ ପ୍ରମୁଖ ଆନନ୍ଦ ଓ ମହାଆଡ଼ମ୍ବରରେ ପରିଚାଳନା କରିଥିଲେ ।ଗାଁ ରେ ବନ୍ଧୁବାନ୍ଧବଙ୍କ ଉପସ୍ଥିତି ଓ ସହଯୋଗରେ ପ୍ରତିବର୍ଷ ହାଦି ପର୍ବ ଅନୁଷ୍ଠିତ ହୋଇଥାଏ ବୋଲି ବରିଷ୍ଠ ଦେହୁରି କହିଛନ୍ତି ।

## ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଆୟୋଜିତ

ବାଲିଗୁଡା **୧୦/୩ (ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ପଣସପଡି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନମିତା ପ୍ରହରାଜ ସଭାପତିତ୍ୱ କରିଥିବା ବେଳେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏନଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଯୋଗଦେଇ ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ନୂଆସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରେଣୁକାବତୀ ସାହାଣୀ, ସିଆରସିସି ସୌଦାମିନୀ ସାହୁ ପ୍ରମୁଖ ଯୋଗ ଦେଇ ସରକାରଙ୍କ ତରଫରୁ ପ୍ରଥମ ଥର ପାଇଁ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯକ୍ରମ ଆରମ୍ଭ ହୋଇଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ ଓ ମାନସିକ ଅଭିବୃଦ୍ଧି ରେ ସହାୟକ ହେବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ପ୍ରମିଳା ବଳିଆରସିଂ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେକଳେ ସୁଦୀପ୍ତା ମହାପାତ୍ର ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ବିଦ୍ୟାଳୟ ର ସଭାପତି ସୁମିତ୍ରା ବେହରଦଳାଇ ଙ୍କ ସମେତ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ଶତପଥୀ, ମିନାକ୍ଷୀ ତ୍ରିପାଠୀ, ସବିତା ମହାନ୍ତି, ରଞ୍ଜନ କୁମାର ପାଣିଗ୍ରାହୀ, ମୋହିନୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁଦୀପ୍ତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୬୪୫ ଥାନାକୁ ପଛରେ ପକାଇ ନିଆଳୀ ଥାନା ନଂ ୧ ମାନ୍ୟତା



ନିଆଳି **୧୦/୩ (ନି.ପ୍ର):** କଟକ ଜିଲ୍ଲା ନିଆଳି ଅଞ୍ଚଳରେ ଆଇନ ଶୃଂଖଳା ରକ୍ଷା ପାଇଁ ପୂର୍ବ ଗୋବିନ୍ଦପୁର ଥାନାରୁ ବିଭାଜନ ହୋଇ ନିଆଳୀ ବଜାରରେ ୧୯୮୮ ମସିହାରେ ପ୍ରତିଷ୍ଠା ହୋଇଥିଲା ନିଆଳୀ ଥାନା । ଉଦ୍ଦେଶ୍ୟ ଥିଲା ନିଆଳୀ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ଓ ଅପରାଧ କାର୍ଯ୍ୟକଳାପ ଉପରେ ନଜର ରଖିବା । ଘାତ ପ୍ରତିଘାତ ଭିତରେ ନିଆଳୀ ଥାନାକୁ ପୁରୁଛି ୩୭ ବର୍ଷ । ଅନେକ ଥାନା ଅଧିକାରୀ ନିଆଳୀ ଥାନା ଦାୟିତ୍ୱ ତୁଲାଉଛନ୍ତି । କେବେ ନିଆଳୀ ଥାନା ମାନ୍ୟତା ଶିର୍ଷରେ ନଥିଲା । ରାଜ୍ୟର ୬୪୫ ଥାନାକୁ ପଛରେ ପକାଇ ନିଆଳୀ ଥାନା ଏବେ ସି.ସି.ଟି.ଏସ ରିପୋର୍ଟରେ ସ୍ଥାନ ପାଇଥିବା ନେଇ ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ନିଆଳୀ ଅଞ୍ଚଳର ବୃଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନ, ସାମ୍ବାଦିକ ସଂଘ ଓ ବିଭିନ୍ନ ରାଜନୈତିକ ନେତା ମାନଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ଦୀର୍ଘ ବର୍ଷ ପରେ ନିଆଳୀ ଥାନା ଏକ ନମ୍ବର ମାନ୍ୟତା ଶିର୍ଷରେ ପହଞ୍ଚି ଥିବାରୁ କଟକ ଜିଲ୍ଲା ଏସପି ପ୍ରତିକ କୁମାର ସିଂ,ସଦର କଟକ ଉପଖଣ୍ଡ ଅଧିକାରୀ କିରଣ ହେମ୍ବ୍ରମ ଓ ନିଆଳୀ ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କୁ ସମ୍ବର୍ଦ୍ଧନାର ସୁଅ ଛୁଟିଛି । ବିଶେଷ କରି ନିଆଳୀ ଥାନାରେ ଯେବେ ଠାରୁ ବିଜୟ କୁମାର ମଲ୍ଲିକ ଆଇଆଇସି ଭାବରେ କାର୍ଯ୍ୟ ଭାର ସମ୍ଭାଳି ଆସୁଛନ୍ତି ସେବେଠାରୁ ନିଆଳୀ ଅଞ୍ଚଳରେ ଆଇନ ଶୃଂଖଳା କ୍ଷେତ୍ରରେ ବହୁ ସୁଧାର ଆସିଛି । ଏମିତି ଅନେକ ପୁରୁଣା ମାମଲାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ଏବଂ ନୂଆ କେସକୁ ତ୍ୱରିତ୍ୱ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ନେଇ ନିଆଳୀ ଅଞ୍ଚଳରେ ଚର୍ଚ୍ଚା ହେଉଛି ।ସୂଚନା ମୁତାବକ କଟକ ଜିଲ୍ଲାର ପ୍ରମୁଖ ଆଇଆଇସି ଭାବରେ ଶ୍ରୀ ମଲ୍ଲିକ ସ୍ପେଶାଲ ସ୍କ୍ୱାର୍ଡ ମାଧ୍ୟମରେ ଜିଲ୍ଲା ଓ ଜିଲ୍ଲା ବାହାରେ ଅନେକ ଅପରାଧି ମାନଙ୍କୁ ଗିରଫ କରିବାରେ ସଫଳତା ଅର୍ଜନ କରିଥିବା ନେଇ ସୂଚନା ମିଳିଛି । ଶ୍ରୀ ମଲ୍ଲିକ ସାଇବାର କ୍ରାଇମ ଓ ବିଭିନ୍ନ ଅପରାଧ କ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ନିର୍ଣ୍ଣୟ ଭୂମିକା ଗ୍ରହଣ କରିବା ଦିଗରେ ସଫଳ ଅଧିକାରୀ ଭାବରେ ବର୍ଣ୍ଣନା କରାଯାଉଛି । ଯଦ୍ଦ୍ୱାରାକି ନିଆଳୀ ଅଞ୍ଚଳରେ ପାଖାପାଖି ତିନି ଦଶନ୍ଧି ହେବ ପଛରେ ଥିବା ନିଆଳୀ ଥାନା ଶ୍ରୀ ମଲ୍ଲିକଙ୍କ କାର୍ଯ୍ୟ ସମୟରେ ଏକ ନମ୍ବର ମାନ୍ୟତା ପାଇବାରେ ଏହା ଏକ ସଫଳ ମାଇଲ ଖୁଣ୍ଟ ବୋଲି କୁହାଯାଇଛି । ନିଆଳୀ ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ବର୍ତ୍ତମାନ ନିଆଳୀ ଅଞ୍ଚଳର ଜନସାଧାରଣଙ୍କ ଅତି ନିକଟତର ହେବା ଯୋଗୁଁ ଏହା ସମ୍ଭବ ପର ହୋଇପାରୁଛି ବୋଲି କୁହାଯାଉଛି ।

## 'ମହିଳା ମାନେ ସ୍ୱାବଲମ୍ବୀ ହେବା ଜରୁରୀ'ଅତାବିରା ରେ ଆନ୍ତର୍ଜାତୀୟ ମହିଳା ଦିବସ ରେ 'ସୁଗନ୍ଧା' ପାଳିତ

ବରଗଡ଼ **୧୦/୩ (ନି.ପ୍ର):** ବରଗଡ଼ ଜିଲ୍ଲା ଅତାବିରା ଆନ୍ଧ୍ର କଲ୍ୟାଣ ମଣ୍ଡପ ଠାରେ ଆୟୋଜକ ଅତାବିରା ବିଧାୟକ ନିହାର ମହାନନ୍ଦ ଙ୍କ ଅଧ୍ୟକ୍ଷତା ରେ ଆନ୍ତର୍ଜାତୀୟ ମହିଳା ଦିବସ 'ସୁଗନ୍ଧା' ମହା ସମାରୋହ ରେ ପାଳିତ ହୋଇ ଯାଇଛି ।କାର୍ଯ୍ୟକ୍ରମ ରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ,ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ,ଜିଲ୍ଲା ବିଜେପି ନେତା ସୁରେଶ୍ୱର ଶତପଥୀ,ସିଡିପିଓ ଉର୍ମିଳା ପରିଡ଼ା,ଅବସର ପ୍ରାପ୍ତ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ତପସ୍ୱିନୀ ଗୁରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଧର୍ମପତ୍ନୀ ପଞ୍ଚମୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ ।ଏହି ଅବସରରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷୟିତ୍ରୀ,କବୟିତ୍ରୀ ତଥା ସମାଜ ସେବୀ ଙ୍କୁ ସାରସ୍ୱତ ସମ୍ମାନ ରେ ସମ୍ବର୍ଦ୍ଧିତ କରିବା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୩୦ ଜଣ ମହିଳା ଓ ଆଶାକର୍ମୀ,ଏବଂ ୨୦ ଜଣ କଲେଜ ଛାତ୍ରଛାତ୍ରୀ ଙ୍କୁ ଟ୍ରଫି ଓ ମାନ ପତ୍ର ଦେଇ ସମ୍ମାନିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ରଶ୍ମୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ ।ମହିଳା ମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଭିନ୍ନ ଯୋଜନା ଗୁଡ଼ିକୁ ହାତକୁ ନେଇଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀ ମହାଲିଂଗ କହିଥିଲେ ।ଖିରେଶ୍ୱରି ସ୍ୱାଇଁ,ସୁଭ୍ରତା ପାଢ଼ୀ,ସନ୍ତୋଷ ବାରିକ୍,ଜି ସତିଶ ଚୌଧୁରୀ,ଅଭିଷେକ ସାହୁ ପ୍ରମୁଖ ସହଯୋଗ କରିଥିଲେ ।ଶତାଧିକ ମହିଳା,ଅଙ୍ଗନୱାଡ଼ି କର୍ମୀ,ଆଶା କର୍ମୀ ଓ ଛାତ୍ରୀ ମାନେ ଉପସ୍ଥିତ ଥିଲେ ।ଶେଷରେ ପ୍ରିୟ ଦର୍ଶିନୀ ଅର୍ଚ୍ଚନା ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆନନ୍ଦପୁର ମହାବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝରଗଡ,୧୦/୩: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲା ଗସ୍ତରେ ଆସି ଆନନ୍ଦପୁର ମହାବିଦ୍ୟାଳୟର ୬୧ ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ପାଇଁ ପ୍ରାୟ ୪୨ କୋଟି ଟଙ୍କାର ୧୬ ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିବା ବେଳେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରାୟ ୧୧୮ କୋଟି ଟଙ୍କା ବ୍ୟୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି।ସୂଚନାଯୋଗ୍ୟ ଯେ, ଏହି ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନନ୍ଦପୁର ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ, ମଲ୍ଟି ପର୍ପୋଜ ହଲ ନିର୍ମାଣ, ସେମିନାର ହଲ ନିର୍ମାଣ, ଖେଳପଡିଆର ଉନ୍ନତିକରଣ ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ୩ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ କୋଟି ଟଙ୍କା ଏବଂ କେନ୍ଦୁଝର ଡିଏମ୍‌ଏଫ୍ ପାଣ୍ଠିରୁ ୨ କୋଟି ଟଙ୍କା ଏହି ମହାବିଦ୍ୟାଳୟକୁ ଯୋଗାଇ ଦେବା ପାଇଁ ଘୋଷଣା କରିଥିଲେ। ଏଥିସହିତ ଆନନ୍ଦପୁର ମହାବିଦ୍ୟାଳୟକୁ ସମୁଦାୟ ୭ କୋଟି ଟଙ୍କାର ଆର୍ଥିକ ସାହାଯ୍ୟ ଯୋଗାଇବା ସହିତ ଏହାକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ଆନନ୍ଦପୁର ଠାରେ ଷ୍ଟାଡିଅମର ପୂର୍ଣ୍ଣାଙ୍ଗ ପାଇଁ ୨୦ କୋଟି ଟଙ୍କାର ଆର୍ଥିକ ସହାୟକ ଘୋଷଣା କରିଛନ୍ତି।ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆନନ୍ଦପୁର ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଅନନ୍ୟ। ପ୍ରତିବର୍ଷ ଏହି ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ବିଭିନ୍ନ ବିଷୟରେ ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଶୀର୍ଷତମ ସ୍ଥାନ ଅଧିକାର କରି ଏହି ଅନୁଷ୍ଠାନର ଗାରିମାକୁ ବହୁଗୁଣିତ କରିଛନ୍ତି। ଏପରି ଏକ ମହାନ ଅନୁଷ୍ଠାନରେ ମୁଁ ଅଧ୍ୟୟନ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ମହାବିଦ୍ୟାଳୟରେ ପଢୁଥିବା ସମୟର ସ୍ମୃତି ବଖାଣିଥିଲେ। ନିଜ ପୁରାତନ ଶିକ୍ଷକ ଓ ବନ୍ଧୁ ମାନଙ୍କ ବିଷୟରେ କହି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ନିଜ ଉଦବୋଧନରେ ମୁଖ୍ୟମନ୍ତ୍ରୀ ୧୯୮୭ ମସିହାରେ + ୨ ବିଜ୍ଞାନ ପଢୁଥିବା ସମୟର ଅନେକ ଘଟଣାକୁ ମନେ ପକାଇବା ସହିତ ବରିଷ୍ଠ ବନ୍ଧୁ ମାନଙ୍କ ସାହାଯ୍ୟ ବିଷୟରେ କହିଥିଲେ।ଛାତ୍ର ଜୀବନ ସର୍ବଦା ସଂଘର୍ଷମୟ, ଏହି ସଂଘର୍ଷ ହିଁ ତୁମ ମାନଙ୍କୁ ଦିନେ ସଫଳ କରାଇବ। ନିଜ ପରିଶ୍ରମ ଉପରେ ଦୃଢ଼ ବିଶ୍ୱାସ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆଶୀର୍ବାଦ ହିଁ ତୁମ ମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ।ଆଜିର ଛାତ୍ରଛାତ୍ରୀ କାଲିର ଭବିଷ୍ୟତ । ବର୍ତ୍ତମାନ ଶିକ୍ଷା ପାଇବା ଏକ ବଡ ସମସ୍ୟା ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଗୁଣାତ୍ମକ ଶିକ୍ଷା। ଯୁବବର୍ଗଙ୍କୁ ଉତ୍ତମ ଶିକ୍ଷା ପରିବେଶ



ଜରିଆରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଦକ୍ଷତା ବିକାଶ କରି ସେମାନଙ୍କୁ ଭାରତର ବିକାଶଧାରାରେ ସାମିଲ କରିବା ଲକ୍ଷ୍ୟରେ ଆମେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦କୁ କାର୍ଯ୍ୟକାରୀ କରିଛୁ । ଯୁବପିଢ଼ିଙ୍କୁ ଏକ ସାମଗ୍ରିକ ଏବଂ ଉପାଦେୟ ଶିକ୍ଷା ବ୍ୟବସ୍ଥା ପ୍ରଦାନ କରି ଯୋଗ୍ୟ କରିବା ଲକ୍ଷ୍ୟ ହେଉଛି ଏହି ନୂତନ ଶିକ୍ଷା ନୀତିର ଉଦ୍ଦେଶ୍ୟ। କିନ୍ତୁ, ଦୁଃଖର କଥା ରାଜନୈତିକ କାରଣରୁ ଏହାକୁ ଓଡିଶାରେ କାର୍ଯ୍ୟକରି କରାଯାଇ ନଥିଲା। କିନ୍ତୁ, ଆମ ସରକାର ଆସିବା ମାତ୍ରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ, ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରାଯାଇଛି ଏବଂ ସ୍ଥାନୀୟ ପ୍ରସଙ୍ଗୀକରଣ ସହିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚାକୁ ଓଡ଼ିଶା ପାଇଁ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଭାବରେ ମଧ ଗ୍ରହଣ କରାଯିବ। ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହାବିଦ୍ୟାଳୟସ୍ତରରେ ପି.ଏମ୍. ଉଷା ଯୋଜନା ଲାଗୁ କରାଯାଉଛି। ଏହି ଯୋଜନାରେ ଗୁଣାତ୍ମକ ଶିକ୍ଷାଦାନ, ଆଇ.ସି.ଟି. ଆଧାରିତ ଭିତ୍ତିଭୂମି ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ରହିଛି ବୋଲି ସେ କହିଥିଲେ।ସେ ପୁଣି କହିଥିଲେ ଯେ, ଉଚ୍ଚ ଶିକ୍ଷାରେ ଆମ ସରକାର ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି। ଆମ ସରକାର ଉଭୟ ଶିକ୍ଷା ଏବଂ ପରୀକ୍ଷାରେ ସଂସ୍କାର ଆଣିଛନ୍ତି। ଶିକ୍ଷାର ମାନ ବୃଦ୍ଧି କରିବା ସହିତ ବିଦ୍ୟାର୍ଥୀମାନେ କିପରି ଭାବେ ମେରିଟ ଅନୁଯାୟୀ ଚାକିରି ଏବଂ ଉଚ୍ଚ ଶିକ୍ଷା ପାଇବେ ସେଥିପାଇଁ ଆମେ କାର୍ଯ୍ୟ କରୁଛୁ। ଏଣିକି, ଚାକିରି କେବଳ ସେମାନେ ପାଇବେ, ଯେଉଁମାନେ ହକଦାର। ସରକାରୀ ଚାକିରି ସେମାନଙ୍କ ପାଇଁ ନୁହେଁ, ଯାହା ପକେଟରେ ପଇସା ଅଛି। ଆପଣମାନ ସମସ୍ତେ ଅଧବସାୟ କରନ୍ତୁ, ପରିଶ୍ରମ କରନ୍ତୁ। ଆଗାମୀ ପାଞ୍ଚ ବର୍ଷରେ ଅତି କମରେ ୨ ଲକ୍ଷ ସରକାରୀ ଚାକିରିର ଦ୍ୱାର ଆପଣଙ୍କ ପାଇଁ ଅପେକ୍ଷା କରି ରହିଛି, ଯାହା ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରକ୍ରିୟାରେ ହେବ। ଆମ ରାଜ୍ୟର ଉନ୍ନତିରେ ଶିକ୍ଷା ଏକ ବହୁତ ବଡ ମାଧ୍ୟମ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ବଜେଟରେ କେବଳ ଶିକ୍ଷା ପାଇଁ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରାଯାଇଛି ଯାହା ମୋଟ ବଜେଟର ୧୪.୨ ପ୍ରତିଶତ ଏବଂ ଜିଏସଡିପି ର ୩.୯ ପ୍ରତିଶତ ଯାହା ସାରା ଦେଶରେ ପ୍ରାୟ ସବୁଠାରୁ ଅଧିକ। କେବଳ ଉଚ୍ଚଶିକ୍ଷା ପାଇଁ ୩ ହଜାର ୬୫୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିରୁ, ଆପଣମାନେ ସରକାରଙ୍କ ଶିକ୍ଷା ପ୍ରତି ପ୍ରତିବଦ୍ଧତା ଜାଣିପାରିବେ। ଆଗାମୀ ଦିନରେ ଓଡ଼ିଶାର ଶିକ୍ଷା, ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଛାତ୍ରଙ୍କ ବିକାଶପାଇଁ ଆମ ସରକାର ସମସ୍ତ ପଦକ୍ଷେପ ନେବେ ଏବଂ ଓଡ଼ିଶାର ଶିକ୍ଷାର ବିକାଶ ଦ୍ୱାରା ଓଡ଼ିଆ ଛାତ୍ର ଓ ଶିକ୍ଷକ ଜାତୀୟ ଓ ଅନ୍ତର୍ଜାତୀୟ ମାନକ ଓ ସୂଚକାଙ୍କରେ ସମକକ୍ଷ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଆବଶ୍ୟକ

ଭୁବନେଶ୍ୱର,୧୦/୩: ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଆଜି ବିଜୁ ପଟ୍ଟନାୟକ ପ୍ରଦର୍ଶନୀ ପଡ଼ିଆ, ବରମୁଣ୍ଡାଠାରେ ଆୟୋଜିତ ଓଡ଼ିଶା ମାଇନିଂ ଏକ୍ସପୋ ଏବଂ କନକ୍ଲେଭର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ଇଣ୍ଡଷ୍ଟ୍ରି ଲିଡର, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ, ଭାରତର ଖଣିଜ-ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖଣି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ହୋଇଛି, ଯାହା ନିଯୁକ୍ତି, ଭିତ୍ତିଭୂମି ଏବଂ ଶିଳ୍ପ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ଲୁହପଥର, ବକ୍‌ସାଇଟ୍, କୋଇଲା, ମାଙ୍ଗାନିଜ୍ ଏବଂ କ୍ରୋମାଇଟ୍‌ର ବିପୁଳ ଭଣ୍ଡାର ସହିତ ଓଡ଼ିଶା ଭାରତର ସମ୍ପଦ-ଚାଳିତ ବିକାଶରେ ଏକ ପ୍ରମୁଖ ରାଜ୍ୟଭାବରେ ନିଜକୁ ସ୍ଥାନିତ କରିଛି । ରାଜ୍ୟପାଳ କରିଥିଲେ ଯେ ଆଜି ଖଣି କେବଳ ସମ୍ପଦ ଖନନ ଓ ନିଷ୍କାସନ ନୁହେଁ ବରଂ ସ୍ଥାୟୀ ବିକାଶ, ପ୍ରଯୁକ୍ତିବିଦ୍ୟା ଏବଂ ସମାଜ କଲ୍ୟାଣକୁ ପ୍ରାଥମିକତା ଦେଉଛି । ସ୍ୱୟଂଚାଳିତକରଣ, ଡିଜିଟାଲାଇଜେସନ୍ ଏବଂ ସବୁଜ ଖଣି ପଦକ୍ଷେପ ଶିଳ୍ପ କ୍ଷେତ୍ରକୁ ରୂପାନ୍ତରିତ କରୁଛି । କୃତ୍ରିମ



ବୁଦ୍ଧିମତ୍ତା, ତଥ୍ୟ ବିଶ୍ଳେଷଣ ଏବଂ ଆଧୁନିକ ଅନୁସନ୍ଧାନ କୌଶଳର ବ୍ୟବହାର ଫଳରେ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶଗତ ପ୍ରଭାବକୁ ହ୍ରାସ କରୁଛି । ଦାୟିତ୍ୱପୂର୍ଣ୍ଣ ଖଣି କାର୍ଯ୍ୟକ୍ରମ କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱ ପ୍ରତି ସନ୍ତୋଷ ପ୍ରକାଶ କରି ରାଜ୍ୟପାଳ ଏହି କ୍ଷେତ୍ରରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଉପରେ ରାଜ୍ୟପାଳ ଗୁରୁତ୍ୱ ଗୁରୁତ୍ୱାରୋପ କରିଥିଲେ । ଖଣି ପ୍ରଭାବିତ ଅଂଚଳରେ ପ୍ରଭାବିତ ଗୋଷ୍ଠୀଙ୍କ କଲ୍ୟାଣ, ପରିବେଶ ସଂରକ୍ଷଣ ଏବଂ ପୁନର୍ବାସକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିବା ସହିତ ବନୀକରଣ, ଜଳ ସଂରକ୍ଷଣ ଏବଂ ଗୋଷ୍ଠୀ ଉନ୍ନୟନକୁ ପ୍ରାଥମିକତା ଦେବାକୁ କହିଥିଲେ । ମାଇନିଂ ଏକ୍ସପୋ ଓ କନକ୍ଲେଭରେ ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ମଧ୍ୟରେ ଆଲୋଚନା, ପର୍ଯ୍ୟାଲୋଚନା ମାଧ୍ୟମରେ ଶିଳ୍ପ ପ୍ରଗତି ଓ ପରିବେଶଗତ ସନ୍ତୁଳନ ଉପରେ ଭାବ ବିନିମୟ ଓ ଜ୍ଞାନ ଅର୍ଜନ ପାଇଁ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅର୍ନ୍ତଦୃଷ୍ଟି ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନା ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋସାହିତ କରୁଥିବା ନୀତିଗୁଡ଼ିକୁ ଆପଣେଇବାରେ ସହାୟକ ହେବ ବୋଲି କହିଥିଲେ । ଏହି ଅବସରରେ ଏକ ଉତ୍ପାଦନକ୍ଷମ, ଦକ୍ଷ ଏବଂ ସାମାଜିକ ଦାୟିତ୍ୱବୋଧ ଥିବା ଖଣି କ୍ଷେତ୍ର ପାଇଁ ସାମୁହିକ ଭାବେ କାର୍ଯ୍ୟ କରିବାକୁ ସମସ୍ତ ଅଂଶୀଦାରମାନଙ୍କୁ ରାଜ୍ୟପାଳ ଡ. କମ୍ଭମ୍ପାଟି ଆହ୍ୱାନ ଜଣାଇଥିଲେ । ଫ୍ୟୁଚରେକ୍ସର ଅଧକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆୟୋଜକ କମିଟିର ଅଧକ୍ଷ ତଥା ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ୍ ଚାନ୍ଦ ମାଇନିଂ ଏକ୍ସପୋ ଆଣ୍ଡ କନ୍‌କ୍ଲେଭ୍‌ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଏବଂ କାର୍ଯ୍ୟାଧାରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଲୁମିନସ୍ ଇନ୍‌ଫୋୱେଜ୍‌ର ଏମ୍.ଡି. ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କିମ୍ବଦନ୍ତୀ ବଂଶୀବାଦକ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି / କର୍ମକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିୟ ମହିଳା ଦିବସ ଅବସରରେ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ

ଭବାନୀପାଟଣା , ୧୦/୩: ଆନ୍ତର୍ଜାତିୟ ମହିଳା ଦିବସ ପାଳନ ଅବସରରେ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି ଗଞ୍ଜାମ ଠାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ହିତାଧିକାରୀମାନଙ୍କୁ ସିଧାସଳଖ ତାଙ୍କ ବ୍ୟାଙ୍କ ଖାତାକୁ



ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ଅର୍ଥ ରାଶି ଡି.ବି.ଟି. ମାଧ୍ୟମରେ ପ୍ରଦାନ କରିଥିଲେ । ରାଜ୍ୟର ଏକ କୋଟି ଚଉଷଠି ହଜାର ରୁ ଉର୍ଦ୍ଧ ହିତାଧିକାରୀ ଏହା ଦ୍ୱାରା ଉପକୃତ ହୋଇଛନ୍ତି । ଏଥିରେ କଳାହାଣ୍ଡି ଜିଲ୍ଲାର ତିନି ଲକ୍ଷ ପଞ୍ଚାଅଶି ହଜାରରୁ ଉର୍ଦ୍ଧ ସୁଭଦ୍ରା ଯୋଜନା ହିତାଧିକାରୀ ଉପକୃତ ହୋଇଛନ୍ତି । ଏହି ଅବସରରେ ଅଭାଷୀ ମାଧ୍ୟମରେ ସମସ୍ତ ଜିଲ୍ଲା ସହିତ ଯୋଡି ହୋଇଥିବା ଜିଲ୍ଲାସ୍ତରୀୟ ଆନ୍ତର୍ଜାତିୟ ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ହିତାଧିକାରୀମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମ୍ବୋଧନ କରି ଶୁଭେଚ୍ଛା ଜଣାଇ ନାରୀ ଶାସକ୍ତକରଣ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆ, ଭବାନୀପାଟଣା ଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ମୁଖ୍ୟ ବକ୍ତା ଭି.ସି. ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା ନିବେଦିତା ନାଥ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଦୟାମୟୀ ପାଢୀ, ସାଂସଦ କଳାହାଣ୍ଡି ଙ୍କ ପ୍ରତିନିଧି ଜୟ ଶଙ୍କର ନାଏକ, ବିଧାୟକ ଧର୍ମଗଡ ଙ୍କ ପ୍ରତିନିଧି ଯୁଗଳ କିଶୋର ପୋଢ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିୟ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍‌ସି କେଲେଙ୍କାରୀ

# ରାଜାଙ୍କ ଘରେ ପୁଣି ଇଓଡବ୍ଲ୍ୟୁ ଚଢ଼ଉ



ଭୁବନେଶ୍ୱର/କେନ୍ଦୁଝର/ଗୁଆଲି,୧୦/୩: ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍‌ସିରେ ଆର୍ଥିକ ଅନିୟମିତତା ଘଟଣାରେ ଆଜି ଦ୍ୱିତୀୟଥର ପାଇଁ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) କେନ୍ଦୁଝରରେ ରାଜା ଚକ୍ରଙ୍କ ଘରେ ଚଢ଼ଉ କରିଛି। ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉରେ ସାମିଲ ଥିଲା। ସେହିପରି ରାଜାଙ୍କ ଏକାଧିକ ବ୍ୟାବସାୟିକ ପ୍ରତିଷ୍ଠାନରେ ମଧ ଇଓଡବ୍ଲ୍ୟୁ ଚଢ଼ଉ କରିଥିବା ବେଳେ ଦୁଇଟି ସ୍କ୍ରିନିଂ ମେସିନ୍ ଓ ଗୋଟିଏ ପୋକଲେନ୍ ଜବତ ହୋଇଥିବା ସୂଚନା ମିଳିଛି। ଜବତ ସ୍କ୍ରିନିଂ ମେସିନ୍‌ର ଦାମ ୩ କୋଟି ବୋଲି ଜଣାଯାଇଛି। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଅନିୟମିତତା ଘଟଣାରେ ଏସ୍‌ଟିଏଫ୍ ଓ ଇଓଡବ୍ଲ୍ୟୁ କିଛି ଦିନ ଧରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏହି ଘଟଣାରେ ଗତ ଦୁଇଦିନ ଧରି ରାଜା ଚକ୍ରଙ୍କ ସହଯୋଗୀ ପ୍ରଭାତ ପଟ୍ଟନାୟକ ଓ ସୁଶାନ୍ତ ସାମଲଙ୍କୁ ଜେରା କରାଯାଇଥିଲା। ଆଜି ରାଜାଙ୍କ ଘର ଏବଂ କିଛି ବ୍ୟାବସାୟିକ ପ୍ରତିଷ୍ଠାନରେ ଚଢ଼ଉ ହୋଇଛି। କେନ୍ଦୁଝରସ୍ଥିତ ରାଜାଙ୍କ ଘରେ ଇଓଡବ୍ଲ୍ୟୁର ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଗଠିତ ଟିମ୍ ଚଢ଼ଉ କରିବା ସହ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛନ୍ତି। ସେହିପରି କେନ୍ଦୁଝର ସହରରେ ଥିବା ଶଙ୍କର ମିନେରାଲ୍ ଅଫିସରେ ଚଢ଼ଉ କରାଯାଇ କାଗଜପତ୍ର ଯାଞ୍ଚ କରାଯାଇଛି। ସେପଟେ ଶନିବାର ପୂର୍ବାହ୍ନରେ ଗୁଆଲିସ୍ଥିତ ଜେଏସ୍‌ଡବ୍ଲ୍ୟ ଖଣିରେ ରୁଗୁଡ଼ି ପୁଲିସ ଉପସ୍ଥିତିରେ ଇଓଡବ୍ଲ୍ୟୁ ଚଢ଼ଉ କରିଥିଲା। ସେଠାରେ ରାଜାଙ୍କ ମାଲିକାନାରେ ଥିବା ଦୁଇଟି ସ୍କ୍ରିନିଂ ପ୍ଲାଣ୍ଟ ଓ ଗୋଟିଏ ପୋକ୍‌ଲିନ୍ ମେସିନ୍ ଜବତ କରାଯାଇଥିବା ସୂଚନା ମିଳିଛି। ଗତ ଦୁଇ ସପ୍ତାହ ଧରି ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଲୋଡିଂ ଏଜେନ୍‌ସିର ଆର୍ଥିକ ଅନିୟମିତତାର ତନାଘନା କରୁଛି। ପୂର୍ବରୁ ଏହି ଘଟଣାରେ ଏଜେନ୍‌ସିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସଂପାଦକ ଉତ୍କଳ ଦାସଙ୍କୁ ଗିରଫ କରାଯାଇଛି। ଏଥିସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ ଜବତ ହୋଇଛି। ସେମାନଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ରାଜାଙ୍କୁ ଇଓଡବ୍ଲ୍ୟୁ ଜେରା କରିଥିଲା। ପରେ ସହଯୋଗୀ ସୁଧାଂଶୁ ଶେଖର ନାୟକ, ସମୀର କୁମାର ଜେନା, ସଦାଶିବ ସାମଲ, ପ୍ରଭାତ ପଟ୍ଟନାୟକ ଓ ସୁଶାନ୍ତ ସାମଲଙ୍କୁ ମଧ ପଚରାଉଚରା କରାଯାଇଛି।

# ମୃତ୍ୟୁମୁଖରେ 'ଭାର୍ଗବୀ': ପୋତି ହୋଇଗଲାଣି ନଦୀଶଯ୍ୟା, ପ୍ରଭାବିତ ହେଲାଣି ଶାଖା ନଈ

ପୁରୀ,୧୦/୩: ମୃତ୍ୟୁମୁଖରେ ଚିରସ୍ରୋତା 'ଭାର୍ଗବୀ'। ନା ଆଗଭଳି ଜଳପ୍ରବାହ ଦେଖିବାକୁ ମିଳୁଛି ନା ଚାଷବାସ ପାଇଁ ଉପଯୋଗୀ ହୋଇପାରୁଛି। ଚାରିଆଡ଼େ କେବଳ ବାଲି, ପଙ୍କ, ପଡ଼ିଆ ହିଁ ଦୃଶ୍ୟମାନ ହେଉଛି। ଭୌଗୋଳିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ପାଇଥିବା ପୁରୀ ଜିଲ୍ଲାର ପ୍ରମୁଖ ନଦୀ 'ଭାର୍ଗବୀ'ର ଏଭଳି ଚିତ୍ର ନଦୀକୂଳିଆ ଅଞ୍ଚଳବାସୀଙ୍କୁ ଶଙ୍କାରେ ପକାଇଛି। ଏଭଳି ସ୍ଥିତି ଲାଗି ରହିଲେ, ଆଗକୁ ଯେ ଜଳାଭାବ ପରି ଭୟଙ୍କର ସ୍ଥିତି ଉପୁଜିବ, ଏଥିରେ ଦ୍ୱିମତ ନାହିଁ। ଅପରପକ୍ଷେ 'ଭାର୍ଗବୀ' ଶୁଖିଲା ପଡ଼ିବାରୁ ଏହାର ଶାଖା ନଈ ସବୁ ଶୁଖିଗଲାଣି। ଏହା ଜିଲ୍ଲାର ଚାଷବାସକୁ ପ୍ରଭାବିତ କରିବାରେ ଲାଗିଲାଣି। ନଦୀକୂଳିଆ ଅଞ୍ଚଳରେ ଆଉ ଆଗଭଳି ଚାଷବାସ ହେଉନି। ମହାନଦୀର ପ୍ରମୁଖ ଶାଖା ନଦୀ ଭିତରେ 'ଭାର୍ଗବୀ' ଅନ୍ୟତମ। ମହାନଦୀର ଜଳରାଶି କୁଆଖାଇ ନଦୀ ଦେଇ ଭାର୍ଗବୀରେ ମିଶିବା ପରେ ଦୟା, ଲୁଣା ଆଦି ନଦୀ ଦେଇ ଚିଲିକାରେ ମିଶିଛି। ପୁରୀ ଜିଲ୍ଲାରେ 'ଭାର୍ଗବୀ' ବାମପାର୍ଶ୍ୱରେ ୪୮ କିଲୋମିଟର ଓ ଡାହାଣପାର୍ଶ୍ୱରେ ୮୮.୩ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି। 'ଭାର୍ଗବୀ'ରୁ ଦୟା, ଲୁଣା, ରତ୍ନଚିରା, କାଞ୍ଚି ଭଳି ଅନେକ ଶାଖା ନଦୀ ଜନ୍ମ ନେଇଛନ୍ତି, ଯେଉଁମାନେ 'ଭାର୍ଗବୀ'ର ଜଳକୁ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଚାଷବାସକୁ ନିୟନ୍ତ୍ରଣ କରୁଥିଲେ। କିନ୍ତୁ 'ଭାର୍ଗବୀ' ଶୁଖିଯିବା ପରେ ଆଉ ଶାଖା ନଦୀରେ ଆଗଭଳି ଜଳ ପ୍ରବାହିତ ହେଉନାହିଁ। କେବଳ ବର୍ଷାଦିନକୁ ଛାଡ଼ିଦେଲେ ଅନ୍ୟ ଦିନରେ 'ଭାର୍ଗବୀ' ଓ ଏହାର ଶାଖା ନଦୀ ଶୁଖିଲା ପଡୁଛି। ପୁରୀ ସଦର ବ୍ଲକର ସବୁ ଅଞ୍ଚଳରେ ଏହା ଜଳଜଳ ଦିଶୁଛି। ପୁରୀ ଜଳସେଚନ ବିଭାଗର ତଥ୍ୟ ଅନୁସାରେ,



ଶେଷଥର ୨୦୧୧ ମସିହାରେ 'ଭାର୍ଗବୀ'ର ଜଳସ୍ତର ସର୍ବାଧିକ ୭.୭୧ ମିଟର ଉଚ୍ଚରେ ପ୍ରବାହିତ ହୋଇଥିଲା। ଏହା ପରଠାରୁ କେବେ ବି ଏହି ଉଚ୍ଚତା ଛୁଇଁନି 'ଭାର୍ଗବୀ'ର ଜଳ। ଏହାମଧ୍ୟରେ ୧୫ ବର୍ଷ ଅତିକ୍ରାନ୍ତ ହେବାକୁ ବସିଲାଣି। କେବଳ ବର୍ଷା ସମୟରେ ଜଳସ୍ତର ଅତି ବେଶୀରେ ୫ରୁ ୬ ମିଟର ଭିତରେ ରହୁଛି। ଚନ୍ଦନପୁର ଓ ଆଖପାଖ ଅଞ୍ଚଳର ଚାଷୀଙ୍କ ମତରେ, ଭାର୍ଗବୀ କ୍ରମେ ପୋତି ହେବାରେ ଲାଗିଛି। ଏହାର ଜଳଧାରଣ କ୍ଷମତା ଦିନକୁ ଦିନ କମିବାରେ ଲାଗିଛି। ବହୁ ଦିନ ହେବ ଏହାର ଖନନ ହୋଇନି କି ଜଳଧାରଣ କ୍ଷମତା ବଢ଼ାଇବା କଥା ଚିନ୍ତା କରାଯାଉନି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେଉଁ ଗଛପତ୍ର ସବୁ ଭାଙ୍ଗିପଡୁଛି, ତାହା ସେହିଭଳି ନଦୀ ଭିତରେ ପଡ଼ିରହୁଛି। ଯାହାଦ୍ୱାରା କେବଳ 'ଭାର୍ଗବୀ' ନୁହେଁ, ଏହାର ଶାଖା ନଦୀଗୁଡ଼ିକ ବି ପୋତି ହେବାରେ ଲାଗିଛି। ଫଳସ୍ୱରୂପ ନଦୀର ଜଳଧାରଣ କ୍ଷମତା ହ୍ରାସ ପାଇବା ସହ ବର୍ଷାଦିନେ ନଦୀଜଳ ସିଧାସଳଖ ଚିଲିକାକୁ ଚାଲିଯାଉଛି। ରାଜ୍ୟ ସରକାର ଯଦି ନଦୀନାଳର ଖନନ ପ୍ରତି ଯଥେଷ୍ଟ ଦୃଷ୍ଟି ଦିଅନ୍ତେ, ବର୍ଷାଜଳକୁ ସଂରକ୍ଷଣ ରଖିବାର ବ୍ୟବସ୍ଥା କରନ୍ତେ, ତେବେ 'ଭାର୍ଗବୀ' ସହ ଏହାର ଶାଖା ନଦୀନାଳରେ ବର୍ଷତମାମ ଜଳ ପ୍ରବାହିତ ହୁଅନ୍ତା। କିନ୍ତୁ ସେଭଳି କିଛି ଚିନ୍ତା କରାଯାଉନି।

# ୨୦ହଜାର ହେକ୍ଟରରେ ରବି ଧାନ: ଆରମ୍ଭ ହେଲା ରୁଆ

କୋରାପୁଟ,୧୦/୩: ରବି ଧାନ ଚାଷ ପାଇଁ ଚାଷୀ ପୁରା ଦମରେ ଲାଗିପଡ଼ିଛନ୍ତି। ୨୦୨୫-୨୬ବର୍ଷରେ ଜିଲ୍ଲାରେ ଧାନ ୨୦ହଜାର ୮୨୦ ହେକ୍ଟରରେ ଚାଷ କରାଯାଉଛି। ଜୟପୁର ଉପଖଣ୍ଡରେ ୧୮ହଜାର ୮୦୦ହେକ୍ଟର ଓ କୋରାପୁଟ ଉପଖଣ୍ଡରେ ୨୦୨୦ହେକ୍ଟର ଜମିରେ ରବି ଚାଷ ହେଉଥିବା ସୂଚନା ମିଳିଛି। ଚାହିଦା ମୁତାବକ କୃଷି ଶ୍ରମିକ ମିଳୁ ନାହାନ୍ତି। ପରିବାରବର୍ଗ ସହ ଅନ୍ୟ ଅଞ୍ଚଳର ଶ୍ରମିକଙ୍କୁ ଅଧିକା ମଜୁରୀ ସହ ଆଟୋରେ ନେବା ଆଣିବା , ଖାଇବାକୁ ଦେଇ ଧାନ ରୁଆ କାମ ଆରମ୍ଭ କରାଯାଉଛି।ଜିଲ୍ଲାରେ ଚାଷୀମାନେ ସରକାରୀ ବିହନକୁ ଅପେକ୍ଷା ନ କରି ହାଇବ୍ରିଡ୍ ଧାନ ବିହନ, ଘରୋଇ କମ୍ପାନିର ରାସୟନିକ ସାର ପକାଇ ଚାଷ ଆରମ୍ଭ କରିସାରିଲେଣି। କେଉଁଠି ହଳ ତ ଆଉ କେଉଁଠି ପାଓ୍ୱରଟିଲର, ଟ୍ରାକ୍ଟର ଲଗାଇ କାଦୁଅ କରାଯାଉଛି। ଗତ



କିଛି ଦିନ ହେବ ଧାନ ରୁଆ ବି ଆରମ୍ଭ ହୋଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିଚାଷ ୨୦୨୫-୨୬ବର୍ଷ ପାଇଁ କେତେ ଚାଷ ହେବ ତାହାର ସମ୍ପୂର୍ଣ୍ଣ ବିବରଣୀ ଓ ଯୋଜନା ପ୍ରସ୍ତୁତ କରାଯାଇଛି। ଜିଲ୍ଲାରେ ଏବର୍ଷ ଖାଦ୍ୟଶସ୍ୟ ବର୍ଗରେ ୨୫ହଜାର ୯୪୦ହେକ୍ଟର ଓ ଡାଲି, ତେଲବୀଜ , ମସଲା, ଆଖୁ,ଲେମନଗ୍ରାସ ଆଦି ୬୧ହଜାର ୩୪୦ହେକ୍ଟର ଏଭଳି ସର୍ବମୋଟ ୮୭ହଜାର ୨୮୦ହେକ୍ଟର ଜମିରେ ଚାଷ କରାଯାଉଛି। ଉପରକୋଲାବ ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ସହ ବିଭିନ୍ନ ଜଳସ୍ରୋତରୁ ୭୪ହଜାର ୫୭୦ହେକ୍ଟର ଜମିକୁ ପାଣି ମାଡୁଥିବା କହିଛନ୍ତି ମୁଖ୍ୟଜିଲ୍ଲା କୃଷି ଅଧିକାରୀ । ୧୨ହଜାର ୭୧୦ହେକ୍ଟର ଜମିରେ ପାଣି ମାଡୁ ନଥିଲେ ହେଁ ଜମି ଗୁଡିକର ଆଦ୍ରାତା ଓ ଖାଲଜମି ହୋଇଥିବାରୁ ଏଥିରେ ସେଭଳି ଚାଷ କରାଯାଉଛି । ଗତ ଚାରି ବର୍ଷ ହେବ ତେଲିଙ୍ଗିରୀ ମଧ୍ୟମ ଜଳସେଚନ ପ୍ରକଳ୍ପ ଏହି ବର୍ଷ ୪ହଜାର ୨୬୪ହେକ୍ଟର ଜମିରେ ଚାଷ କରାଯାଉଥିବା ବେଳେ ଏବର୍ଷ ସ୍ପିଲୱେ ମରାମତି ପାଇଁ ବନ୍ଦ ରହିଛି। ଗତ ବର୍ଷ ତୁଳନାରେ ଏହି ବର୍ଷ ଧାନ୪୫୦୦ହେକ୍ଟର କମ୍ ଚାଷ କରାଯାଉଛି। ଖାସ୍ କରି ଧାନର ଉତ୍ପତ୍ତିସ୍ଥଳୀ ଜୟପୁର ଉପଖଣ୍ଡର ଜୟପୁର, ବୋରିଗୁମ୍ମା, କୋଟପାଡ ଅଂଚଳରେ ଉପରକୋଲାବ ଜଳସେଚନ ପ୍ରକଳ୍ପ ଦ୍ୱାରା ଜଳ ଜମିରେ ମାଡୁଥିବାରୁ ଚାଷୀମାନେ ହାଇବ୍ରିଡ୍ ବିହନ ତଳି ପକାଇଛନ୍ତି। ଏହା ଦ୍ୱାରା କମ ଦିନରେ ଧାନ ଉତ୍ପାଦନ ହେଉଥିବାରୁ ଏହି ଧାନକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଚାଷୀମାନେ କହିଛନ୍ତି। ସେହିପରି କୋରାପୁଟ ଉପଖଣ୍ଡରେ କିଛି ଚାଷୀ ନାଳ ପାଣି ତଥା କିଛି ଉପରକୋଲାବ ଜଳଭଣ୍ଡାରରୁ ଉଠା ଜଳସେଚନ ବ୍ୟବସ୍ଥାରେ ପାଣି ଉଠାଇ ଚାଷ କରୁଛନ୍ତି। ଏଥରକ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିଚାଷ ପାଇଁ ଖାଦ୍ୟଶସ୍ୟ ବିହନ ୪୧୦୦କ୍ୟୁଣ୍ଟାଲ ଓ ଅନ୍ୟାନ୍ୟ ବିହନ ୫୪୦କ୍ୟୁଣ୍ଟାଲ ଏଭଳି ବିଭିନ୍ନ ବିତରକଙ୍କ ନିକଟରେ ବିକ୍ରି ପାଇଁ ଦିଆଯାଇଥିଲା। ସେହିଭଳି ବିଭିନ୍ନ ବିତରକଙ୍କୁ ୟୁରିଆ ୬୫୦୦ମେଟ୍ରିକ ଟନ, ଏସଏସପି ୬୦୦ଏମଟି, ଡିଏପି ୩୫୦୦ଏମଟି, ଏମଓପି ୧୦୦୦ଏମଟି, କମ୍ପ୍ଲେକ୍ସ ୩୨୦୦ଏମଟି ଏଭଳି ୧୪ହଜାର ୮୦୦ଏମଟି ସାର ଯୋଗାଇ ଦିଆଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda    Mananging Editor- Sarangdhar Senapati    ସଂପାଦକ- ବଳରାମ ପ୍ରସାଦ ନନ୍ଦ